


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com






ପ୍ରକାଶ ପାଇଲା

ଡଃ ଭାଗବତ ବେହେରାଙ୍କର

ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ

ବନ୍ଧୁ ମହାନ୍ତି

ପ୍ରାପ୍ତିସ୍ଥାନ :

ତାରିଣୀ ବିଦ୍ୟା ଭଣ୍ଡାର

ଷ୍ଟେସନ ରୋଡ,

ବାଲେଶ୍ୱର-୧

ମୂଲ୍ୟ ଟ୧୫୦/-



ବାଲେଶ୍ୱର ■ ମଙ୍ଗଳବାର ୦୮ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 08 MARCH 2022

Vol.No. 33 ■ No. 64 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


## ଆସିଲା ୫ ରାଜ୍ୟର ଏକଜିଟ୍ ପୋଲ୍



ନୂଆଦିଲ୍ଲୀ, ୦୭/୦୩ : ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର, ଗୋଆ ଆଉ ପଞ୍ଜାବରେ ଏଥର କିଏ ଗଢିବ ସରକାର? କେଉଁ ଦଳର ନେତା ବସିବେ ମୁଖ୍ୟମନ୍ତ୍ରୀ ଆସନରେ? କେଉଁ ରାଜ୍ୟରେ ଚାଲିବ କାହାର ରାଜ୍? ଏସବୁ ପ୍ରଶ୍ନକୁ ନେଇ ଏବେ ବି ଚର୍ଚ୍ଚା ଆଲୋଚନା ଚାଲିଥିବାବେଳେ, ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳକୁ ନେଇ ଆସିଛି ଏକଜିଟ୍ ପୋଲ୍ । ଅଧିକାଂଶ ଏକଜିଟ୍ ପୋଲ୍ ରିପୋର୍ଟରେ ୟୁପିରେ ପୁଣି ବିଜେପି ସରକାର ଗଠନ ହେବା ନେଇ ଆକଳନ କରାଯାଇଥିବାବେଳେ, ପଞ୍ଜାବରେ ପ୍ରଥମ କରି ଆପ୍ ସରକାର ଗଠନ ହେବା ନେଇ ଆକଳନ କରାଯାଉଛି । ସେହିପରି ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ବିଜେପି ପୁଣି ସରକାର ଗଠନ କରିବାର ମ୍ୟାଜିକ୍ ନମ୍ବର ଛୁଇଁବ ବୋଲି ଅନେକ ସଂସ୍ଥା ଆକଳନ କରିଛନ୍ତି । ୪୦୩ ବିଧାନସଭା ସିଟ୍ ବିଶିଷ୍ଟ ଉତ୍ତରପ୍ରଦେଶରେ ସରକାର ଗଠନ ପାଇଁ କୌଣସି ଦଳ କିମ୍ବା ମେଂଟକୁ ୨୦୨ ବିଧାୟକଙ୍କ ସମର୍ଥନ ଆବଶ୍ୟକ । ଆଉ ଏଥର ବିଜେପି ଉତ୍ତରପ୍ରଦେଶରେ ୨୮୮ରୁ ୩୨୬ ବିଧାୟକ ସିଟ୍ ଜିତିପାରେ ବୋଲି ଇଣ୍ଡିଆ ଟୁଡେ ଆକ୍ସିସ୍ ମାଇଁ ଇଣ୍ଡିଆ ଆକଳନ କରିଛି । ସେହିପରି ସମାଜବାଦୀ ପାର୍ଟିକୁ ୭୧ରୁ ୧୦୧ ଆସନ, ବିଏସପିକୁ ୩ରୁ ୯ ଆସନ, କଂଗ୍ରେସକୁ ୧ରୁ ୩ ଆସନ ଓ ଅନ୍ୟାନ୍ୟଙ୍କୁ ୨ରୁ ୩ ଆସନ ମିଳିପାରେ ବୋଲି ଇଣ୍ଡିଆ ଟୁଡେ ଆକଳନ କରିଛି । ସେହିପରି ଜନ୍ କି ବାତ୍ ଆକଳନ ଅନୁସାରେ, ଉତ୍ତରପ୍ରଦେଶରେ ବିଜେପି ୨୨୨ରୁ ୨୬୦ ଆସନ ଜିତିପାରେ, ସମାଜାବାଦୀ ପାର୍ଟିକୁ ୧୩୫ରୁ ୧୬୫ ଆସନ ମିଳିପାରେ । ଅନ୍ୟପଟେ ବିଏସପିକୁ ୪ରୁ ୯ ଆସନ, କଂଗ୍ରେସକୁ ୧ରୁ ୩ ଆସନ ମିଳିପାରେ ବୋଲି ଜନ୍ କି ବାତ୍ ଆକଳନ କରିଛି । ସେହିପରି ପି-ଏମଏଆରକ୍ୟୁର ଆକଳନ ଅନୁସାରେ, ଏଥର ଉତ୍ତରପ୍ରଦେଶରେ ବିଜେପିକୁ ୨୪୦ ଆସନ, ସମାଜବାଦୀ ପାର୍ଟିକୁ ୧୪୦ ଆସନ, ବିଏସପିକୁ ୧୭, କଂଗ୍ରେସକୁ ୪ଟି ଆସନ ମିଳିପାରେ । ପଞ୍ଜାବରେ ଏଥର ସରକାର ଗଢିପାରେ ଆପ୍ । ଅଧିକାଂଶ ଏକଜିଟ୍ ପୋଲ୍ ରିପୋର୍ଟରେ ଏବେ ଏଭଳି କିଛି ଆକଳନ କରାଯାଇଛି । ଇଣ୍ଡିଆ ଟୁଡେ ଆକ୍ସିସ୍ ମାଇଁ ଇଣ୍ଡିଆର ଆକଳନ ଅନୁସାରେ, ପଞ୍ଜାବରେ ଆମ୍ ଆଦମୀ ପାର୍ଟିକୁ ୭୬ରୁ ୯୦ ଆସନ ମିଳିପାରେ । ସେହିପରି କଂଗ୍ରେସକୁ ୧୯ରୁ ୩୧ ଆସନ, ବିଜେପିକୁ ୧ରୁ ୪ ଆସନ, ଶିରୋମଣୀ ଅକାଳୀ ଦଳକୁ ୭ରୁ ୧୧ ଆସନ ମିଳିପାରେ । ସେହିପରି ଏବିପି

▶▶ପୃଷ୍ଠା ୭


## ରୁଷ-ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ମୋଦୀଙ୍କ କଥାବାର୍ତ୍ତା



ନୂଆଦିଲ୍ଲୀ, ୦୭/୦୩ : ୟୁକ୍ରେନ ରୁଷ୍ ଯୁଦ୍ଧକୁ ନେଇ ସାରା ବିଶ୍ୱ ଚିନ୍ତିତ ଥିବାବେଳେ ଆଜି ଉଭୟ ଦେଶର ରାଷ୍ଟ୍ରପତିଙ୍କ ସହ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦୁଇ ଦେଶ ନିଜ ନିଜ ଜିଦରେ ଅଟଳ ରହିଥିବାବେଳେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି ମୋଦି । ଏଥିସହ ଫସି ରହିଥିବା ଭାରତୀୟଙ୍କୁ କିଭଳି ସୁରକ୍ଷିତ ଉଦ୍ଧାର କରାଯାଇପାରିବ ତା ଉପରେ ଗୁରୁତ୍ୱ ଦେଇଛନ୍ତି । ରୁଷ-ୟୁକ୍ରେନ ରାଷ୍ଟ୍ରପତିଙ୍କ ସହ ମୋଦୀଙ୍କ ଆଲୋଚନା । ଯୁଦ୍ଧ ନୁହେଁ, ଆଲୋଚନା ଉପରେ ମୋଦୀଙ୍କ ଗୁରୁତ୍ୱ । ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦେଶର ମୁଖିଆଙ୍କ ସହ କଥା ହୋଇଛନ୍ତି । ଯୁଦ୍ଧର ଅନ୍ତ କେବେ ହେବ ସମସ୍ତେ ଅପେକ୍ଷା କରିଛନ୍ତି । ଏପରି ସ୍ଥିତିରେ ଉଭୟ ଦେଶର ନେତାଙ୍କ ସହ ବିଭିନ୍ନ ଦେଶର ନେତା ଫୋନରେ କଥା ହେଉଛନ୍ତି । ସୋମବାର ମୋଦୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହେବା ବେଳେ ଲୋକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ତେଣୁ ଯୁଦ୍ଧ ବନ୍ଦ କରି ସିଧା ୟୁକ୍ରେନ ପ୍ରତିପକ୍ଷଙ୍କ ସହ କଥା ହୁଅନ୍ତୁ ବୋଲି ମୋଦୀ ପୁଟିନଙ୍କୁ କହିଛନ୍ତି । କେବଳ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିହେବ ବୋଲି ମୋଦୀ କହିଛନ୍ତି । ଉଭୟଙ୍କ ମଧ୍ୟରେ ପ୍ରାୟ ୫୦ ମିନିଟ୍ ଧରି ଆଲୋଚନା ହୋଇଥିଲା । ସେହିପରି ୟୁକ୍ରେନ ରାଷ୍ଟ୍ରପତି ଭୋଲଦମିର ଜେଲେନସ୍କିଙ୍କ ସହ ମଧ୍ୟ ସୋମବାର ସକାଳେ କଥା ହୋଇଥିଲେ ପ୍ରଧାନମନ୍ତ୍ରୀ ମୋଦୀ । ୟୁକ୍ରେନରୁ ଉଦ୍ଧାରକାର୍ଯ୍ୟ ପାଇଁ ସହଯୋଗ କରୁଥିବାରୁ

▶▶ପୃଷ୍ଠା ୭

## ପୁଣି ଚିନ୍ତା ବଢାଇଲାଣି ଚୀନ୍ : ଉହାନରେ ବ୍ୟାପିଲାଣି କରୋନା ଭୂତାଣୁ



ନୂଆଦିଲ୍ଲୀ, ୦୭/୦୩ : ପୁଣି ଚିନ୍ତା ବଢାଇଲାଣି ଚୀନ୍ । ଚୀନରେ କଲବଲ କଲାଣି କରୋନା । କିଛି ଦିନର ଆଶ୍ୱସ୍ତି ପରେ କରୋନାକୁ ନେଇ ଆସିଛି ବଡ଼ ଖବର । ଚୀନ ମିଡିଆର ସୂଚନା ଅନୁସାରେ, କରୋନାର ଉତ୍ପତିସ୍ଥଳ ଉହାନରେ ପୁଣି ଥରେ କାୟାବିସ୍ତାର କଲାଣି ମହାମାରୀ କରୋନା ଭୂତାଣୁ । ପାଖାପାଖି ୨ ବର୍ଷ ପରେ ଉହାନରେ ପ୍ରଥମ ଥର ପାଇଁ ଗୋଟିଏ ଦିନରେ ୫୨୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଆଉ ଏମାନଙ୍କ ମଧ୍ୟରୁ ୨୧୪ଜଣଙ୍କ ଠାରେ ଲକ୍ଷଣ ରହିଥିବା ବେଳେ ୩୧୨ଜଣ ଲକ୍ଷଣବିହୀନ । କରୋନାକୁ ନେଇ କିଛି ଦିନର ଆଶ୍ୱସ୍ତି ପରେ, ଏବେ ଚୀନରୁ ଯେଉଁ ଖବର ଆସିଛି, ତାହା ପୁଣି ଥରେ ଚିନ୍ତା ବଢାଇବା ଭଳି । ଚୀନରେ କରୋନାର ସର୍ବାଧିକ ମାମଲା ସାମ୍ନାକୁ ଆସିବା ପରେ ଅନ୍ୟଦେଶମାନେ ମଧ୍ୟ ସତର୍କ ହେଲେଣି । ଏପରିକି ନିଜ ନାଗରିକମାନଙ୍କୁ କରୋନା ନିୟମ ପାଳନ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ତେବେ କରୋନାର ଭୟାବହତା ବର୍ତ୍ତମାନ ସମୟରେ ଏତେଟା ନଥିଲେ ମଧ୍ୟ, ଆମକୁ ସର୍ବଦା ସତର୍କ ରହିବାକୁ ପଡିବ । ତେଣୁ ଘରୁ ବାହାରକୁ ବାହାରିଲେ ମୁହଁରେ ସର୍ବଦା ମାସ୍କ ପିନ୍ଧନ୍ତୁ ଏବଂ ଗହଳି ସ୍ଥାନରୁ ଦୂରେଇ ରୁହନ୍ତୁ ।

## ବେସରକାରୀ ମେଡିକାଲ କଲେଜରେ ଲାଗୁ ହେବ ସରକାରୀ ଫି'

ନୂଆଦିଲ୍ଲୀ, ୦୭/୦୩ : ଡାକ୍ତରୀ ପାଠ ନାମଲେଖା ପାଇଁ ପ୍ରଧାନମନ୍ତ୍ରୀଙ୍କ ବଡ ଘୋଷଣା । ବେସରକାରୀ ମେଡିକାଲ କଲେଜରେ ଲାଗୁ ହେବ ସରକାରୀ ଫି' । ବେସରକାରୀ ମେଡିକାଲ କଲେଜର ଅଧା ସିଟ୍ ପାଇଁ ଏହା ଲାଗୁ ହେବ । ଅଧା ସିଟ ସରକାରୀ କଲେଜ ଫି ସହ ସମାନ ରହିବ । ଏହାଦ୍ୱାରା ଗରିବ ଓ ମଧ୍ୟବି ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଯୁଦ୍ଧ ବଢ଼ାଉଛି ବଜାରରେ ଅସ୍ଥିରତା : ମହଙ୍ଗା ହେଲାଣି ଖାଇବା ତେଲ

ଭୁବନେଶ୍ୱର, ୦୭/୦୩ (ନି.ପ୍ର): ୟୁକ୍ରେନ ଉପରେ ରୁଷର ଆକ୍ରମଣ ଖାଦ୍ୟଶସ୍ୟ ଯୋଗାଣ ପ୍ରତି ବଡ ଧରଣର ବିପଦ ସୃଷ୍ଟି କରିଛି । ୟୁକ୍ରେନରୁ ବିଭିନ୍ନ ପ୍ରକରୀ ଖାଦ୍ୟସାମଗ୍ରୀ ମଗାଉଥିବା ୟୁରୋପ, ଆଫ୍ରିକା ଓ ଏସିଆ ମହାଦେଶର ବହୁ ଦେଶ ଚିନ୍ତିତ ହୋଇପଡିଛନ୍ତି । ଭାରତରେ ମଧ୍ୟ ଏହାର ପ୍ରଭାବ ପଡିଛି । ଗୋଟିଏ ସପ୍ତାହ ଭିତରେ ଖାଇବା ତେଲର ଦାମ ପ୍ରାୟ ୫୦ ଟଙ୍କା ବଢିଯାଇଛି । ଆମ ଦେଶରେ ୭୦ ପ୍ରତିଶତ ଖାଇବା ତେଲ ବିଦେଶରୁ ଆମଦାନୀ ହୋଇଥାଏ । ଏବେ ଯୁଦ୍ଧ ଯୋଗୁଁ ତେଲ ଆମଦାନୀ ବାଧାପ୍ରାପ୍ତ ହୋଇଛି । ଆଉ ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ଚଢା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ସୂର୍ଯ୍ୟମୂଖୀ ତେଲ ୨୦ ପ୍ରତିଶତ ଆମଦାନୀ ହୁଏ । ଏହି ତେଲ ୟୁକ୍ରେନରୁ ଆସିଥାଏ । ଯୁଦ୍ଧ ପାଇଁ ତେଲ ଆମଦାନୀ ଏବେ ପ୍ରଭାବିତ ହୋଇଛି । ତେବେ ଓଡ଼ିଶା ବ୍ୟବସାୟୀ ମହାସଂଘ ଅଧ୍ୟକ୍ଷ ସୁଧାକର ପଣ୍ଡା ସୂଚନା ଦେଇ କହିଛନ୍ତି ଯେ, ଓଡ଼ିଶା ସିଧାସଳଖ ୟୁକ୍ରେନରୁ ତେଲ ମଗାଏ ନାହିଁ । ପଶ୍ଚିମବଙ୍ଗ ଓ ଆନ୍ଧ୍ର ମାଧ୍ୟମରେ ଓଡ଼ିଶା ତେଲ କିଣିଥାଏ । ତେବେ ବର୍ତ୍ତମାନ ସୁଦ୍ଧା ଠିକ୍ ଭାବେ ସାମଗ୍ରୀ ଆସୁଛି କିନ୍ତୁ ସରକାର ଯଦି ଅନାବଶ୍ୟକ ଭାବେ ଏନଫୋର୍ସମେଂଟ ୱାର୍କ କରି ବ୍ୟସ୍ତ କରାଇବେ ତାହା ହେଲେ ବ୍ୟବସାୟୀ ମାନେ କେହି ଜିନିଷ ମଗାଇବେ ନାହିଁ । ବର୍ତ୍ତମାନ ସୁଦ୍ଧା ତେଲର କୌଣସି ଅଭାବ ନାହିଁ ତେଣୁ ଭୟ କରିବାର ନାହିଁ ବୋଲି କହିଛନ୍ତି ସୁଧାକର ପଣ୍ଡା ।

## ୟୁକ୍ରେନ୍‌ରୁ ଫେରିଲେ ୭୭ ଓଡିଆ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୦୭/୦୩ (ନି.ପ୍ର): ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନ୍ ରେ ପାଠ ପଢୁଥିବା ୭୭ ଓଡିଆ ଛାତ୍ରଛାତ୍ରୀ ସୋମବାର ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରେ ପହଂଚିଛନ୍ତି । ଓଡିଶା ଫେରିଆସିଥିବା ଛାତ୍ରଛାତ୍ରୀ ମାନଙ୍କ ପରିବାରର ଏହି ଆନନ୍ଦମୟ ମୁହୂର୍ତରେ ବିମାନବନ୍ଦରରେ ସେମାନଙ୍କ ସହ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସ୍ୱତନ୍ତ୍ର ବିମାନ ଆଜି ନୂଆଦିଲ୍ଲୀରୁ ୭୭ଜଣ ଓଡିଆ ଛାତ୍ରଛାତ୍ରୀଙ୍କୁ ନେଇ ସଂଧ୍ୟା ୦୫.୩୦ ମିନିଟରେ ଭୁବନେଶ୍ୱରରେ ପହଂଚିଥିଲା ।

▶▶ପୃଷ୍ଠା ୭

## ବିନା କଟକଣାରେ ହେବ ପୌର ନିର୍ବାଚନ ପ୍ରଚାର : ନିର୍ବାଚନ କମିଶନର

ଭୁବନେଶ୍ୱର, ୦୭/୦୩ (ନି.ପ୍ର): ରାଜ୍ୟରେ କୋଭିଡ ପଜିଟିଭିଟି ହାର ହ୍ରାସ ପାଇଥିବାରୁ ପୌର ନିର୍ବାଚନ ପ୍ରଚାରରେ କୌଣସ କରୋନା କଟକଣା ନାହିଁ। ସାଧାରଣ ଭାବେ ଯେମିତି ପ୍ରଚାର କରାଯାଏ, ସେମିତି ପ୍ରଚାର କରାଯାଇପାରିବ। ତେବେ ଯଦି ଆଗକୁ ରାଜ୍ୟରେ କରୋନା ସଂକ୍ରମଣ ବଢ଼େ, ତେବେ ପୁଣି କଟକଣା ଲାଗୁ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୮୯୯ଟି ୱାର୍ଡରେ ହେବ ପୌର ନିର୍ବାଚନ । ଏଥିପାଇଁ ୪୪୭୫ଟି ବୁଥ୍ ରହିଛି । ଚଳିତ ବର୍ଷ ମୋଟ ୪୨ ଲକ୍ଷ ଭୋଟର ଭୋଟ୍ ଦେବେ ।ପ୍ରତି ପୋଲିଂ ଟିମରେ ଜଣେ ପ୍ରିଜାଇଡିଂ ଅଫିସର ଓ ୪ ପୋଲିଂ ଅଫିସର ରହିବେ। ଏଥର ପୋଲିଂ କର୍ମଚାରୀ ଚାହିଁଲେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରି ପାରିବେ। ପ୍ରଥମ ଥର ପାଇଁ ପୌରସଂସ୍ଥା ନିର୍ବାଚନରେ ନୋଟା ବିକଳ୍ପ ବ୍ୟବହାର ହେବ। ଇଭିଏମର ସବାଶେଷରେ ନୋଟା ବଟନ୍ ରହିବ । ନିର୍ବାଚନ ମଇଦାନରେ ଭୋଟରଙ୍କ ମନପସନ୍ଦର ପ୍ରାର୍ଥୀ ନଥିଲେ ଭୋଟରମାନେ ନୋଟା ବ୍ୟବହାର କରିପାରିବ । ପୌର ନିର୍ବାଚନ ପାଇଁ ପ୍ରତ୍ୟେକ ବୁଥରେ ଦୁଇଟି ଲେଖାଏଁ ଇଭିଏମ୍ ରହିବ ।

## ମାଲିକାଣୀଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଠକିନେଲା ଡ୍ରାଇଭର

ଭୁବନେଶ୍ୱର, ୦୭/୦୩ (ନି.ପ୍ର): ମାଲିକାଣୀଙ୍କ ବ୍ୟାଙ୍କ ଆକାଉଂଟରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଗାଏବ କରିବା ଅଭିଯୋଗରେ କମିଶନରେଟ୍ ପୋଲିସ୍ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାଁ ମନୋଜ ମାହାନା (୩୫)। ତା' ଘର ଡମଣାର ଗୋପୀନାଥ ସାହିରେ। ସେ ଚନ୍ଦ୍ରଶେଖରପୁରର ଡ. ଗୌରୀ ଦାସ (୭୧)ଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ମନୋଜଠାରୁ ପୋଲିସ୍ ଦୁଇଟି ମୋବାଇଲ୍ ଫୋନ୍, ୩ଟି ସିମ୍, ୪ଟି ବ୍ୟାଙ୍କ୍ ପାସ୍ ବୁକ୍ , ୩ଟି ଏଟିଏମ୍ କାର୍ଡ ଓ ଗୋଟିଏ ଆଧାରକାର୍ଡ ଜବତ କରିଛି। ଅଭିଯୋଗ ଅନୁଯାୟୀ, ମଝିରେ ଗୌରୀ ଦାସ ଅସୁସ୍ଥ ଥିଲେ। ସେଥିପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେ ଡାକ୍ତରଖାନାରେ ପଡ଼ିଥିବା ସମୟରେ ତାଙ୍କ ଆକ୍ସିସ ବ୍ୟାଙ୍କ ଆକାଉଂଟରୁ ଅଜଣା ଲୋକଙ୍କ ଆକାଉଂଟକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ବ୍ୟାଙ୍କ ପାସ୍ ବୁକ୍ ଅପ୍ ଡେଟ୍ କରିବା ପରେ ସେ ୯.୯୫ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ମୋବାଇଲ୍ ରୁ ଫୋନ୍ ପେ' ମାଧ୍ୟରେ ଏହି ସବୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ବାଲେଶ୍ୱର ପୌରପାଳିକାରେ ୫ ଅଧ୍ୟକ୍ଷ-୧୩୨ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନ



ବାଲେଶ୍ୱର,୦୭/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନ ପାଇଁ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ନାମାଙ୍କନ ଦାଖଲ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ଶେଷ ଦିନରେ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷ ପଦ ସମେତ ବିଭିନ୍ନ ୱାର୍ଡ଼ ପାଇଁ ମୋଟ ୧୦୨ ଜଣ ପ୍ରାର୍ଥୀ ଦାମାଙ୍କନପତ୍ର ଦାଖଲ କରିଛନ୍ତି। ତନ୍ମଧ୍ୟରୁ ୫ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ଓ ୯୭ ଜଣ କାଉନସିଲର ପ୍ରାର୍ଥୀ ଥିବା ପୌର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୭ ଦିନରେ ଅଧ୍ୟକ୍ଷ ପଦ ପାଇଁ ସବିତା ସାହୁ, ରଶ୍ମିରେଖା ଦେବ, ପ୍ରଜ୍ଞାପାରମିତା ବିଶ୍ୱାଳ, ସଂଧ୍ୟା ଚକ୍ରବର୍ତ୍ତୀ ଓ ଚିତ୍ରାରାଣୀ ପାତ୍ର ୫ ଜଣ ଓ ୩୧ ଗୋଟି କାଉନସିଲର ପଦ ପାଇଁ ମୋଟ ୧୩୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି। ତେବେ ଶେଷଦିନରେ ଆଜି ବିଭିନ୍ନ ରାଜନୈତିକ ଦଳଙ୍କ ପକ୍ଷରୁ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଆସିଥିବା ଲକ୍ଷ୍ୟ କରାଯାଇଛି। ଦଳୀୟ କର୍ମକର୍ତ୍ତା, କର୍ମୀ, ସହଯୋଗୀ ଓ ସମର୍ଥକଙ୍କ ଗହଣରେ ବାଜା ଓ ରୋଷଣୀ ମଧ୍ୟରେ ପ୍ରାର୍ଥୀମାନେ ସହର ପରିକ୍ରମା ସହ ପୌରପାଳିକା ପର୍ଯ୍ୟନ୍ତ ଆସିଥିଲେ। ନାମାଙ୍କନ ଦାଖଲ କରିଥିବା ପ୍ରତ୍ୟେକ ପ୍ରାର୍ଥୀ ନିଜର ବିଜୟକୁ ନେଇ ଆଶାବାଦୀ ଥିବା କହିଛନ୍ତି। ନିର୍ବାଚିତ ହେବା ପରେ ସହରବାସୀଙ୍କ ଯାବତୀୟ ସେବା ଯୋଗାଇବା ସାଙ୍ଗକୁ ଲୋକଙ୍କ ସମସ୍ୟାର ସମାଧାନ କରିଦେବେ ବୋଲି ପ୍ରତିଶ୍ରୁତି ବି ଦେଇଛନ୍ତି। ସେହିଭଳି କାଉନସିଲର ପଦ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀମାନେ ମଧ୍ୟ ମିଡିଆ ଜରରିଆରେ ଅନୁରୂପ ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳିଥିଲା। ଆସନ୍ତା ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ସହ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୪ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ସେହିଦିନ ସଂଧ୍ୟା ୫ଟା ସୁଦ୍ଧା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୪ ତାରିଖ ସକାଳ ୮ରୁ ଅପରାହ୍ଣ ୫ ପର୍ଯ୍ୟନ୍ତ ମତଦାଦ ଚାଲିବ ବୋଲି ପୌର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଇଂ.ସୁରେନ୍ଦ୍ର ନାଥ ଦାସଙ୍କର ଋରିଖଣ୍ଡ ପୁସ୍ତକ ଉନ୍ମୋଚିତ

### ପାରିବାରିକ ଓ ସମାଜ ଜୀବନର ବାସ୍ତବ ପ୍ରତିଛବିରେ ହୋଇଛି ରୂପାୟିତ



ବାଲେଶ୍ୱର, ୦୭/୦୩ (ନି.ପ୍ର): 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ ଅବସରପ୍ରାପ୍ତ ବିଦ୍ୟୁତ୍‌ବିଭାଗର ଜେନେରାଲ୍ ମେନେଜର ଇଂ.ସୁରେନ୍ଦ୍ର ନାଥ ଦାସଙ୍କ ଲିଖିତ ନୂତନ ଋରିଖଣ୍ଡି ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ ଗତ ୬ତାରିଖ ପୂର୍ବାହ୍ନରେ ବାଲେଶ୍ୱର ସହରସ୍ଥ ହୋଟେଲ୍ କଳିଙ୍ଗ ସଭାକକ୍ଷରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ୭୨ବର୍ଷ ବୟସରେ ଲେଖନୀଋଳନା ଆରମ୍ଭକରି ମାତ୍ର ୩ବର୍ଷ ଅବଧି ମଧ୍ୟରେ ୧୯ଖଣ୍ଡି ବିବିଧ ବିଭାଗର ପୁସ୍ତକମାନ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ଉପହାର ଦେଇଥିବା ଇଂ.ଦାସଙ୍କ ନିରନ୍ତର ସାରସ୍ୱତ ସାଧନାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ଚଳିତ ପୁସ୍ତକ ଉନ୍ମୋଚନ ଉତ୍ସବକୁ ଏକ ଭିନ୍ନ ଢଙ୍ଗରେ ଇଂ.ଦାସ ଆୟୋଜନ କରିଥିଲେ । ଯେଉଁଥିରେକି କେବଳ ମହିଳାମାନେ ଅତିଥି ଭାବରେ ଯୋଗ ଦେଇଥିଲେ । ଉନ୍ମୋଚିତ ଋରିଗୋଟି ପୁସ୍ତକ ନାୟିକା ପ୍ରଧାନ ହୋଇଥିବାରୁ ସେ ମହିଳାଅତିଥିଙ୍କୁ ମଞ୍ଚାସୀନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ନିଜର ବକ୍ତବ୍ୟରେ କହିଥିଲେ । ବାଲେଶ୍ୱର ଜିଲ୍ଲାର ପ୍ରଥମ ଓଡ଼ିଶୀ ନୃତ୍ୟାଙ୍ଗନା ଅନସୂୟା ନାଏକ, ଯେ କି ଜଣେ ନିରନ୍ତର ସୁପାଠିକା ଭାବେ ସବୁରି ଶ୍ରଦ୍ଧାଶୀଳ, ସେ ଏହି ଉନ୍ମୋଚନ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସଭାରେ ପୌରୋହିତ୍ୟ କରିଥିଲେ । ଇଂ.ଦାସଙ୍କ ଫକୀରମୋହନ କଲେଜ ଜୀବନର ସହପାଠିନୀ କବୟିତ୍ରୀ ଯଶୋଧାରା ଦାସଙ୍କ ଦ୍ୱାରା ପୁସ୍ତକଗୁଡ଼ିକ ଉନ୍ମୋଚିତ ହୋଇଥିଲା । ଉତ୍ସବରେ ବରେଣ୍ୟଅତିଥି ଭାବରେ ଯୋଗଦାନ କରିଥିଲେ 'ଧ୍ୱନିପ୍ରତିଧ୍ୱନି'ର ସମ୍ପାଦିକା କବି ସୈରିନ୍ଧ୍ରୀ ସାହୁ, ସାହିତ୍ୟିକା ଅରୁଣା ରାୟ, ବି.କେ.ମିନତୀ, କବି ସତ୍ୟଭାମା ମୁଦୁଲି, ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣିଗ୍ରାହୀ । ଉନ୍ମୋଚିତ ପୁସ୍ତକ ଉପନ୍ୟାସ 'ସୁଭଦ୍ରା', ଓ 'ଲକ୍ଷ୍ମୀ', ଏବଂ କାବ୍ୟଗ୍ରନ୍ଥ 'ଜନ୍ମ ଜନ୍ମାନ୍ତରେ ସାଥୀ ମୋର', କବିତା ସଂକଳନ 'ସ୍ମୃତି ଏକ ଝରାଫୁଲ'କୁ ସମୀକ୍ଷା କରିଥିଲେ ପୁସ୍ତକର ପ୍ରକାଶକ 'ସୁବର୍ଣ୍ଣଶ୍ରୀ'ର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା । ଶ୍ରୀ ପଣ୍ଡା ପୁସ୍ତକଗୁଡ଼ିକର ସମୀକ୍ଷା କରି କହିଥିଲେ ଯେ, ଇଂ.ଦାସ ତାଙ୍କ ପତ୍ନୀଙ୍କୁ ନେଇ ଦୀର୍ଘ ୫୨ବର୍ଷର ଦାମ୍ପତ୍ୟ ଜୀବନର ମଧୁମୟ ସ୍ମୃତିକୁ 'ଜନ୍ମ ଜନ୍ମାନ୍ତରେ ସାଥୀ ମୋର'ରେ ଯେଭଳି ସରଳ ଓ ସାବଲୀଳ ଭାଷାବିନ୍ୟାସରେ ବର୍ଣ୍ଣନା କରିବାରେ ସଫଳ ହୋଇଛନ୍ତି, ସେହିଭଳି ଭାବେ 'ସୁଭଦ୍ରା' ଭଳି ଏକ ରାଜନୈତିକ ଉପନ୍ୟାସ ମଧ୍ୟରେ ସମାଜ ଜୀବନର ଅତି ବାସ୍ତବ ଘଟଣାବଳୀକୁ ହୃଦୟସ୍ପର୍ଶୀ ବର୍ଣ୍ଣନାରେ ଉପସ୍ଥାପିତ କରିଛନ୍ତି । ଅନ୍ୟ ଏକ ଉପନ୍ୟାସ 'ଲକ୍ଷ୍ମୀ'ରେ ଜାତିପ୍ରଥାର କୁପରିଣାମକୁ ଦର୍ଶାଇ ମାନବତାର ଜୟଗୀତି ଗାନ କରିବା ଦିଗରେ ନାରୀର ତ୍ୟାଗ ଜଗତ ପାଇଁ କେତେ ମହାନ ତାହାକୁ ପାଠକଙ୍କ ସମ୍ମୁଖରେ ତୋଳି ଧରିଛନ୍ତି । ପୁସ୍ତକଗୁଡ଼ିକ ଖୁବ୍ ସୁଖପାଠ୍ୟ ।

▶▶ପୃଷ୍ଠା ୭

# ପୃଥ୍ୱୀରାଜ ହାଇସ୍କୁଲ ୧୯୭୨ ମାଟ୍ରିକ୍ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବଲାଙ୍ଗିର,୦୭/୦୩ (ନି.ପ୍ର): ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲ୍ ୧୯୭୨ ବ୍ୟାଚ୍ ର ୫୦ ବର୍ଷ ପୂର୍ତି ଉପଲକ୍ଷେ ଜିଲ୍ଲା ସାମ୍ବାଦିକ ଭବନ ଠାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ବିଜୟ କୁମାର ଦୀକ୍ଷିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେ ସମୟରେ ଥିବା ଶିକ୍ଷକ ଲକ୍ଷ୍ମୀ ନାରାୟଣ ଦାଶ, ପ୍ରାଣବନ୍ଧୁ ନାୟକ, ଶ୍ୟାମ ସୁନ୍ଦର ଉଦ୍ଗାତା, ଭାବଗ୍ରାହୀ ରଥ, ଘାସିରାମ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସ୍ମରଣିକା କମିଟିର ପରିଚାଳନା ସମ୍ପାଦକ ଭବାନୀ ଶଙ୍କର ପଟେଲ, ରାମଶଙ୍କର ନନ୍ଦ, ଗୋପବନ୍ଧୁ ଶତପଥୀ, ସୁରେନ୍ଦ୍ର କୁମାର ତ୍ରିପାଠୀ, ଅଶୋକ ଶତପଥୀ ଓ ବିଜୟ କୁମାର ଦୀକ୍ଷିତ୍ ମାନପତ୍ର ପାଠ କରିଥିଲେ ଓ ଶିକ୍ଷକମାନେ ପରସ୍ପରକୁ ମାନପତ୍ର ପ୍ରଦାନ କରିଥିଲେ । ସମ୍ମାନିତ କାର୍ଯ୍ୟକ୍ରମ ପରେ ଶିକ୍ଷକ ମାନେ ଆର୍ଶୀବଚନ ପ୍ରଦାନ କରିଥିଲେ । ପରେ ସ୍ମରଣିକା ଉନ୍ମୋଚିତ ହେଲାପରେ ସ୍ମରଣିକା କମିଟି ସଦସ୍ୟ ମାନେ ବକ୍ତବ୍ୟ ରଖିଥିଲେ । ପୂର୍ବରୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉଦଘାଟନ ଓ ସମ୍ମାନିତ କାର୍ଯ୍ୟକ୍ରମ ପରେ ୧୯୭୨ ବ୍ୟାଚ୍ ର ପରିବାର ସହ ଯୋଗଦେଇ ଥିବା ବନ୍ଧୁ ପତ୍ନୀ ସାଙ୍ଗରେ କ୍ରମାନ୍ୱୟରେ ମଂଚକୁ ନିମନ୍ତ୍ରଣ କରାଯାଇଥିଲା । ସେମାନେ ସପତ୍ନିକ ମଂଚକୁ ଯାଇ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ ।

ଏଥିରେ ରାଜ୍ୟ ଭିତରୁ ଓ ଦେଶ ବିଦେଶରେ ଥିବା ବ୍ୟାଚ୍ ସାଙ୍ଗ ଯୋଗ ଦେଇଥିଲେ । ମଧ୍ୟାହ୍ନ ଭୋଜନ ପରେ ଫଟୋ ଉଠା କାର୍ଯ୍ୟକ୍ରମ ଓ ବ୍ୟାଚ୍ ର କଳାକାରମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଦିନ ତମାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଶ୍ମଶାନ ପାଲଟିଛି ଡମ୍ପିଂୟାର୍ଡ: ପବିତ୍ର ସ୍ଥାନରେ ଭର୍ତ୍ତି ହୋଇ ରହିଛି କୁଢ଼କୁଢ଼ ଅଳିଆ ଆବର୍ଜନା

ମାଲକାନଗିରି,୦୭/୦୩(ନି.ପ୍ର): ଶ୍ମଶାନ ଏକ ପବିତ୍ର ସ୍ଥାନ । ଯେଉଁଠି ମୃତ୍ୟୁ ପରେ ପଂଚଭୂତରେ ଲୀନ ହୋଇଥାଏ ମରଶରୀର । ଶାସ୍ତ୍ରରେ ଲେଖାଅଛି ଈଶ୍ୱର ସେଇଠି ବସବାସ କରନ୍ତି । ଶ୍ମଶାନରେ ସୁସ୍ଥ ପରିବେଶ ସୃଷ୍ଟି କରିବାପାଇଁ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥାଏ, କିନ୍ତୁ ଏହି ସ୍ୱର୍ଗଦ୍ୱାର ଏବେ ପାଲଟିଛି ଡମ୍ପିଂୟାର୍ଡ । ମାଲକାନଗିରି ସହରରେ ଥିବା ଶ୍ମଶାନରେ ଭର୍ତି ହୋଇଛି କୁଢ଼କୁଢ଼ ଅଳିଆ ଆବର୍ଜନା । ପବିତ୍ର ସ୍ଥାନରେ ଭର୍ତି ହୋଇଛି ଆବର୍ଜନା । ସହରରେ ଥିବା ଶ୍ମଶାନ ଏବେ ଯେମିତି କୋମାକୁ ଚାଲିଗଲା ଭଳି ମନେ ହେଉଛି । ଶ୍ମଶାନରେ ମୃତଦେହ ଦାହ ପରିବର୍ତେ ଅବର୍ଜନା ଗୁଡିକୁ ଠୁଳ କରାଯାଉଛି । ଫଳରେ ଏଠାକୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖାଲି ଏତିକି ନୁହେଁ ଗୋଟିଏ ଛାତ ତଳେ ଦୁଇଟି ମରଶରୀର ଦାହ ପାଇଁ ସ୍ଥାନ କରାଯାଇଥିଲା । ହେଲେ ବର୍ତମାନ ସେଥି ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣଭାବେ ଭାଙ୍ଗିଯାଇଥିବା ବେଳେ ଅନ୍ୟଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି । ଅନ୍ୟପଟେ ବିଶ୍ରାମ ଗୃହଟି ମଧ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି । ୨୦୨୦ ମସିହାରେ ପୌରପରିଷଦ ନିର୍ବାଚନ ହେବାକୁ ଥିବା ବେଳେ ତାହା କିନ୍ତୁ ଦୁଇବର୍ଷ ବିଳମ୍ବରେ ହେଉଥିବାରୁ ସହରବାସୀ ଏହି ସମସ୍ୟା ନେଇ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ କେହି କର୍ଣ୍ଣପାତ କରିନଥିବା କହିଛନ୍ତି । ମ୍ୟୁନିସିପାଲଟି ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହୁଛନ୍ତି ବୁଦ୍ଧିଜିବୀ । ଏନେଇ ମ୍ୟୁନିସିପାଲଟିର ଅଧିକାରୀଙ୍କୁ ପଚାରିବାରୁ ସେ କଥାକୁ ଏଡାଇଦେଇ କିଛି ବି ମତ ଦେବିନାହିଁ ବୋଲି କହିଛନ୍ତି ।

# ସିଆରପିଏଫ୍ ୧୮୯ ବାଟାଲିୟନ ପକ୍ଷରୁ ନାଗରିକ ସମ୍ପର୍କ ଅଭିଯାନ

ବଲାଙ୍ଗିର,୦୭/୦୩ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସିଆରପିଏଫ ୧୮୯ ବାଟାଲିଅନ ତରଫରୁ ନାଗରିକ ସମ୍ପର୍କ ଅଭିଯାନ ଆୟୋଜିତ ହୋଇଯାଇଛି । ଦେଶର ସମ୍ବର୍ଦ୍ଧନା,ଦେଶର ସୁରକ୍ଷାକୁ ନେଇ ବି ସିଆରପିଏଫ୍ ଖପ୍ରାଖୋଲ ଓ ଡି ସିଆରପିଏଫ୍ ହରିଶଙ୍କର ଦ୍ୱାରା ଏହି ନାଗରିକ ସମ୍ପର୍କ ଅଭିଯାନ ଆୟୋଜିତ ହୋଇଥିଲା । ସିଆରପିଏଫ କମାଣ୍ଡେଂଟ ପଓ୍ୱନ କୁମାର ତିଓ୍ୱାରୀଙ୍କ ମାର୍ଗଦର୍ଶନରେ ସେକେଣ୍ଡ ଇନ କମାଣ୍ଡ ପି.କେ. ସାହୁ, ଡେପୁଟି କମାଣ୍ଡେଂଟ ରାଜୀବ କୁମାର, ସହକାରୀ କମାଣ୍ଡାଂଟ ଲଖବିନ୍ଦର ସିଂଙ୍କ ଉପସ୍ଥିତିରେ ରେଡିଓ ସେଟ୍ ସୌର ଚାଳିତ ଲାନଟିନ, ଅତ୍ୟାବଶ୍ୟକ ଔଷଧ ଆଦି ହରିଶଙ୍କର, ଚଂଚଲବାହାଲି, ନୂଆଁପାଲି, ବାଟିପଥର, ବୁରୋମାଲ, ବାହ୍ମନୀ, ତୁର୍ଲା, ତାମ୍ପିପଦର, ବାଘଝରନ,ନାନ୍ଦୁପଲା, ଡୁଡୁଙ୍ଗଧରା, ଭରତିଆ, ଲୁହୁରାଡୁଙ୍ଗୁରୀ, ଯମୁନାପାଲି, କନ୍ଦରାଭଟା, ମହୁଲପାଲି, ସର୍ଗିପାଲି, ମହରାପଦର, କୁଡୁର୍ଲା ଗ୍ରାମରେ ବଂଟନ କରିଥିଲେ ।

ଏହି ଅବସରରେ ସିଆରପିଏଫ କମାଣ୍ଡେଂଟ ପଓ୍ୱନ କୁମାର ତିଓ୍ୱାରୀ ଗ୍ରାମବାସୀମାନଙ୍କୁ ସଚେତନ କରିବା ସହ ସେମାନେ ଯଦି କୌଣସି ସମସ୍ୟା ଭୋଗୁଛନ୍ତି ତେବେ ତାହା ସିଆରପିଏଫର କମ୍ପାନୀ କମାଣ୍ଡର ମାନଙ୍କୁ ସୂଚୀତ କଲେ ତାର ସମାଧାନ କରାଯିବ । ଏଥି ପାଇଁ ସମସ୍ତ ଗ୍ରାମର ଅଧିବାସୀ ମାନେ ସଚେତନ ହେବାକୁ ସେ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଅଧିବାସୀ ମାନେ ତଥା ଗଣମାନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ଦେଶର ଆଭ୍ୟନ୍ତରୀଣ ନିରାପତା ପାଇଁ ନିଜକୁ ସମର୍ପିତ କରି ସିଆରପିଏଫ ୧୮୯ ବାଟାଲିଅନ ଦେଶର ସମ୍ମାନ ବଜାୟ ରଖିବାକୁ ସର୍ବଦା ସମର୍ପିତ ତଥା ବିଭିନ୍ନ ସମୟରେ ସିଆରପିଏଫ ୧୮୯ ବାଟାଲିଅନ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରି ସାଧାରଣ ଲୋକଙ୍କ ସହ ଏକ ଆତ୍ମିକ ଭାବଗତ ସମ୍ପର୍କ ରଖି ଆସିଛି । ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରି ବାଂଟି ଆସିଛି ।

# ନିଖିଳ ଓଡିଶା ବିଚାର ବିଭାଗୀୟ କର୍ମଚାରୀ ସଂଘ ବଲାଙ୍ଗିର ଶାଖାର କର୍ମକର୍ତା ନିର୍ବାଚନ

ବଲାଙ୍ଗିର,୦୭/୦୩ (ନି.ପ୍ର): ଆଜି ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ନିଖିଳ ଓଡିଶା ବିଚାର ବିଭାଗୀୟ କର୍ମଚାରୀ ସଂଘର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ପ୍ରକାଶ କୁମାର ନେପାକ ସର୍ବସମ୍ମତି କ୍ରମେ ସଂଘର ସଭାପତି ପୁଣିଥରେ ମନୋନୀତ ହୋଇଥିବା ବେଳେ ଉପସଭାପତି ଲକ୍ଷ୍ମୀନାରାୟଣ ସିଂ, ଆଶିଷ ଥାନାପତି ସମ୍ପାଦକ, ସହ ସମ୍ପାଦକ ରୂପେ ସବୀର ହୁସେନ ଓ ଶ୍ରଦ୍ଧାଞ୍ଜଳି ମେହେର ଏବଂ ଆକାଶ ତ୍ରିପାଠୀ କୋଷାଧକ୍ଷ ରୂପେ ମନୋନୀତ ହୋଇଥିଲେ । କାର୍ଯ୍ୟନିର୍ବାହୀ କମିଟି ସଭ୍ୟ ରୂପେ ଦଧିବାବନ ଶତପଥି, ସୁଧୀର ସେଠ, ଜ୍ୟୋତିର୍ମୟୀ ବେଜ, କାଶୀନାଥ ସୁନା, ଶାନ୍ତନୁ ମିଶ୍ର , ଦିଲୀପ ମିଶ୍ର, ସଂଜିତ ଦାସ, ବାବୁଲାଲ ପାଢ଼ୀ, ପିଂଟୁ ମଲ୍ଲିକ, ଅରୁଣ ମିଶ୍ର, ହେମସାଗର ନାଏକ, ଭକ୍ତ ଯୁଏଡ଼, ସୁମିତ ପଟ୍ଟନାୟକ, ଗୋବିନ୍ଦ ବରିହା, ବିବେକ ପଧାନ, ଦୂର୍ଗା ପ୍ରସାଦ ପାଢ଼ୀ, ଯୁବରାଜ ସିଂଘନିନ, କ୍ଷେତ୍ରବାସୀ ମିଶ୍ର, ମାଧବ ନାଗ ମନୋନୀତ ହୋଇଛନ୍ତି । ଉପଦେଷ୍ଟା କମିଟିରେ ଜିଲ୍ଲା ଜଜ୍ ସିରସ୍ତାଦର ରାଜେନ୍ଦ୍ର ଦାସ, ବଳରାମ ମେହେର, ମହେନ୍ଦ୍ର ନାଏକ, ମନୋରଞ୍ଜନ ପଣ୍ଡା, ହରିବନ୍ଧୁ ବଗର୍ତି ମନୋନୀତ ହୋଇଛନ୍ତି । ଆଜିର ଏହି ନିର୍ବାଚନ ପ୍ରକ୍ରିୟାକୁ ରାଜେନ୍ଦ୍ର ଦାସ, ମହେନ୍ଦ୍ର ନାଏକ, ବଳରାମ ମେହେର ଓ ସୁଧୀର ସେଠ ପରିଚାଳନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମେରେ ବଲାଙ୍ଗିର ତଥା ସଇଁତଳା, ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟଣାଗଡ଼, ଲୋଇସିଂହା, ମୁରିବାହାଲ, ବଙ୍ଗୋମୁଣ୍ଡାର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଆସନ୍ତା କାଲି ନୂତନ କାର୍ଯ୍ୟନିର୍ବାହୀ କମିଟି କାର୍ଯ୍ୟଭାର ଗ୍ରହଣ କଲାପରେ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଜିଲ୍ଲା ଜଜ୍ ଙ୍କୁ ଅବଗତ କରାଇ ସମସ୍ୟାର ସମାଧାନ କରାଯିବ ବୋଲି ସଭାପତି ଶ୍ରୀ ନେପାକ ପ୍ରତିଶୃତି ଦେଇଛନ୍ତି । ପରିଶେଷରେ ସମ୍ପାଦକ ଶ୍ରୀ ଥାନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଖିଳ ଓଡିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା ସମ୍ମିଳନୀ

ବଲାଙ୍ଗିର ,୦୭/୦୩ (ନି.ପ୍ର): ସ୍ଥାନୀୟ ଗୋୟଲ ଧର୍ମଶାଳାଠାରେ ଜିଲ୍ଲାସ୍ତରୀୟ ନିଖିଳ ଓଡିଶା ଆଶା କର୍ମୀ ସଂଘର ଜିଲ୍ଲା ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଏଆଇଟିୟୁସିର ଜିଲ୍ଲା ସଭାପତି ବିଭୁଦତ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ସଂଘର ରାଜ୍ୟ ଉପସଭାପତି ରାଜେନ୍ଦ୍ର ପ୍ରସାଦ ସିଂହ, ଜିଲ୍ଲା ସଂପାଦିକା ଓମି ଗୁପ୍ତା, ଉପଦେଷ୍ଟା କମିଟିର ଦିଲିପ କୁମାର ଭୋଇ, ଦୁର୍ଯ୍ୟୋଧନ ବିଶ୍ୱାଳ, ସାଏବୁ ନନ୍ଦ, ବିଜୟ କୁମାର ସେଠ, ଆନନ୍ଦିନୀ ବିଶ୍ୱାଳ, କନ୍ଦର୍ପ ଦୀପ, ମମତା କଛପ ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲା ସଭାପତି ତୀର୍ଥ ପଧାନ ନିଖିଳ ଓଡିଶା ଆଶା କର୍ମୀ ସଂଘ ବଲାଙ୍ଗିରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣା ନୀତି ବିରୁଦ୍ଧରେ ୧୨ ଦଫା ଦାବୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏ ନେଇ ଅତିଥିମାନେ ଆଶା କର୍ମୀମାନଙ୍କ ମାସିକ ପାଉଣା ଉପରେ ଓ ଗତ ଏପ୍ରିଲ ମାସ ୨୦୨୧ରୁ ବକେୟା ଥିବା ପ୍ରୋତ୍ସାହନ ରାଶି ତୁରନ୍ତ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପାଖରେ ଦାବୀ ରଖିବାକୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ବିରୁଦ୍ଧରେ ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି) ଆହ୍ୱାନ କ୍ରମେ ଆସନ୍ତା ତା.୨୮ ଓ ୨୯ ଦୁଇ ଦିନ ଧରି ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକୁ ବନ୍ଦ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ପାଟଣାଗଡ ବ୍ଲକ ଏବଂ ଏନ୍‌ଏସି, ଲୋଇସିଂହା ବ୍ଲକ, ବଲାଙ୍ଗିର ସହରାଂଚଳ, ଟିଟିଲାଗଡ ବ୍ଲକ, ମୁରିବାହାଲ ବ୍ଲକ, ନୂତନ ଭାବରେ ଜିଲ୍ଲା ସଂଘରେ ଯୋଗଦାନ କରିଥିବାରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଏଆଇଟିୟୁସିର ଜିଲ୍ଲା ସଭାପତି ତଥା ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଆଶା କର୍ମୀମାନଙ୍କୁ ସମ୍ମାନିତ କରିଥିଲେ । ସଂଘର ଜିଲ୍ଲା ସଂଯୋଜିକା ସାସ୍ୱତା ଦାଶ, କୋଷାଧକ୍ଷା ପ୍ରଭାସିନି ରାୟ, ବଲାଙ୍ଗିର ବ୍ଲକ ସଭାପତି ମମତା ବାଗ, ସଂପାଦିକା ବାସନ୍ତି ସେଠ, ମମତା କଛପ, ଆନନ୍ଦିନୀ ବିଶ୍ୱାଳ, ଲଳିତା ବାଗ, ଉର୍ବସି ସାହୁ, ମଥୁରା କାଲସାଏ, ତପସ୍ୱିନୀ ସେଠ, ଶଙ୍ଖା ଚନ୍ଦନ, ମୀନା ମେହେର, ସୌଦାମିନୀ ବଗର୍ତ୍ତି, ଯଶୋବନ୍ତି ବେହେରା, ସରସ୍ୱତୀ ଶର୍ମା, ପୁଷ୍ପାଞ୍ଜଳି ବେହେରା, ବୃନ୍ଦାବତି ସରାଫ, ପ୍ରେମଲତା ନାଗ, ଭାଗ୍ୟବତୀ କୁଆଡି, ମଥାମଣି ସେଠ, ମାଧବୀ ବେହେରା, କଲ୍ୟାଣୀ ସାହୁ, ପ୍ରେମଲତା ରଣା, ଅନୁପମା ସାଏ, ବାସମତି ବାଗ, ତପସ୍ୱିନୀ ନାଗ, ପୁଷ୍ପଲତା ଧିର, ପୁଷ୍ପ କୁମ୍ଭାର, ସଂଗିତା ହରିପାଲ, ଭୂମିସୁତା ପୋଡ, ସ୍ୱର୍ଣ୍ଣଲତା ଜାଲ, ମଞ୍ଜୁଲା ସାହୁ, ଝରଣା ଅମାତ ପ୍ରମୁଖ ଯୋଗଦେଇଥିଲେ । ଉକ୍ତ ସମ୍ମିଳନୀରେ ବଲାଙ୍ଗିର ଜିଲ୍ଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିର ସମସ୍ତ ଆଶାକର୍ମୀମାନେ ଯୋଗଦେଇଥିଲେ ।

# ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜାତୀୟ ବିଜ୍ଞାନ ସପ୍ତାହ ପାଳିତ

ଜୟପୁର ,୦୭/୦୩ (ନି.ପ୍ର): ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଜୟପୁର ଠାରେ ଜାତୀୟ ବିଜ୍ଞାନ ସପ୍ତାହ ପାଳିତ ହୋଇଛି । ଆୟୋଜିତ ସଭାରେ ଅନୁଷ୍ଠାନର ଅଧକ୍ଷ ରୁପ ଚନ୍ଦ୍ର ସୋରେନ ସଭାପତିତ୍ୱ କରିଥିବା ବେଳେ ଜୟପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରି ମୃତ୍ୟୁଞ୍ଜୟ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଗା କାଲିର ସୁ ନାଗରିକ ହେବା ପାଇ ବୈଜ୍ଞାନିକ ମନବୃତ୍ତି ସମ୍ପନ୍ନ ହେବା ଏବଂ ସମାଜ ପାଇ ବିଜ୍ଞାନର ବିଶେଷତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବରେ ଓମ ପ୍ରକାଶ ମିଶ୍ର, ସରକାରି ବାଳକ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଓ ନିରିକ୍ଷକ ଭାବରେ ଦୁର୍ଗା ପ୍ରକାସ ପାତ୍ର ଯୋଗଦେଇ ଭବିଷ୍ୟତ ପିଢିକୁ ଦିଗଦର୍ଶନ ଦେବା ପାଇ ଦୈନନ୍ଦିନ ଜୀବନରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ସମନ୍ୱିତ କରି ସମସ୍ୟା ସମାଧାନ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ । ପ୍ରତ୍ୟେକ କାମରେ ଆନ୍ତରିକତା ପୁବକ ଯୋଗ ଦାନ ଦେି ଗୁରୁ ଛାତ୍ର ଛାତ୍ରୀଙ୍କ ଠାରେ ସୁପ୍ତ ଥିବା ବୈଜ୍ଞାନିକ ଚିନ୍ତା ଧାରାକୁ ଦଗର୍ଶନ କରି ଯୁକ୍ତି ଯୁକ୍ତ ଚିନ୍ତନ ମାଧମରେ ଜନ ସମାଜ କାଯ୍ୟରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନରେ ଆୟୋଜିତ ବକ୍ତୃତା, ସାଧାରଣ ଜ୍ଞାନ ଓ ବିଜ୍ଞୌାନ ଶିକ୍ଷଣିୟ ସାମଗ୍ରୀ ପ୍ରଦର୍ଶନି ର କୃତି ଛାତ୍ର ଛାତ୍ରୀ ଙ୍କୁ ମାନ ପତ୍ର ଦେଇ ସମ୍ବଦ୍ଧନା କରାୟଯାଇଥିଲା । ପ୍ରାରମ୍ଭରେ ବରିଷ୍ଠ ପ୍ରଶିକ୍ଷକ ସୁଶାନ୍ତ କୁମାର ମହାରଣା, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ପ୍ରଶିକ୍ଷିକା ଗାୟତ୍ରୀ ବୈଠାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳଗିରିର ଶାଳବଣୀରେ ଚକ୍ଷୁ ପରୀକ୍ଷା ଶିବିର

ନୀଳଗିରି,୦୭/୦୩(ନି.ପ୍ର): ଆଜି ନୀଳଗିରିର ଆଦିବାସୀ ଅଧୁଷିତ ମିଷାପଙ୍ଗା ଗ୍ରାମ ପଞ୍ଚାୟତର ସଠିଲୋ ବଲବଲିଆ ରାଜସ୍ୱ ଗ୍ରାମ ଅନ୍ତର୍ଗତ ଶାଳବଣୀ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ 'ବଣ ଧୂଳିର ଫୁଲ' ଦାତବ୍ୟ ଟ୍ରଷ୍ଟ ବାଲେଶ୍ୱର 'ଯୁବ ବିକାଶ', ଭୁବନେଶ୍ୱର 'କେୟାର ନେତ୍ରମ୍' ଓ ଭୋଗରାଇର 'ସୂର୍ଯ୍ୟମଣୀ ଚକ୍ଷୁ ଚିକିତ୍ସାଳୟ' ପ୍ରଭୃତିର ମିଳିତ ସହଯୋଗରେ ଅନୁଷ୍ଠିତ କରାଯାଇଛି । ଏହି ଚକ୍ଷୁ ଶିବିରରେ କେୟାର ନେତ୍ରମର ଚକ୍ଷୁରୋଗ ବିଶେଷଜ୍ଞ ଡା. ଜୟଦେବ ସାମନ୍ତ, ସୂର୍ଯ୍ୟମଣୀ ଚକ୍ଷୁ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା: ଜ୍ୟୋତି ମହାନ୍ତି ଓ ଫିଙ୍କି ସୁନ୍ଦର ଚକ୍ଷୁ ପରୀ ଦଳ ଚକ୍ଷୁରୋଗ ନିଦାନ କରାଇଥିଲେ ।



ଏହି ଆଦିବାସୀ ଅଧୁଷିତ ଅଞ୍ଚଳରେ ଲୋକମାନଙ୍କ ଚକ୍ଷୁରୋଗ ସମ୍ବନ୍ଧରେ ଅନେକ ଲୋକଙ୍କ ଅଜ୍ଞତା ଓ ସ୍ୱାସ୍ଥ୍ୟ ସେବାର ଅପହଞ୍ଚତାକୁ ଆଖି ଦୃଷ୍ଟିରେ ରଖି ଏହି ଶିବିରକୁ ଅନୁଷ୍ଠିତ କରାଯାଇ ୫୦ ଜଣରୁ ଊର୍ଦ୍ଧ୍ୱ ରୋଗୀଙ୍କ ନିଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ସ୍ଥଳେ ଟ.୨୦୦/- ରୁ ଟ.୩୦୦/- ସୁଲଭ ମୂଲ୍ୟରେ ବୟସ୍କ ଲୋକ ମାନଙ୍କୁ ପ୍ରଦାନ କରାଯାଇଥିବା ବେଳେ ପିଲାମାନଙ୍କୁ ନିଶୁଳ୍କ ମୂଲ୍ୟରେ ଚଷମା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହା ଛଡା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ୧୨ ଜଣ ବୃଦ୍ଧବୃଦ୍ଧାଙ୍କର ଚକ୍ଷୁରେ ମୋତିଆ ବିନ୍ଦୁ ରୋଗ ନିରୁପଣ କରାଯାଇଛି, ଯେଉଁ ମାନଙ୍କୁ ଆସନ୍ତା ମାର୍ଚ୍ଚ ୧୦ ତାରିଖରେ ସେମାନଙ୍କ ନିଶୁଳ୍କ ଯାତାୟାତ, ଖାଦ୍ୟପେୟ ଓ ଚିକିତ୍ସା ବ୍ୟବସ୍ଥା ଭୋଗରାଇର ସୂର୍ଯ୍ୟମଣୀ ଚକ୍ଷୁ ଚିକିତ୍ସାଳୟରେ କରାଯିବାର ବ୍ୟବସ୍ଥା କରାଯାଇଛି । ଏତଦ୍ ବ୍ୟତୀତ ଯଦି କେହି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ବ୍ୟକ୍ତି ମୋତିଆ ବିନ୍ଦୁ ରୋଗରେ ପୀଡିତ ଥାଆନ୍ତି, ତେବେ ଆସନ୍ତା ମାର୍ଚ୍ଚ ୯ ତାରିଖ ଭିତରେ ବଣ ଧୂଳିର ଫୁଲର ଅଧକ୍ଷ ବିଜୟ ଆଚାର୍ଯ୍ୟଙ୍କୁ ତାଙ୍କ ମୋ: ନଂ ୯୪୩୮୨୯୦୭୦୭କୁ ଯୋଗା-ଯୋଗ କଲେ ତାଙ୍କୁ ମଧ ସେହିଭଳି ଆସନ୍ତା ମାର୍ଚ୍ଚ ୧୦ ତାରିଖରେ ନିଶୁଳ୍କ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ମହିଷାପଙ୍ଗା ଗ୍ରାମ ପଞ୍ଚାୟତକୁ ସରକାରୀ ଓ ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କ ମିଳିତ ଉଦ୍ୟମ ତଥା ସର୍ବସାଧାରଣଙ୍କ ସହଯୋଗରେ ଏକ ଚକ୍ଷୁରୋଗ ମୁକ୍ତ ଆଦର୍ଶ ଗ୍ରାମ ପଞ୍ଚାୟତ କରାଇବା ନିମନ୍ତେ ଏକ ପ୍ରକଳ୍ପ ଯୋଜନା କରିବା ନିମନ୍ତେ ସଂଗଠକମାନେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାରେ ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ଦଳାଇ, ପ୍ରକଳ୍ପ ସଂଯୋଜକ ମଧୁସୂଦନ ପାତ୍ର, ବଣ ଧୂଳିର ଫୁଲର ପ୍ରମୁଖ କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ବାଇଧର ସିଂ, କୋଷାଧକ୍ଷ ପ୍ରଣବ କୁମାର ସିଂ, ଶାଳବଣୀ ଆଦିବାସୀ ନୃତ୍ୟ ମଣ୍ଡଳୀର ସଦସ୍ୟ ଓ ସଦସ୍ୟା ଅଜୟ ସିଂ, ସାବିତ୍ରୀ ସିଂ, ନିରମଣୀ ସିଂ, ମୁଗମଣୀ ସିଂ ଓ ଶାଳବଣୀ ପ୍ରାଥମିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତୀ ସିଂଙ୍କ ସମେତ ଶାଳବଣୀ ଗ୍ରାମବାସୀ ସହଯୋଗ କରିଥିଲେ ।

# ବିଜେପି ଯୁବ ମୋର୍ଚ୍ଚା ସ୍ୱଚ୍ଛ ଭାରତ ଅଭିଯାନ ପ୍ରକୋଷ୍ଠ ପକ୍ଷରୁ ସଫେଇ ଅଭିଯାନ

ସମ୍ବଲପୁର ,୦୭/୦୩ (ନି.ପ୍ର): ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚାର ସ୍ୱଚ୍ଛ ଭାରତ ଅଭିଯାନ ପ୍ରକୋଷ୍ଠ ପକ୍ଷରୁ ଆଜି ସ୍ଥାନୀୟ ଅଇଁଠାପାଲି ଅଂଚଳରେ ବ୍ୟାପକ ସଫେଇ କରାଯାଇଛି । ପ୍ରକୋଷ୍ଠର ଜିଲ୍ଲା ସଂଯୋଜକ ନରେଶ ଗୁରୁଙ୍କ ନେତୃତ୍ୱରେ ଆୟୋଜିତ ଏହି ସଫେଇ ଅଭିଯାନ କାର୍ଯ୍ୟକ୍ରମରେ ଡେପୁଟି କମିଶନର ବିନୋଦ ଚନ୍ଦ୍ର ପଣ୍ଡା, ହେଲଥ୍ ଅଫିସର ମହେନ୍ଦ୍ର ନନ୍ଦ, ସାନିଟେସନ ଇନଚାର୍ଯ୍ୟ ବିଜୁ ତାଣ୍ଡିଆଙ୍କ ସମେତ ଯୁବରାଜ ବେହେରା, ସଙ୍ଗୀତା ବେହେରା, ଅମନ କୁମାର ଭୋଇ, କ୍ଷୀତିଶ ମହାକୁଣ୍ଡ, ବଳରାମ ବେହେରା, ଅରବିନ୍ଦ ପ୍ରଧାନ, ସୈମ୍ୟ ପଟ୍ଟନାୟକ, ସୁଗନ୍ଧରାଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସମଗ୍ର ଅଇଁଠାପାଲି ଅଂଚଳରୁ ସମସ୍ତ ଅଳିଆ ଆବର୍ଜ୍ଜନା ସଫେଇ କରିଥିଲେ ।

# ଡ଼ଃ ନୃସିଂହାନନ୍ଦ ମହାପାତ୍ରଙ୍କୁ ଫକୀର ମୋହନ ଭଞ୍ଜ ସ୍ମୃତି ସମ୍ମାନ

କନ୍ଧମାଳ ,୦୭/୦୩ (ନି.ପ୍ର): କନ୍ଧମାଳର ବିଶିଷ୍ଟ ସାହିତ୍ୟିକ ଡକ୍ଟର ନୃସିଂହାନନ୍ଦ ମହାପାତ୍ରଙ୍କୁ ପର୍ବତେଶ୍ୱର ସାହିତ୍ୟ ଓ ସଂସ୍କୃତି ସଂସଦ , ଜୋରକୁଳ,ବିଳିପଡ଼ା, ବାଙ୍କୀ ତରଫରୁ ଷୋଡଶ ବାର୍ଷିକ ଉତ୍ସବ ଅବସରରେ ଆଦର୍ଶ ଶିକ୍ଷକ ଫକୀର ମୋହନ ଭଞ୍ଜ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାନସଭା ମଣ୍ଡଳୀର ପୂର୍ବତନ ବିଧାୟକ ଦିଲୀପ ଚନ୍ଦନ ଓ ଉଦଘାଟକ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭା ଡ଼ଃ ମହାପାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ପ୍ରଫୁଲ କୁମାର ସାହୁଙ୍କ ସଭାପତିତ୍ୱରେ ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, ଓଡିଶା ସାହିତ୍ୟ ଏକାଡେମୀ ର ସଦସ୍ୟ ବହାଦୁର ପାଟଶାଣୀ, ଗବେଷକ ଡ଼ଃ ରବି ନାରାୟଣ ପଣ୍ଡା, ବିଶିଷ୍ଟ କବି ଭାରତ ଚନ୍ଦ୍ର ବେହେରା, ବାଙ୍କୀ ମହାବିଦ୍ୟାଳୟର ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା, ସାହିତ୍ୟିକ କୌଶିକ ନାୟକ ଉପସ୍ଥିତ ଥିଲେ । ସମ୍ପାଦକ କବିରତ୍ନ ବିଦ୍ୟାଧର ଖଟୁଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ସାଗର କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପୂର୍ବରୁ ଡ଼ଃ ମହାପାତ୍ର ସାହିତ୍ୟ ରତ୍ନ ପୁରସ୍କାର, ଶିଶିର ବିନ୍ଦୁ ପୁରସ୍କାର ପ୍ରଭୃତି ବହୁ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛନ୍ତି । ଫୁଲବାଣୀ ସରକାରୀ ଆଇ ଟି ଆଇ ରେ ସହକାରୀ ତାଲିମ ଅଧିକାରୀ ଥିବା ଡ଼ଃ ମହାପାତ୍ର ଓଡିଶା ସାହିତ୍ୟ ରେ ଜଣେ ଜଣାଶୁଣା ନାମ । ତାଙ୍କର କୋଡ଼ିଏ ରୁ ଅଧିକ ପୁସ୍ତକ ବି ପ୍ରକାଶିତ ହୋଇ ବେଶ ପାଠକୀୟ ଆଦୃତି ଲାଭ କରିଛି । ତାଙ୍କର ଏହି କୃତିତ୍ୱ ପାଇଁ ଫୁଲବାଣୀର ସାହିତ୍ୟିକ ମାନେ ଶୁଭେଚ୍ଛା ଦେବା ସହ ବରିଷ୍ଠ କବି କୈଳାଶ ଚନ୍ଦ୍ର ଧଳ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ଅଟୋ ସହ ବିପୁଳ ପରିମାଣର ଦେଶୀ ମଦ ଜବତ, ଜଣେ ଗିରଫ

ଗଞ୍ଜାମ,୦୭/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ସାନଘାଟି ନିକଟରୁ ଏକ ଅଟୋ ସହ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି ପୋଲିସ । ଏହି ଅଟୋ ଯୋଗେ ଗୁହାରିଆପାଟରୁ କେଶପୁରକୁ ମଦ ଚୋରାଚାଲାଣ ହେଉଥିବା ଖବର ପାଇ ଖଲ୍ଲିକୋଟ ପୋଲିସ ଅଟୋଟିକୁ ଜବତ କରିବା ସହ ଏହି ଅଟୋରୁ ୧୦୦ ଲିଟର ଚୋରା ଦେଶୀ ମଦ ସହ ଚାଲାଣକାରୀଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ବ୍ୟକ୍ତି ଜଣକ ହେଲେ ସୂର୍ଯ୍ୟ ପରିଡ଼ା । ଏ ସଂକ୍ରାନ୍ତରେ ଥାନା କେସ୍ ନଂ ୧୭/୨୨ ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି ।

# ବଲାଙ୍ଗିର ଜିଲ୍ଲାପାଳ ଏକାଦଶ ଜିଲ୍ଲା ଜଜ ଏକାଦଶ ମଧ୍ୟରେ ବନ୍ଧୁତା ପୂର୍ଣ୍ଣ କ୍ରିକେଟ ମ୍ୟାଚ

ବଲାଙ୍ଗିର ,୦୭/୦୩ (ନି.ପ୍ର): ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଜିଲ୍ଲାପାଳ ଏକାଦଶ ଓ ଜିଲ୍ଲା ଜଜ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଟସ୍ ଜିଣି ଜିଲ୍ଲା ଜଜ୍ ଏକାଦଶ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୯୦ ରନ୍ କରିଥିଲେ । ୯୧ ରନ୍‌ର ଲକ୍ଷ୍ୟ ନେଇ ଜିଲ୍ଲାପାଳ ଏକାଦଶ ବ୍ୟାଟିଂ କରିଥିଲେ ଓ ସମସ୍ତ ୱିକେଟ ହରାଇ ୭୯ ରନ୍ କରିଥିଲେ । ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ରେ ଜିଲ୍ଲା ଜଜ୍ ଏକାଦଶ ବିଜୟୀ ହୋଇଥିବା ବେଳେ ଜିଲ୍ଲାପାଳ ଏକାଦଶ ରନର୍ସ ଅଫ ହୋଇଥିଲେ । ଜିଲ୍ଲାପାଳ ଚଂଚଳ ରାଣା ଜିଲ୍ଲାପାଳ ଏକାଦଶ ଟିମ୍‌ର ନେତୃତ୍ୱ ନେଇଥିବା ବେଳେ ଜିଲ୍ଲାଜଜ୍ ଲୋକନାଥ ମହାପାତ୍ର ଜିଲ୍ଲାଜଜ୍ ଏକାଦଶ ଟିମ୍‌ର ନେତୃତ୍ୱ ନେଇଥିଲେ । ଜିଲ୍ଲାପାଳ ଏକାଦଶ ଟିମ୍‌ରେ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ପିଡିଡିଆରଡିଏ ସୁଶାନ୍ତ କୁମାର ସିଂ, ଟିଟିଲାଗଡ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ବଲାଙ୍ଗିର ଉପଜିଲ୍ଲାପାଳ ଲମ୍ବୋଦର ଧରୁଆ, ତହସିଲଦାର ମେଘଓ୍ୱନ ବାଗ୍, ବିଡିଓ ପ୍ରୀତମ କୁମାର ତନ୍ତୀ, ସହକାରୀ ଜିଲ୍ଲାପାଳ ଗୁରେଶ୍ୱର ଭୋଇ ପ୍ରମୁଖ ଥିବା ବେଳେ ଜିଲ୍ଲା ଜଜ୍ ଏକାଦଶ ଟିମ୍‌ରେ ଭିଜିଲାନ୍ସ ଜଜ୍ ଅଜନ୍ତା ଷଡଙ୍ଗୀ, ସିଜେଏମ୍ ଜୀବନାନନ୍ଦ ପାଢୀ, ସବ୍ ଜଜ୍ ଜ୍ୟୋତିରଞ୍ଜନ ଦାସ, ରେଜିଷ୍ଟ୍ରାର ଅମିତ୍ ବାରିକ, ଏସ୍‌ଡିଜେଏମ୍ ମନୋଜ କୁମାର ମହାନ୍ତି, ଜେଏମ୍‌ଏଫ୍‌ସି ପ୍ରକାଶ କର, ସିଭିଲ୍ ଜଜ୍ (ଏଲ୍‌ଆର୍) ଜନ୍ମେଜୟ ପଲେଇ ପ୍ରମୁଖ ରହିଥିଲେ । ମ୍ୟାଚ୍ ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲାଜଜ୍ ଏକାଦଶ ଟିମ୍ ଅତିଥିଙ୍କ ଠାରୁ ବିଜେତା ଟ୍ରଫି ଗ୍ରହଣ କରିଥିଲେ । ଚିତ୍ତାକର୍ଷକ ବ୍ୟାଟିଂ ପ୍ରଦର୍ଶନ କରି ଜିଲ୍ଲାପାଳ ଚଂଚଳ ରାଣା ବେଷ୍ଟ ବ୍ୟାଟମ୍ୟାନ୍, ଉତ୍ତମ ବୋଲିଂ ପ୍ରଦର୍ଶନ କରି ଟିଟିଲାଗଡ ଉପଜିଲ୍ଲାପାଳ ଶ୍ରୀ ମହାଜନ ବେଷ୍ଟ ବୋଲର, ଜିଲ୍ଲା ଜଜ୍ ଏକାଦଶ ଟିମ୍‌ର ଆକାଶ କୁମାର ତ୍ରିପାଠୀ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ । ଜିଲ୍ଲା କ୍ରୀଡା ସଂସଦର ସହଯୋଗରେ ଆୟୋଜିତ ଆଜିର ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜିଲ୍ଲାକ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୂଜରୀ, ସୂଚନା ଓ ଲୋକ ସଂପର୍କ ବିଭାଗର ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ଡିଏସ୍‌ଓ ପଦ୍ମନାଭ ପୁରୋହିତ, ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ । ପୃଥୀରାଜ ମିଶ୍ର ଓ ହୃଦୟଶବର ମ୍ୟାଚ୍‌ରେ ଅମ୍ପେଆରିଂ କରିଥିବା ବେଳେ ଜଗପତି ନାଏକ ସ୍କୋର୍ ଦାୟିତ୍ୱ ତୁଲାଇଥିଲେ । ଶେଷରେ ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୦୭/୦୩ (ନି.ପ୍ର): ସ୍ଥାନୀୟ ଆଇନ ମହାବିଦ୍ୟାଳୟ ଠାରେ ବଲାଙ୍ଗିର ନାଗରିକ କମିଟିର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମା' ସମଲେଇଙ୍କ ଫଟୋଚିତ୍ର ଉପରେ ସଭାପତି ବେଲାର ସିଂ ଭୋଇଙ୍କ ସହ ପୂର୍ବତନ ସଭାପତି ବିକ୍ରମ ବହିଦାର ଓ ରାସ ବିହାରୀ ମାଝି ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଶୁଭାରମ୍ଭ କରିଥିଲେ । ଦିବଂଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ଖ୍ୟାତିନାମା ଗାୟୀକା ଲତା ମଙ୍ଗେସ୍କର, ଗାୟକ ବାପି ହେଲେରି, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଓ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ବିୟୋଗରେ ନିରବ ପ୍ରାର୍ଥନା କରିଥିଲେ ।

## ବିନ୍ଦୁରୁ ବଳୟ

ସ୍ମରଣୀୟେଷୁ...




ସୁଷମା ପରିଜା

ଶାରଳା ଭବନ, ପୋତାପୋଖରୀ, ନୂଆବଜାର




କଠୋର ଅଧ୍ୟବସାୟ , ଦୃଢ ଆତ୍ମ ପ୍ରତ୍ୟୟ ବଳରେ ମଣିଷ ଅସାଧ ସାଧନ କରିପାରେ । ଦୃଢ ଇଚ୍ଛା ଶକ୍ତି ନେଇ କଠିନ ପରିଶ୍ରମ କରିବା ସହିତ ସତ୍ ମାର୍ଗରେ ଚାଲି ନିଜର ଲକ୍ଷ୍ୟ ସାଧନ ସମାଜରେ ନିଜକୁ ପ୍ରତିପାଦିତ କରିବାକୁ ଚାହୁଁଥିବା ମଣିଷକୁ ଈଶ୍ୱର ସବୁମତେ ସାହାଯ୍ୟ କରିଥାନ୍ତି, ଏଇ ଉକ୍ତିର ସତ୍ୟତା କେତେ ! ତା'ର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ମହିଳା ଉଦ୍ୟୋଗୀ ପଦ୍ମଶ୍ରୀ ଶ୍ରୀମତୀ କଳ୍ପନା ସରୋଜ। ଆମେ ଆଜିର ଏଇ ପୁରୁଷ ପ୍ରଧାନ ସମାଜରେ ମହିଳାମାନେ ଅବଳା, ଦୁର୍ବଳା କି ଲାଞ୍ଛିତା, ନିର୍ଯ୍ୟାତିତା ବୋଲି ହୁରି ପକାଉଥିଲା ବେଳେ ସେ ନିଜକୁ ନିଜେ ପ୍ରମାଣିତ କରି ଦେଖାଇ ଦେଇଛନ୍ତି ଯେ ଦୃଢ ଇଚ୍ଛାଶକ୍ତି ଏବଂ ଗଭୀର ଆତ୍ମପ୍ରତ୍ୟୟ ଥିଲେ ଜଣେ ଦରିଦ୍ର ଦଳିତ ପରିବାର ର ସ୍ୱଳ୍ପ ଶିକ୍ଷିତା, ନିର୍ଯ୍ୟାତିତା ମହିଳା ମଧ୍ୟ ବିଶ୍ୱ ର ଜଣେ ନାମୀ ଦାମୀ ଶିଳ୍ପୋଦ୍ୟୋଗୀ ହୋଇ ନିଜର, ନିଜ ପରିବାରର ପ୍ରତିଷ୍ଠା ଓ ସମ୍ମାନ ବୃଦ୍ଧି କରିପାରେ । ନିଜର କର୍ତ୍ତବ୍ୟନିଷ୍ଠା ପାଇଁ ନିଜ ଦେଶର ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନ ଜନକ ପଦ୍ମଶ୍ରୀ ସମ୍ମାନ ପାଇବା ସହିତ ଦେଶ ବିଦେଶରେ ଜଣେ ସଫଳ ମହିଳା ଉଦ୍ୟୋଗୀ ଭାବରେ ସମ୍ମାନିତ ହୋଇ ନିଜ ଦେଶର ଗୌରବ ବଢାଇ ପାରେ । ତାଙ୍କର ନିଜର କାହାଣୀ ଆଜି ସାମାଜିକ ଗଣମାଧ୍ୟମ ମାନଙ୍କରେ ବେଶ୍ ପ୍ରଶଂସିତ ହେଉଛି ଏବଂ ଅନେକଙ୍କ ପାଇଁ ଆଶାର କିରଣ ପାଲଟିଛି । ସେଥିପାଇଁ ପ୍ରତିଥର ସେ ସମ୍ମାନିତ ହେଲା ବେଳେ ନିଜର ଅତୀତର ପୃଷ୍ଠା ଟିକିନିଖି ବୟାନ କରିଥାନ୍ତି ଶ୍ରୋତାଙ୍କ ସମ୍ମୁଖରେ, କେବଳ ଏଇ ଉଦ୍ଦେଶ୍ୟ ନେଇ ଯେ ସମସ୍ତେ ଅନୁପ୍ରେରିତ ହୁଅନ୍ତୁ ତାଙ୍କ ଜୀବନର କଠିନ ସମୟର ବୃତ୍ତାନ୍ତ ଶୁଣି । ବଡ କଷ୍ଟ ଦାୟକ ଥିଲା ତାଙ୍କର ଅତୀତ ଯାହା ଏବେ ବି ଶୁଣିଲେ ଲୋଭ ଟାଙ୍କୁରି ଉଠେ ।

କଳ୍ପନା ଙ୍କ ଜନ୍ମ ହୋଇଥିଲା ଊଣେଇଶହ ଏକଷଠି ମସିହାରେ ମହାରାଷ୍ଟ୍ରର ଅକୋଲା ତାଲୁକ ର ରପରଖେଡା ଗାଆଁ ରେ ଏକ ଦଳିତ (ମାହାର) ପରିବାର ରେ। ତାଙ୍କର ବାପା ମହାଦେବ ଥିଲେ ଜଣେ ପୋଲିସ୍ କନେଷ୍ଟବଳ । ତିନି ଭଉଣୀ ଆଉ ଦୁଇ ଭାଇଙ୍କ ମଧ୍ୟରେ କଳ୍ପନା ଥିଲେ ସବୁଠାରୁ ବଡ । ପାଠ ପଢିବା ପାଇଁ ଥିଲା ତାଙ୍କର ପ୍ରବଳ ଆଗ୍ରହ କିନ୍ତୁ ଅଭାବୀ ପରିବାର ର ଆର୍ଥିକ ପରିସ୍ଥିତି ସହିତ ବିଦ୍ୟାଳୟ ରେ ତାଙ୍କ ସହିତ ଘଟୁଥିବା ଜାତି ଗତ ଉପେକ୍ଷା ତାଙ୍କୁ ଅଷ୍ଟମ ଶ୍ରେଣୀରୁ ପଢା ବନ୍ଦ କରି ଘରେ ବସିବାକୁ ବାଧ କରିଥିଲା । ସେଇ ବାରବର୍ଷ ର ଛୋଟ ଝିଅଟିକୁ ବାପା ମହାଦେବ ନିଜ ଜାତି ର ପ୍ରଚଳିତ ପ୍ରଥା ଅନୁଯାୟୀ ବାହାଘର କରି ଶାଶୁଘରକୁ ପଠାଇ ଦେଇଥିଲେ । ସଂସାର ବିଷୟରେ ସଂପୂର୍ଣ୍ଣ ଅନଭିଜ୍ଞ ସେଇ ଛୋଟ ଝିଅଟି ସଂସାର ର ସବୁ ଜଞ୍ଜାଳ ତୁଲାଇବାକୁ ସକ୍ଷମ ହୋଇ ନପାରି ଅକଥନୀୟ ନିର୍ଯ୍ୟାତନା ର ଶିକାର ହେଲା ଶାଶୁଘରେ । ଛଅ ମାସ ପରେ ହଠାତ ଦିନେ ଶାଶୁଘରେ ବାପାଙ୍କ ଉପସ୍ଥିତି ରେ ମାଡ ଖାଉଥିବା ଝିଅ ର ଦୁଃଖ ଦେଖି ବାପାଙ୍କର ପଶ୍ଚାତାପର ସୀମା ରହିନଥିଲା ଏବଂ ସେଇଦିନ ହିଁ ସେ ଝିଅକୁ ସାଥିରେ ଧରି ନେଇ ଆସିଥିଲେ ନିଜ ଘରକୁ ଆଉ କେବେ ବି ସେଇ ନର୍କ କୁ ଝିଅକୁ ନ ପଠାଇବାର ପ୍ରତିଜ୍ଞା କରିଥିଲେ । ବାପଘରକୁ ସିନା ଫେରି ଆସିଥିଲେ କଳ୍ପନା ,ହେଲେ ଗାଆଁ ଗଣ୍ଡା, ସାହି ପଡିଶାଙ୍କର କଠୋର ନିନ୍ଦା ଏବଂ ତାଚ୍ଛଲ୍ୟ ଶୁଣିବାକୁ ପଡିଥିଲା ତାଙ୍କୁ । ଝିଅକୁ ଆଉଥରେ ସ୍କୁଲ୍ ପଠାଇବାକୁ ଚାହୁଁଥିଲେ ମଧ୍ୟ ପଠାଇ ପାରିଲେନି ମହାଦେବ । କଳ୍ପନା ଚାହୁଁ ନଥିଲେ ବାପାଙ୍କ ଉପରେ ବୋଝ ହୋଇ ରହିବା ପାଇଁ, ତେଣୁ ବିଭିନ୍ନ ପ୍ରକାର ର ସରକାରୀ ଚାକିରି ପାଇଁ ଦରଖାସ୍ତ କଲେ ହେଲେ ଦୁର୍ଭାଗ୍ୟ କୁ କୌଣସିଟିରେ ମଧ୍ୟ ସଫଳ ହେଲେ ନାହିଁ । ତାଙ୍କର ଶିକ୍ଷାଦୀକ୍ଷା ମଧ୍ୟ ସେମିତି ଅଧିକ ନଥିଲା ଆଉ କିଛି କାମ କରିବା ପାଇଁ ।

ଏପଟେ ଶାଶୁଘରର ନିର୍ଯ୍ୟାତନା, ସେପଟେ ବାପଘରେ ବାର ଲୋକଙ୍କ ତାଚ୍ଛଲ୍ୟ, ବାପା ମାଆଙ୍କର ନିନ୍ଦା,ପରିବାର ର ଅସହାୟତା ,ସବୁ ଦେଖି ଦେଖି ସହି ସହି ଦୁଃଖ ରେ ଭାଙ୍ଗିପଡୁଥିଲେ କଳ୍ପନା। ଶେଷରେ ତାଙ୍କର ମୃତ୍ୟୁ ହିଁ ସବୁ ସମସ୍ୟା ର ସମାଧାନ ବୋଲି ସ୍ଥିର କରି ଦିନେ ବିଷ ପାନ କରି ନିଜକୁ ନିଃଶେଷ କରିବା ପାଇଁ ବସିଲେ ସେ । ହେଲେ ପରିବାର ର ଲୋକମାନେ ଜାଣିପାରି ତାଙ୍କୁ ମେଡିକାଲ ନେଇ ବଞ୍ଚେଇ ଦେଲେ । ଆହୁରି ଦୁଃଖ ରେ ଭାଙ୍ଗି ପଡିଲେ କଳ୍ପନା । କଳ୍ପନା ଭାବିଲେ ଈଶ୍ୱର ବୋଧହୁଏ କିଛି ଅଲଗା ବିଚାର ରଖିଛନ୍ତି ମୋ'ପାଇଁ । ବୋଧହୁଏ ତାଙ୍କର ଇଚ୍ଛା ମୁଁ ଜୀବିତ ରହେ । ତେବେ ତାହା ହି ହେଉ । ଏବେ ମୁଁ ନିଶ୍ଚୟ ବଞ୍ଚିବି ଏବଂ ନିଜକୁ ପ୍ରତିପାଦିତ କରିବି ଏଇ ଦୁନିଆଁ ଆଗରେ । ସେଇଠୁ ଆରମ୍ଭ ହୋଇଥିଲା ତାଙ୍କ ଜୀବନର ଦ୍ୱିତୀୟ ଅଧ୍ୟାୟ ।

ମାମୁଁ ଘରକୁ ଗଲେ ଝିଅର ମନ କୁ ହୁଏତ ଶାନ୍ତି ମିଳିବ ଭାବି ମାଆ କଳ୍ପନାଙ୍କୁ ମୁମ୍ବାଇ ପଠାଇଦେଲେ । ମାମୁଁ ଘରେ ରହି ସିଲେଇ ଶିଖିଲେ କଳ୍ପନା । ସେଇ ସମୟରେ କୌଣସି ବିବାଦୀୟ ପରିସ୍ଥିତିରେ ପଡି ମହାଦେବଙ୍କର ଚାକିରୀ ଚାଲିଗଲା ।ଏବେ କଳ୍ପନା ଘରର ବଡଝିଅ ଭାବରେ ତାଙ୍କୁ ସାହାଯ୍ୟ କରିବାକୁ ଅଣ୍ଟା ଭିଡିଲେ । ଦୈନିକ ଦୁଇଟଙ୍କା ମଜୁରୀ ରେ ଗୋଟିଏ ପୋଷାକ ତିଆରି କମ୍ପାନୀ ରେ ଦିନ ମଜୁରିଆ ହିସାବରେ କାମ କଲେ ସେ । ମାସକୁ ଚାଳିଶି ଟଙ୍କା ଭଡାରେ ଖୋଲି ଟିଏ ନେଇ ନିଜର ବାପା ମାଆ ଭାଇ ଭଉଣୀଙ୍କୁ ଗାଆଁ ରୁ ଆଣି ରଖିଲେ ସେଇଠି । ପୁରୁଣା ସିଲେଇ ମେସିନ୍ ଟିଏ କିଣି କମ୍ପାନୀ ସମୟ ବାଦ୍ ବଳକା ସମୟରେ ସେ ଘରେ ବ୍ଲାଉଜ୍ ପିଛା ଦଶଟଙ୍କା ମଜୁରୀ ନେଇ କାମ କଲେ । ସେଇ ସମୟରେ ତାଙ୍କ ସାନ ଭଉଣୀ ଟି ସାଙ୍ଘାତିକ ବେମାର ପଡିଲା। ଅର୍ଥାଭାବରୁ ତା'ର ଉପଯୁକ୍ତ ଚିକିତ୍ସା ହୋଇ ପାରିଲାନି, ବିଚାରୀ ଟି ସେଇ ରୋଗରେ ସଡି ସଡି ମରିଗଲା । ଭଉଣୀ ର ଅକାଳ ମୃତ୍ୟୁ ହିଁ ଶିଖେଇଥିଲା ତାଙ୍କୁ " ମଣିଷ ଭଳି ବଞ୍ଚିବାକୁ ହେଲେ ଅର୍ଥ ଦରକାର , ପଇସା ରୋଜଗାର କରିବାକୁ ହେବ ନିଜକୁ , ନିଜର ପରିବାରକୁ ବଞ୍ଚାଇବା ପାଇଁ "।

ସେ ଦିନକୁ ଷୋହଳ ରୁ ଅଠର ଘଣ୍ଟା ପରିଶ୍ରମ କଲେ । ନିଜର ଆୟ ବଢାଇବା ପାଇଁ ରାସ୍ତା ଖୋଜିବା ସମୟରେ ତାଙ୍କ ଆଖିରେ ପଡିଲା ସରକାରଙ୍କ ଲଘୁ ଉଦ୍ୟୋଗ ଯୋଜନା ରେ ମିଳୁଥିବା ବିଭିନ୍ନ ପ୍ରକାର ଋଣ । ନିଜେ ବ୍ୟାଙ୍କ୍ କୁ ଦୌଡା ଦୌଡି କରି " ମହାତ୍ମା ଜ୍ୟୋତି ଭାଇ ଫୁଲେ ଗରିବ କଲ୍ୟାଣ ଯୋଜନା" ରେ ପଚାଶ ହଜାର ଟଙ୍କାର ଋଣ କରି ସେଥିରେ ନିଜର ସିଲେଇ କାରଖାନା ଟିଏ ( ବୁଟିକ୍) ଆରମ୍ଭ କଲେ। ତାଙ୍କ ଭଳି ଦୁଃଖ ରେ ଥିବା ସ୍ୱଳ୍ପ ଶିକ୍ଷିତ ଏବଂ ନିଜ ପରିଶ୍ରମ ରେ ସ୍ୱାବଲମ୍ବୀ ହେବାକୁ ଇଚ୍ଛା କରୁଥିବା ଅନେକ ମଣିଷ ମାନଙ୍କୁ ଦେଖୁଥିଲେ ସେ । ସେ ଚାହୁଁ ନଥିଲେ ଆଉ ଜଣେ କେହି ବି ତାଙ୍କ ଭଳି ଦୁର୍ଦ୍ଦଶା ଭୋଗନ୍ତୁ। ସେଇ ମାନଙ୍କୁ ସାଙ୍ଗରେ ନେଇ ସେ ଗଢିଲେ " ସୁଶିକ୍ଷିତ ରୋଜଗାରୀ ସଙ୍ଗଠନ" । ତନ୍ମଧ୍ୟରୁ କିଛି ଲୋକଙ୍କୁ ନେଇ ନିଜର ବୁଟିକ୍ ସହିତ ଶସ୍ତା କାଠର ଗୃହୋପକରଣ ତିଆରି କାରଖାନା ଟିଏ ଖୋଲିଲେ । ଦୁଇଟି ଯାକ କାରଖାନା ଭଲରେ ଚାଲିଲା । ଧୀରେ ଧୀରେ ସେ ଅନ୍ୟ ମାନଙ୍କୁ କାମ ଯୋଗାଇ ଦେବା ପାଇଁ ବ୍ୟାଙ୍କ୍ ସହିତ ଯୋଗାଯୋଗ କରି ଅନେକ ବେକାର ଙ୍କୁ ରୋଜଗାର ର ମାଧ୍ୟମ ଯୋଗାଇଦେଲେ । କ୍ରମେ କ୍ରମେ ତାଙ୍କର ସାହାଯ୍ୟ ସହଯୋଗ ର ପ୍ରଶସ୍ତି ଚାରିଆଡେ ବ୍ୟାପିବାରେ ଲାଗିଲା । ସିଏ ଜଣେ ପାରିବାର ଲୋକ, ବଳରୋଲି ସମସ୍ତେ ଜାଣିଲେ। କେହି ସୁବିଧା ଅସୁବିଧାରେ କଳ୍ପନାଙ୍କ ନିକଟକୁ ଆସିଲେ ତାଙ୍କୁ ନିଜର ସାଧମତେ ସହଯୋଗ କରୁଥିଲେ କଳ୍ପନା । ଲୋକଙ୍କ ଭରସା ବଢୁଥିଲା ତାଙ୍କ ଉପରେ । ଊଣେଇଶହ ଚଉରାଅଶୀ ମସିହା ରେ କିଛି ଲୋକ ତାଙ୍କ ଖବରଦେଲେ ଯେ ଜଣେ ଜମି ମାଲିକ ନିହାତି ଅସୁବିଧା ରେ ପଡି ତାଙ୍କର ଜମି ଖଣ୍ଡିଏ ଶାଗମାଛ ଦରରେ ବିକ୍ରି କରିବେ , ସେଇଟିକୁ କିଣି ଦେଲେ କାରଖାନା ପାଇଁ ଭଲ ଜମିଟିଏ ମିଳି ଯାଆନ୍ତା ଭାବି ସେଥିରେ ଲାଗି ପଡିଲେ କଳ୍ପନା ।

ମାଗି ଯାଚି ଧାର ଉଧାର କରି ଜମି କିଣା ହୋଇଗଲା ହେଲେ ତା'ର ଅଧିକାର ନେବାକୁ ନାକରେ ପାଣି ପିଇବାକୁ ପଡିଥିଲା ତାଙ୍କୁ। କାରଣ ସେଇଟି ଥିଲା ଗୋଟିଏ ବିବାଦିତ ପ୍ଲଟ୍ ଏବଂ ବହୁ ଆଶାୟୀ ଥିଲେ ସେଇ ପ୍ରମୁଖ ସ୍ଥାନରେ ଥିବା ପ୍ଲଟ୍ ଟି ହାତେଇବାର ଲାଗି। ସେମାନଙ୍କ ମଧ୍ୟରେ ଅନେକ ବାହୁବଳୀ ଥିଲେ । ସେମାନେ ବିଭିନ୍ନ ପ୍ରକାର ଧମକ ଚମକ ଦେଲେ କଳ୍ପନା ଙ୍କୁ ପ୍ଲଟ୍ ଟି ଛାଡି ଦେବା ପାଇଁ, ହେଲେ ଜୀବନର ସବୁ ପୁଞ୍ଜି ବିନିଯୋଗ କରି ସେଇ ପ୍ଲଟ୍ ଟି କିଣିଥିବା କଳ୍ପନା ମୋଟେ ରାଜି ହେଲେ ନାହିଁ ପ୍ଲଟ୍ ଟି ଛାଡି ଦେବା ପାଇଁ । ଶେଷରେ ପରିସ୍ଥିତି ଏମିତି ହେଲା ଯେ ସେଇ ବାହୁବଳୀ ମାନେ କଳ୍ପନା ଙ୍କ ନାଆଁ ରେ ସୁପାରି ଦେଇଦେଲେ,ଅର୍ଥାତ୍ ଭଡାଟିଆ ଗୁଣ୍ଡା ଲଗାଇଥିଲେ କଳ୍ପନାଙ୍କୁ ହତ୍ୟା କରିବା ପାଇଁ । କଳ୍ପନାଙ୍କ ଶୁଭାକାଂକ୍ଷୀ ମାନେ ଉପଦେଶ ଦେଲେ " ଛାଡି ଦିଅ ସେ ଜମି ,ପ୍ରାଣ ନେଇ ଗାଆଁ କୁ ଫେରିଯାଅ, ନହେଲେ ମରିବ ତାଙ୍କ ହାତରେ"। ମରଣକୁ ବହୁତ ପାଖକୁ ଦେଖିଥିବା କଳ୍ପନା ଙ୍କୁ ମୃତ୍ୟୁ ର ଭୟ ନଥିଲା। ନିଜ ଜିଦ୍ ରେ ଅଟଳ ରହି ସେ ସିଧା ଯାଇ ଭେଟିଲେ ସେଠାର ପୋଲିସ୍ କମିଶନର୍ ଙ୍କୁ। କମିଶନର ମହୋଦୟ କଳ୍ପନାଙ୍କର ସବୁ କଥା ଶୁଣି ତାଙ୍କର ସୁରକ୍ଷା ପାଇଁ ଦୁଇ ଜଣ ସବ୍ଇନିସ୍ପେକ୍ଟର ଯୋଗାଇ ଦେବେ ବୋଲି କହିଲେ ।କିନ୍ତୁ କଳ୍ପନା କହିଲେ " ସାର୍ ! ଯଦି ମୋତେ ସାହାଯ୍ୟ କରିବା ପାଇଁ ଚାହୁଁଛନ୍ତି ତ, ମୋତେ ବନ୍ଧୁକ ଟିଏ ରଖିବାକୁ ଲାଇସେନ୍ସ ଦିଅନ୍ତୁ, ମୋ' ହାତରେ ବନ୍ଧୁକ ଆଉ ତା' ଭିତରେ ଛଅଟି ଗୁଳି ଥିବା ଯାଏଁ ଏମିତି କୋଉ ମାଆର ପୁଅ ନାହିଁ ଯେ ମୋ' ଦେହରେ ହାତ ଦେଇ ପାରିବ'। ସାଧାରଣ ମହିଳା ଟିଏ ମୁହଁ ରୁ ଏଇ କଥା ଶୁଣି ଚକିତ ହୋଇଥିଲେ ପୋଲିସ୍ କମିଶନର୍ ଏବଂ ତାଙ୍କର ଦୃଢ ଆତ୍ମିଶ୍ୱାସ ରେ ପ୍ରୀତ ହୋଇ ତାଙ୍କୁ ସେଇ ଦିନ ହିଁ ବନ୍ଧୁକ ରଖିବାକୁ ଲାଇସେନ୍ସ ଟିଏ ପ୍ରଦାନ କରିଥିଲେ । ଲଢେଇ ଜାରି ରହିଲା, ଶେଷରେ ଜମି କିଣିବାର ଛଅ ବର୍ଷ ପରେ ଊଣେଇଶହ ନବେ ମସିହାରେ ସେଇ ଜମିର ଅଧିକାର ମିଳିଲା ତାଙ୍କୁ। ସେଇଠୁ ଆରମ୍ଭ ହୋଇଥିଲା କଳ୍ପନା ଙ୍କର ରିଏଲ୍ ଇଷ୍ଟେଟ୍ ବିଜିନେସ୍। ଜଣେ ମହିଳା ବିଲଡର୍ ଭାବରେ ପରିଚିତ ହେଲେ କଳ୍ପନା ।

ସଫଳତାର ପାହାଚ ପରେ ପାହାଚ ଉଠି ଚାଲିଲେ କଳ୍ପନା । ସମାଜ ସମ୍ମାନ ଦେଲା ତାଙ୍କୁ, ଅର୍ଥ, ପ୍ରତିପତ୍ତି ସବୁ ମିଳୁଥିଲା ତଥାପି ନିଜର କଠିନ ଅଧ୍ୟବସାୟ ରୁ ବିଚ୍ୟୁତ ହେଉ ନଥିଲେ ସେ। "କର୍ମ ହିଁ ଈଶ୍ୱର " ଏଇ ଧ୍ୟାନ ନେଇ ଆଗେଇ ଚାଲିଥିଲେ । ପୁଣି ଆସିଥିଲା ଜୀବନର ଆଉ ଗୋଟିଏ ମୋଡ । ଯେଉଁଠି ନିଜ ଭଳି ଆହୁରି ଅନେକ ଶ୍ରମିକ ମାନଙ୍କ ଜୀବନରକ୍ଷା ଲାଗି ଆହରି ଗୋଟିଏ ଲଢେଇ ଲଢିବାକୁ ପଡିଥିଲା କଳ୍ପନା ଙ୍କୁ । ରାମ୍ ଜୀ ଭାଇ କମାନୀ ନାମରେ ଜଣେ ବିଶିଷ୍ଟ ଶିଳ୍ପପତିଙ୍କର କୁର୍ଲା ସହର ରେ ତିନୋଟି କାରଖାନା ଥିଲା " କମାନୀ ଟିଉବ୍, କମାନୀ ଇଞ୍ଜିନିୟରିଂ ଏବଂ କମାନୀ ମେଟାଲ୍ସ" । ସ୍ୱାଧୀନତା ପରବର୍ତ୍ତୀ ସମୟର ରାମ୍ ଜୀ ଭାଇ ଥିଲେ ନେହେରୁ ଏବଂ ଗାନ୍ଧୀଜୀ ଙ୍କର ଜଣେ ବଡ ଭକ୍ତ। ଖୁବ୍ ଭଲରେ ଚାଲିଥିଲା ତାଙ୍କର ତିନୋଟି ଯାକ କାରଖାନା । ଊଣେଇଶହ ସତାଅଶୀ ମସିହା ରେ ରାମ୍ ଜୀ ଭାଇ କମାନୀ ଙ୍କ ମୃତ୍ୟୁ ପରେ ତାଙ୍କ ସନ୍ତାନ ମାନଙ୍କ ମଧ୍ୟରେ ମତାନ୍ତର ହେଲା। କମ୍ପାନୀ ଗୁଡିକ କ୍ଷତିଗ୍ରସ୍ତ ହେବାକୁ ଲାଗିଲା ଏବଂ ବ୍ୟାଙ୍କରଣ ଶୁଝିବାକୁ ଅସମର୍ଥ ହେଲା। ଫଳରେ ଦେବାଳିଆ ଘୋଷଣା କରି 'କମାନୀ ଇଞ୍ଜିନିୟରିଂ' ଏବଂ 'କମାନୀ ମେଟାଲ୍ 'ଦୁଇଟି ଯାକ କାରଖାନା କୁ ବ୍ୟାଙ୍କ୍ ନିଲାମ କରି ଦେଲା । ଶ୍ରମିକମାନଙ୍କ ଦାନାପାଣି ବୁଡି ଗଲା । ଭୋକ ଉପାସରେ ସଢିଲେ ଛତିଶି ହଜାର ଶ୍ରମିକ ମାନଙ୍କ ପରିବାର । ବାକୀ ରହିଥିଲା " କମାନୀ ଟିଉବ୍ସ" ଯାହାକୁ ଶ୍ରମିକ ମାନେ ବଞ୍ଚାଇ ରଖିବାକୁ କୋର୍ଟରେ କେଶ୍ କଲେ । କେଶ୍ ଚାଲିଲା ବହୁତ ଦିନ ଯାଏଁ ହାଇକୋର୍ଟ ରୁ ସୁପ୍ରିମକୋର୍ଟ ଯାଏଁ ।

ସୁପ୍ରିମକୋର୍ଟଙ୍କ ଶେଷ ଆଦେଶ ଅନୁଯାୟୀ ଶ୍ରମିକ ମାନଙ୍କ ହାତରେ ଦିଆଗଲା କମ୍ପାନୀ ପରିଚାଳନାର ଦାୟିତ୍ୱ, ଋଣ ଶୁଝିବା ଲାଗି କିଛିଦିନ ମହଲତ ମଧ୍ୟ ଦେଇଥିଲେ । କମ୍ପାନୀ କୁ ରକ୍ଷା କରିବା ପାଇଁ ସେମାନେ ଶରଣାଗତ ହେଲେ କଳ୍ପନାଙ୍କ ପାଖରେ । ଶ୍ରମିକମାନଙ୍କ ଅନୁରୋଧ ରକ୍ଷାକରି କମ୍ପାନୀ ର ପ୍ରେସିଡେ଼ଣ୍ଟ୍ ପଦ ଅଧିଗ୍ରହଣ କରି କମାନୀ ଟିଉବ୍ କମ୍ପାନୀକୁ ପୁନରୁଦ୍ଧାର କରିବାର ଦାୟିତ୍ୱ ନେଲେ । ଦିନରାତି ଏକାକାର କରି ସେ ତନ୍ନ ତନ୍ନ କରି ସମୀକ୍ଷା କଲେ କମ୍ପାନୀ ର ଅତୀତ ଆଉ ବର୍ତ୍ତମାନ ସ୍ଥିତି କୁ। କମ୍ପାନୀ ର ଅର୍ଥନୈତିକ ଉପଦେଷ୍ଟା ଥିଲା ଆଇ ଡି ବି ଆଇ ବ୍ୟାଙ୍କ୍ । କମ୍ପାନୀ ଉପରେ ବିଭିନ୍ନ ବ୍ୟାଙ୍କ୍ ର ବକେୟା ଦେୟ ଥିଲା ଏକ ଶତ ଷୋହଳ କୋଟି ଟଙ୍କା । ସେଇ ବକେୟା ଦେୟ ବାବଦରେ ଅନୁସନ୍ଧାନ କରିବାକୁ ସେ ବ୍ୟାଙ୍କ୍ ରୁ ବ୍ୟାଙ୍କ୍ ଘୁରିବୁଲିଲେ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ର ବିଭିନ୍ନ ନୀତି ନିୟମ ମାନ ତର୍ଜମା କଲେ । ସେ ସିଧା ସଳଖ ଯୋଗାଯୋଗ କଲେ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ରେ । ତହିଁରେ ବ୍ୟାଙ୍କିଂ ଡିଭିଜନର ଦାୟିତ୍ୱ ରେ ଥିବା ପ୍ରମୁଖ ସଚିବ ଙ୍କ ସହିତ ଯୋଗାଯୋଗ କରି " କମାନୀ ଟିଉବସ୍" କମ୍ପାନୀ ବାବଦରେ ସବିଶେଷ ଆଲୋଚନା କଲେ ଏବଂ କମ୍ପାନୀ ର ମୂଳ ଦେୟ ଉପରେ ପୁନଃପୌନିକ ସୁଧ ତଥା ଅତିରିକ୍ତ ପେନାଲିଟି ଗୁଡିକୁ ମାଫ୍ କରିବା ଲାଗି ଅନୁରୋଧ ପ୍ରସ୍ତାବ ଟିଏ ଦେଲେ। କଳ୍ପନା ଙ୍କର ବଳିଷ୍ଠ ତାତ୍ପର୍ଯ୍ୟପୂର୍ଣ୍ଣ ବିଶ୍ଳେଷଣ ଏବଂ କମ୍ପାନୀ ର ଶ୍ରମିକ ମାନଙ୍କ ପାଇଁ ଥିବା ସଦଭାବନା ଦେଖି ଖୁବ୍ ପ୍ରଭାବିତ ହୋଇଥିଲେ ପ୍ରମୁଖ ସଚିବ । ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସେ ଏଇ ବିଷୟରେ ଅବଗତ କରାଇଥିଲେ ଏବଂ ବୋର୍ଡ ର ସମସ୍ତଙ୍କ ଅନୁମୋଦନ କ୍ରମେ କମ୍ପାନୀ ର ମୂଳ ଋଣ ଟଙ୍କା ଉପରେ ଅତିରିକ୍ତ ସୁଧ ତ ଛାଡ ହୋଇଥିଲା , ମୂଳ ଋଣର ମଧ୍ୟ ଏକ ଚତୁର୍ଥାଂଶ ମାଫ୍ କରି ଦେଇଥିଲେ ଭାରତୀୟ ରିଜର୍ଭ ବ୍ୟାଙ୍କ । ଦୁଇ ହଜାର ସାତ ମସିହା ରେ 'କମାନୀ ଟିଉବ୍ ' ର ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ନେଲେ କଳ୍ପନା ।ସୁପ୍ରିମକୋର୍ଟଙ୍କ ଆଦେଶରେ କମ୍ପାନୀ କୁ ମହଲତ ମିଳିଥିଲା ସାତ ବର୍ଷ ଅବଧି ମଧ୍ୟରେ ସେଇ କ୍ଷତି କୁ ଭରଣା କରିବା ଲାଗି ।କଳ୍ପନା ଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ଏବଂ ବିଜ୍ଞ ସୁପରିଚାଳନା ରେ 'କମାନୀ ଟିଉବ୍ସ' ଦୁଇ ହଜାର ଏଗାର ମସିହାରେ ମାତ୍ର ତିନୋଟି ବର୍ଷ ପରେ ଖାଲି ସେଇ କ୍ଷତି କୁ ଭରଣା କରି ଦେଇନଥିଲା ବରଂ ପର ବର୍ଷ କମ୍ପାନୀ ପାଇଁ ଲାଭ କରିଥିଲା ଆଠକୋଟି ଟଙ୍କା ।

ସାରା ବିଶ୍ୱ ସ୍ତବ୍ଧ ହୋଇ ଯାଇଥିଲା ସେ ସମୟରେ କଳ୍ପନା ଙ୍କର ସେଇ ଯାଦୁଗରୀ ଉଦ୍ୟୋଗ ପରିଚାଳନା ଦେଖି । ଗୋଟିଏ ମୃତପ୍ରାୟ ଶିଳ୍ପଦ୍ୟୋଗ କୁ ଜୀବନ୍ୟାସ ଦେଇଥିଲେ ଜଣେ ସାଧାରଣ ମହିଳା। ସାରା ବିଶ୍ୱ ର ଶିଳ୍ପୋଦ୍ୟୋଗୀ ମାନେ ଚାହିଁ ବସିଥିଲେ ସେଇ ମହୀୟସୀ ମହିଳାଙ୍କ ମୁହଁ ରୁ ତାଙ୍କ ସଫଳତାର କାହାଣୀ ଶୁଣି ସେଥିରୁ ଶିକ୍ଷାଲାଭ କରିବା ପାଇଁ । ସେଇ ଯାଦୁଗରୀ ଦେଖି ଭାରତ ସରକାର ତାଙ୍କୁ ପୁରସ୍କୃତ କରିଥିଲେ ପଦ୍ମଶ୍ରୀ ସମ୍ମାନ ରେ ଉଦ୍ୟୋଗ ପରିଚାଳନାରେ ଶ୍ରେଷ୍ଠତା ଲାଗି । ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀଯୁକ୍ତ ପ୍ରଣବ ମୁଖାର୍ଜୀଙ୍କ ହାତରୁ ସମ୍ମାନ ନେଲାବେଳେ ସେ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ ଏବଂ ବୟାନ କରିଥିଲେ ନିଜର ଅତୀତ ଆଉ ଜୀବନ ସଂଗ୍ରାମ ର କାହାଣୀ । ସାରା ବିଶ୍ୱ ସ୍ତବ୍ଧ ହୋଇ ଯାଇଥିଲା ସେ କାହାଣୀ ଶୁଣି। ସେ ଘୁରି ବୁଝିଥିଲେ ସାରା ବିଶ୍ୱ ର ମହାଦେଶ ମାନଙ୍କରେ ଅତିଥି ହୋଇ ଆଉ ଶୁଣାଇଥିଲେ ତାଙ୍କର କଠୋର ଅଧ୍ୟବସାୟ ର ବିଜୟ ଗାଥା। ଦୁଇ ହଜାର ଊଣେଇଶି ମସିହାରେ ପୁନଶ୍ଚ ବିଶ୍ୱ ମହିଳା ଦିବସ ରେ ସମ୍ମାନିତ ହୋଇଥିଲେ ଦେଶର ରାଷ୍ଟ୍ରପତିଙ୍କ ଦ୍ୱାରା " ନାରୀଶକ୍ତି " ସମ୍ମାନ ରେ। ଏ ଯାବତ୍ ଦେଶ ବିଦେଶରେ ସେ ଅନେକ ସମ୍ମାନ ର ଅଧିକାରିଣୀ କିନ୍ତୁ ପ୍ରତ୍ୟେକ ଥର ସମ୍ମାନୀତ ହେଲା ବେଳେ ସେ ଦୋହରାଇଥାଆନ୍ତି ତାଙ୍କର ଅତୀତ କୁ ଅନ୍ୟ ମାନଙ୍କୁ ପ୍ରେରଣା ଦେବା ଲାଗି ।

ତାଙ୍କ ଭାଷାରେ " ମତେ ଦେଖ ! ଦଳିତ ସଂପ୍ରଦାୟ ର ଯେଉଁ ସ୍ୱଳ୍ପ ଶିକ୍ଷିତା ନିର୍ଯ୍ୟାତିତା ବାଲ୍ୟବଧୁଟି ଦିନେ ପେଟ ପୁରା ଖାଇବାକୁ ପାଉ ନଥିଲା ସିଏ ଆଜି ଦୁଇଶହ ଏଗାର ଅୟୁତ ଡଲାର୍ ର ମାଲିକାଣୀ, ଯେଉଁ ଅନାଦୃତା ଝିଅଟିର ଗାଆଁ କୁ ଯାତାୟାତ କରିବା ପାଇଁ ମାତ୍ର ଗୋଟିଏ ରାସ୍ତା ଥିଲା ଆଜି ମୁମ୍ବାଇ ନଗରୀରେ ତା'ରି କମ୍ପାନୀ ନାମରେ ଦୁଇଟି ମୁଖ୍ୟ ସହର' କୁର୍ଲା' ଏବଂ 'ଓ୍ୱାଡା ' ରେ ଦୁଇଟି ମୁଖ୍ୟ ସଡକ ନାମିତ ,ଯେଉଁ ଝିଅକୁ ଦିନେ ନିଜ ଗାଆଁ ରେ ସ୍ଥାନ ମିଳୁନଥିଲା ଆଜି ସେ ଦେଶ ବିଦେଶରେ ଅନେକ ବହୁମୂଲ୍ୟ ପ୍ରାସାଦ ର ଅଧିକାରିଣୀ, ତାହା କେବଳ ସମ୍ଭବ ହୋଇ ପାରିଛି ମୋର ଦୃଢ ଇଚ୍ଛା ଶକ୍ତି, କଠୋର ଅଧ୍ୟବସାୟ, ନିର୍ଭୀକ ଆତ୍ମବିଶ୍ୱାସ ଏବଂ ସଚ୍ଚୋଟ କର୍ତ୍ତବ୍ୟନିଷ୍ଠା ପାଇଁ"। ସତରେ , ନାରୀ ସମାଜ ପାଇଁ ପଦ୍ମଶ୍ରୀ କଳ୍ପନା ସରୋଜ ଏକ ଉଦାହରଣ ପାଲଟିଛନ୍ତି ନିଜର କର୍ତ୍ତବ୍ୟନିଷ୍ଠା ଓ ସତ୍ ସାହସ ପାଇଁ ।

---

## ଯୁଗେ ଯୁଗେ ନାରୀ




ଜୟଶ୍ରୀ ପଟ୍ଟନାୟକ


ନାରୀ ହେଉଛି ବିଶ୍ୱ ସୃଷ୍ଟିର ଶକ୍ତି। ସେ ଜନନୀ , ଭଗିନୀ, ସୃଷ୍ଟିକାରିଣୀ , ସଂହାରିଣୀ ଓ ବିଶ୍ୱ କଲ୍ୟାଣୀ । ସେ ପୁଣି ଶକ୍ତିମୟୀ । ଏନ୍ତୁଡିରୁ ଜୁଇ ଯାଏଁ ତ୍ୟାଗ ଓ ତିତିକ୍ଷାରେ ବନ୍ଧା ତାର ଜୀବନ । ସମର୍ପଣ ଭାବ, ସହନଶୀଳତା ତାର ଅଙ୍ଗଭୂଷଣ । ପଂଚ ଶତାବ୍ଦୀ ତଳେ ଓଡିଆ ସାହିତ୍ୟର ଆଦି ପୁରୁଷ ସାରଳା ଦାସ ମହାଶୟ ଲେଖିଥିଲେ-- ନାରୀ ସାକ୍ଷାତ ଜଗତ ତାରେଣୀ, ଜଗତ କାରେଣୀ ଜଗତ ପାଳିନି ଶକ୍ତି ସରସ୍ୱତୀ ଅର୍ଣ୍ଣପୂର୍ଣ୍ଣା। ନାରୀ ଗ୍ରୀଷ୍ମ, ବର୍ଷା ଶରତ,ଶୀତ, ବସନ୍ତ ଋତୁଚକ୍ର ପରି ଚିରନ୍ତନୀ । ସେ କେବେ ଅଭିସାରିକା କେବେ ଅମୃତା। କେବେ ସତୀ ସୀତା ତ କେବେ ମୀରା ତ କେବେ ରାଧା। ପୁଣି ଆତ୍ମଜା କି ଜୀବନ ସାଥୀ । ଚିରକାଳ ସେ ଚାହେଁ ସାଙ୍ଗ ହୋଇ ନଇ ପାର ହେବା। ପୂର୍ଣ୍ଣଗର୍ଭା,ରତ୍ନପ୍ରଭା ହେବା ହିଁ ତାର ଚିରନ୍ତନ ଆଶା । ତାପ୍ରେମ ଦେହର ନୁହେଁ ହୃଦୟର ।। ଜାତିର ଜନକ ଗାନ୍ଧିଜୀ ଏକଦା କହିଥିଲେ ବଳର ଅଥ ଯଦି ପଶୁବଳ ବୋଲି ବୁଝାଯାଏ ତେବେ ବାସ୍ତବିକ ନାରୀ ପୁରୁଷ ଠାରୁ ଅନେକ ଗୁଣରେ ଅଧିକ ବଳବତୀ । ତାର ସହିବାଶକ୍ତି ପୁରୁଷ ଠାରୁ ଅଧିକ । ନାରୀ ଶକ୍ତି ସଂପର୍କରେ ତାଙ୍କର ଆତ୍ମ ବିଶ୍ୱାସ ଥିଲା । ନାରୀମାନଙ୍କ ପ୍ରତି ହୀନମନ୍ୟତା ସେମାନଙ୍କ ଶକ୍ତିର ବିକାଶ ପଥରେ ଅନ୍ତରାୟ ବୋଲି ସେ ଅନୁଭବ କରିଥିଲେ । ବାଲ୍ୟ ବିବାହ, ବହୁ ବିବାହ, ପର୍ଦ୍ଦାପ୍ରଥା,ଦେବଦାସୀ ପ୍ରଥା ଓ ବିଧବା ବିବାହ ବିରୋଧ, ପରାଧୀନତା, ଯୌତୁକ ଓ ଆର୍ଥିକ ଦାରିଦ୍ରତା ପ୍ରଭୃତି କୁପ୍ରଥା ନାରୀ ସମାଜର ପ୍ରଗତିର ପ୍ରତିବନ୍ଧକ ବୋଲି ସେ ଉପଲବ୍ଧି କରିଥିଲେ । ଜାୟା, ଜନନୀ ଓ ଭଗିନୀ ଭାବରେ ନାରୀର ସ୍ନେହ,ଶ୍ରଦ୍ଧା ସେବା ତ୍ୟାଗର ମହତ୍ୱ ଅତୁଳନୀୟ । ଗାନ୍ଧୀ ଚାହୁଁ ନ ଥିଲେ ନାରୀର ଶକ୍ତି, ଗୁଣ,ଗାରିମା, ଧୀଶକ୍ତି ଓ ସୁସଂଜତ କାର୍ଯ୍ୟକୁ ଗୃହର ଚାରିକାନ୍ଥ ମଧ୍ୟରେ ସୀମିତ ରଖିବାକୁ । ତାହାକୁ ବ୍ୟାପକ କ୍ଷେତ୍ରରେ ଜାତୀୟ କାର୍ଯ୍ୟକ୍ରମରେ ଦେଶର ସମୃଦ୍ଧି ଦିଗରେ ପ୍ରୟୋଗ କରିବାକୁ ସାରା ଜୀବନ ଚେଷ୍ଟା କରି ଆସିଛନ୍ତି । ପୁରୁଷ ତୁଳନାରେ ନାରୀ କୌଣସି ଥିରେ ନ୍ୟୁନ ନୁହେଁ । ତାଙ୍କ ମତରେ ନାରୀ ଅବଳା ନୁହେଁ। ଦୃଢ ଅବିଚଳିତ ମନୋଭାବ ତାକୁ ଅସାଧ ସାଧନ କରିବାକୁ କ୍ଷମ କରିଥାଏ । ତେଣୁ ତାହାର ଅନ୍ତର୍ନିହିତ ଶକ୍ତିକୁ ଅବଦମିତ ନ କରି ତାର ସୁପ୍ତ ଚେତନାକୁ ଜାଗ୍ରତ କରିବାକୁ ସେ ପୁରୁଷ ସମାଜକୁ ଆହ୍ୱାନ କରିଛନ୍ତି ତାଙ୍କର ପୁନର୍ଜାଗରଣ କାମନାକରିଛନ୍ତି ।

ସମାଜର କୁସଂସ୍କାର ଅନଗ୍ରସରତା ନାରୀ ପ୍ରତି ଶୋଷଣ, ନାରୀ ପ୍ରତି ହେୟ ଭାବକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ବୈଦିକ ଯୁଗରେ ନାରୀ ମାନେ ଶିକ୍ଷାଲାଭରୁ ବଂଚିତା ନ ଥିଲେ ଗୁରୁ ଗୃହ ଆଶ୍ରମରେ ରହି ବିଦ୍ୟାଶିକ୍ଷା କରୁଥିଲେ । ରାମାୟଣ ମହାଭାରତରେ ଏହାର ଦୃଷ୍ଟାନ୍ତ ରହିଛି। ଆଦର୍ଶ ଚରିତ୍ର ଗଠନ, ନୈତିକତା ଓ ଆଧାତ୍ମିକତା ତଥା ଜ୍ଞାନାର୍ଜନରେ ପ୍ରାଚୀନ ଯୁଗରେ ନାରୀମାନେ ପ୍ରସିଦ୍ଧି ଲାଭ କରିଥିଲେ । ଆପୋଲା, ବିଶ୍ୱବାରା, ମୈତ୍ରେୟୀ, ଲୋପାମୁଦ୍ରା ନାମ ଏ ଦିଗରେ ଉଲ୍ଲେଖଯୋଗ୍ୟ । ନାରୀମାନେ ସାମରିକ ବିଦ୍ୟାଶିକ୍ଷାରେ ନିପୁଣ ଥିଲେ । କାଳିଦାସଙ୍କ ପତ୍ନୀ କମଳାଙ୍କର ଶାସ୍ତ୍ର ବିଦ୍ୟାରେ ଯଥେଷ୍ଟ ଜ୍ଞାନ ଥିଲା । ଇତିହାସର ପୃଷ୍ଠା ଲେଉଟାଇଲେ ମଧ୍ୟଯୁଗର ରାଣୀ ଦୁର୍ଗାବତୀ,ଅହଲ୍ୟାବାଈ, ଝାନ୍ସୀ ରାଣୀ ଲକ୍ଷ୍ମୀବାଈ, ପଦ୍ମିନୀ, ମୀରାବାଈ ପ୍ରଭୃତି ରମଣୀ ବିଦୂଷୀଥିଲେ । ତାଙ୍କର ବୀରତ୍ୱ ସାହସିକତା କିଛି କମ୍ ନୁହେଁ । ଅତ୍ୟାଧୁନିକ ଯୁଗରେ ନାରୀ ମାନଙ୍କର ପ୍ରଭାବ ଓ ପ୍ରତିଷ୍ଠା କିଛି କମ୍ ନ ଥିଲା । ଶିକ୍ଷା,ସଂସ୍କୃତି, ବିଜ୍ଞାନ, ରାଜନୀତି, ସମାଜସେବା, ଗବେଷଣା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଛନ୍ତି । ନୃତ୍ୟ, ଗୀତ, କ୍ରୀଡା, ମହାକାଶ ଯାତ୍ରା,ସୌନ୍ଦର୍ଯ୍ୟ ପ୍ରତିଯୋଗିତା ପର୍ଯ୍ୟନ୍ତ ଖ୍ୟାତିଅର୍ଜନ କରିଛନ୍ତି । ଭାରତର ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମୀବାଈ, କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ,ଅରୁଣା ଆସଫ ଅଲ୍ଲୀ, ରମାଦେବୀ, ସରଳାଦେବୀ, କୁନ୍ତଳାକୁମାରୀ ସାବତ ଇତ୍ୟାଦି ମହିୟସୀ ମହିଳାମାନେ ଯୋଗଦାନ କରିଥିବା ବେଳେ ଆଜିର ସମାଜରେ ଶିକ୍ଷିତ ନାରୀ ନିଜର ବୁଦ୍ଧି ଓ ଜ୍ଞାନକୁ ସଫଳ ପ୍ରୟୋଗ କରି ଡାକ୍ତର, ଇଂଜିନିଅର, ଅଧ୍ୟାପିକା, ଶିକ୍ଷୟିତ୍ରୀ,ବିଚାରପତି,ସେନାବାହିନୀ ବୈଜ୍ଞାନିକ ଓ ବିମାନ ଚଳାଚଳ କ୍ଷେତ୍ରରେ ବିଭିନ୍ନ ବିଭାଗର ଦାୟିତ୍ୱ ଉତମ ଭାବେ ସଂପାଦିତ କରିପାରୁଛନ୍ତି । ଭାରତୀୟ ପ୍ରଶାସନିକ ସେବା ସହିତ ନିଜର ଦକ୍ଷତାକୁ ନେଇ ମହିଳା ମାନେ ବିଦେଶରେ ନିଜର ପାରଦର୍ଶିତା ଦେଖେଇ ପାରୁଛନ୍ତି । ସେହିପରି କଳ୍ପନା ଚାଓ୍ୱଲା, ଭାରତୀୟ ବଂଶୋଦ୍ଭବ ସୁନୀତା ଉଇଲିୟମ ମେଧା ପାଟେକର, କିରଣ ବେଦୀ, ପିଟି ଉଷା, ଶ୍ରଦ୍ଧାଳୀ ସାମନ୍ତରାୟ, ଶ୍ରବଣୀ ନନ୍ଦ ଆଦି ଅନେକ ନିଜର ପାରଦର୍ଶିତା ପ୍ରତିପାଦନ କରିଆସିଛନ୍ତି । ଚେନ୍ନାଇର ମୂଖ୍ୟମନ୍ତ୍ରୀ ଜୟଲଳିତା, କୋଲକୋତାର ମମତା ବାନାର୍ଜୀ ରାଜସ୍ଥାନର ବସୁନ୍ଧରା ରାଜେ କେନ୍ଦ୍ରରେ ସୁଷମାସ୍ୱରାଜ, ସ୍ମୃତି ଇରାନୀ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁମିତ୍ରା ମହାଜନ ନାରୀ ଜାତିକୁ ଗୌରବାନ୍ୱିତ କରି ପାରିଛନ୍ତି । ପ୍ରତିଭା ପାଟିଲ ଭାରତବର୍ଷର ରାଷ୍ଟ୍ରପତି ପଦରେ ଅବତୀର୍ଣ୍ଣ ହୋଇ ପାରିଥିଲେ । ସୋନିଆ ଗାନ୍ଧୀ ବିରୋଧି ଦଳର ନେତ୍ରୀ ପଦରେ ରହି ଆସିଛନ୍ତି । ଇନ୍ଦିରା ଗାନ୍ଧୀ ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବରେ ଭାରତକୁ ଶାସନ କରି ପାରିଥିଲେ । ଓଡିଶାର ପ୍ରଥମ ମୂଖ୍ୟମନ୍ତ୍ରୀ ଭାବରେ ସ୍ୱର୍ଗତ ନନ୍ଦିନୀ ଶତପଥୀ ତାଙ୍କର କାର୍ଯ୍ୟଭାର ତୁଲେଇ ପାରିଥିଲେ । ଏତେ ସତ୍ତ୍ୱେ ବି ସମାଜରେ ଅନ୍ଧବିଶ୍ୱାସ, କୁସଂସ୍କାର ଭରି ରହିଛି । ନାରୀକୁ ଭୋଗ୍ୟବସ୍ତୁ ବୋଲି ବିବେଚନା କରାଯାଇଛି । କବି ମଧୁସୂଦନ ରାଓ ଲେଖିଛନ୍ତି ଉନବିଂଶ ଶତାବ୍ଦୀରେ ଭାରତୀୟ ନାରୀମାନଙ୍କର ଦୁର୍ଦ୍ଦଶା ଦେଖି କିଏ ବିଶ୍ୱାସ କରିବ ଯେ ଏହି ହତଭାଗ୍ୟ ଦେଶ ଏକ ସମର ବିଳାସିନୀ,ମନସ୍ୱିନୀ ବୀର ବାଳା ମାନଙ୍କର ବିଳାସ କ୍ଷେତ୍ର ଥିଲା ।

ନାରୀ ଯୁଗେ ଯୁଗେ ସ୍ୱର୍ଗାଦପୀ ଗରୀୟସୀ ଜନନୀ, ଭଗିନୀ ଜାୟା । ନୀତି ଅନୀତି ନିର୍ଦ୍ଧାରଣର ମାନଦଣ୍ଡ। ଅତ୍ୟାଧୁନିକ ଯୁଗରେ ନାରୀ ମାନଙ୍କର ପ୍ରଭାବ ଓ ପ୍ରତିଷ୍ଠା କିଛି କମ୍ ନୁହେଁ । ପୁରୁଷ ପ୍ରଧାନ ସମାଜରେ ନାରୀ ଆଉ ଆଗଭଳି ଅବଳା ଦୁର୍ବଳା ହୋଇ ରହିନାହିଁ। ନାରୀ ଉନ୍ନତି ବିନା ଦେଶର ଉନ୍ନତି ଓ ପ୍ରଗତି ଅସମ୍ଭବ । ଉଇଲିୟମ ବେଂଟିକ ରାଜା ରାମ ମୋହନ ରାୟ ନାରୀ ଜାଗରଣ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ସେ ସତୀଦାହପ୍ରଥା, ବାଲ୍ୟ ବିବାହ, ବହୁ ବିବାହ, ପରଦା ପ୍ରଥାର ଘୋର ବିରୋଧ କରିଥିଲେ । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନାରୀ ଓ ପୁରୁଷ ଙ୍କ ସମାନ ଅଧିକାର ସମାନ ଶିକ୍ଷା ପ୍ରଚଳନ କରିଥିଲେ। ବିଦ୍ୟାସାଗର ବିଧବା ପୁନଃ ବିବାହ ପ୍ରଚଳନ କରିଥିଲେ । ସ୍ୱାମୀ ବିବେକାନନ୍ଦ ନାରୀ ଶିକ୍ଷାର ଉନ୍ନତି କରିଥିଲେ। ତେଣୁ ନାରୀର ଭୂମିକା ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧର୍ମ,ଅଧର୍ମ ବିଚାରଶୀଳତାରେ ସେ ପୁରୁଷଠୁ ବହୁ ଆଗରେ । ନାରୀ ଘରକୁ ନିମିଷକେ ଧ୍ୱଂସ କରି ଦେଇପାରେ, ଘରକୁ ପାଲଟେଇ ଦିଏ ମନ୍ଦିରରେ । ନାରୀ ପାଖରେ ଅମାପ ଶକ୍ତି । ତା ଶକ୍ତିକୁ କଳନା କରାଯାଇ ନ ପାରେ। ଅନ୍ଧବିଶ୍ୱାସର ଅର୍ଗଳି ଟପି ନାରୀ ଆଜି ଦେଖିଛି ମୁକ୍ତିରଆଲୋକ । ଲେଖିପାରିଛି ମୁକ୍ତିର କବିତା ସେ ଶିକ୍ଷିତା । ସେ ସ୍ୱାବଲମ୍ବୀ କେବଳ ହୋଇନାହିଁ ବରଂ ନିଜ ପ୍ରତିଭା ବଳରେ ପୁରୁଷକୁ ଅତିକ୍ରମୀ ଯିବାର ନଜିର ସୃଷ୍ଟି କରିସାରିଛି ନିଜକୁ ସଶକ୍ତ କରିପାରିଛି । ତଥାପି ସମାଜ ଆଜି ରୁଗ୍ଣ ମାନସିକତାର ବଶବର୍ତୀ ହୋଇ ତା ଠାରୁ ସ୍ୱାଧୀନତା ଛଡେଇ ନେଉଛି ତାକୁ ଏକଲା ଦେଖି ବଳାତ୍କାର କରି ଏକ ଜଘନ୍ୟ କାଣ୍ଡ ଘଟା ଉଛି । ଯୌନ ଉଦ୍ଦୀପକ ବିଜ୍ଞାପନରେ ତାକୁ ସଜାଇ ବ୍ୟବସାୟୀକରଣ କରୁଛି । ନାରୀ ମଧ୍ୟ ଯେତେ ସବୁ ଉଗ୍ର ଆଧୁନିକତାକୁ ଆପଣେଇ ତିଆରି କରିଚାଲିଛି ନିଜପାଇଁ ନିର୍ଯ୍ୟାତନାର କଠୋରୀ, ପରାଧୀନତାର ଶୃଙ୍ଖଳ । ବିବାହ ପୂର୍ବରୁ ନାରୀଟିର ପୁରୁଷ ସହ ଅବାଧ ମିଳାମିଶା ଜୀବନକୁ ଟାଣି ନେଉଛି ନର୍କ କୁଣ୍ଡ ଆଡକୁ। ଏ କଥା କଣ ତା ଠାରୁ ଅଧିକ କିଏ ଜାଣେ ? ତଥାପି ସେ ନିଜକୁ ଆହୁତି ଦେଉଛି, ନିଜକୁ ଅର୍ପି ଦେଉଛି ପୁରୁଷର କାମନା ନିଆଁରେ । ସାମାନ୍ୟ ପ୍ରଶଂସା ମୋହରେ ଭୁଲିଯାଉଛି ପୁରୁଷର ପାଶବିକତା । ବାଧା ହେଲେ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଛି ବୋଲି ଯୁକ୍ତି କରୁଛି। ନାରୀ ସପକ୍ଷରେ ଆଇନ ପରେ ଆଇନ ତିଆରି ହେଉଛି । ଏ ପଟେ ସ୍ୱାଧୀନତା ନାଁ ରେ ସମାଜରେ ବଢି ଚାଲିଛି ନାରୀ ଧର୍ଷଣ, ନାରୀ ନିର୍ଯ୍ୟାତନା, ନାରୀ ହତ୍ୟାକାଣ୍ଡ । ଏସବୁ ଯିଏ କରୁଛି ବା ଯାହାର ହାତ ଯାଉଛି ସେ ମନେ ରଖିବା ଉଚିତ ଯେ, ସିଏ ଆକାଶରୁ ଖସିନାହିଁ ବରଂ ଗୋଟିଏ ରକ୍ତ ମାଂସର ନାରୀ ହିଁ ତାକୁ ଜନ୍ମ ଦେଇଛି । ବଡ ହୋଇଛି ଗୋଟେ ମାଆର ସ୍ନେହରେ, ତାର ସଂସ୍କାରରେ । ମଣିଷ ଶିକ୍ଷା ଲାଭ କରେ କିନ୍ତୁ ସଂସ୍କାରୀ ହୋଇପାରେନା । ଯିଏ ଯେତେ ସଂସ୍କାରୀ ତା ଦୁନିଆ ସେତିକି ସୁନ୍ଦର । ସେ ସେତିକି ମାର୍ଜିତ । ତା ଚେତନା ସମାଜକୁ ଦିବ୍ୟ ସଂଦେଶ ଦିଏ । ଆତ୍ମଶକ୍ତି ବଢାଏ। ସମାଜକୁ ସୁପଥରେ ପରିଚାଳିତ କରାଏ । କିନ୍ତୁ ତାହା ହୋଇ ପାରୁନି । ନାରୀ ସ୍ୱାଧୀନତା ପାଇଁ ଯେ କେବଳ ପୁରୁଷ ସମାଜ ପ୍ରତିବନ୍ଧକ ତାହା ସଂପୂର୍ଣ୍ଣ ଭୁଲ । ନାରୀ ହିଁ ନାରୀର ପ୍ରଧାନ ଶତ୍ରୁ ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୃଢ଼ତା...

ରୁଷିଆର ୟୁକ୍ରେନ୍ ଆକ୍ରମଣ ପ୍ରସଙ୍ଗରେ ଯୁକ୍ତରାଷ୍ଟ୍ର ଆମେରିକା ଭାରତକୁ ରୁଷିଆଠାରୁ ଦୂରେଇ ରହିବାକୁ କହିଛି। ଏହାର ଅର୍ଥ, ଭାରତ ରୁଷିଆ ନୁହେଁ, ଆମେରିକା ଶିବିରରେ ଯୋଗଦେବାକୁ କହିବା। ଏଯାବତ୍ ଭାରତ ଏକମାତ୍ର ପ୍ରମୁଖ ଆମେରିକୀୟ ମିତ୍ର ରାଷ୍ଟ୍ର ଭାବରେ ରହିଛି, ଯିଏକି ରୁଷିଆକୁ ଖୋଲାଖୋଲି ସମାଲୋଚନା କରିନାହିଁ। ଆମେରିକା ଏଭଳି ପରିସ୍ଥିତିକୁ କଣ ଭାବୁଥିବ- ଦୁଃଖଦ ନା ଅସମର୍ଥନୀୟ ? ଯେ କୌଣସି ଦୃଷ୍ଟିରୁ ଦେଖିଲେ ଦକ୍ଷିଣ ଏସୀୟ ବ୍ୟାପାର ନିମନ୍ତେ ସହକାରୀ ୟୁଏସ୍ ସେକ୍ରାଟାରୀ ଫର୍ ଷ୍ଟେଟ୍ ଡୋନାଲ୍ଡ ଲୁଙ୍କ ଜରିଆରେ ଆମେରିକା ଦ୍ୱାରା ପ୍ରେରଣ କରାଯାଇଥିବା ବାର୍ତ୍ତା ଅତି ସ୍ପଷ୍ଟ: ବର୍ତ୍ତମାନ ଭାରତ ଆମର ପ୍ରକୃତରେ ଏକ ସୁରକ୍ଷା ଭାଗୀଦାର.... (କିନ୍ତୁ) ରୁଷିଆ ଯେଉଁ ଅତ୍ୟଧିକ ସମାଲୋଚନାକୁ ବର୍ତ୍ତମାନ ପର୍ଯ୍ୟନ୍ତ ସାମନା କରିଛି, ତାହା ହେଉଛି- ଭାରତ ବର୍ତ୍ତମାନ ଏହାଠାରୁ ଅଧିକ ଦୂରେଇ ଯିବାର ସମୟ ଆସିଛି। ଅପରପକ୍ଷରେ ଗୁରୁବାର ସଂସଦୀୟ ପରାମର୍ଶଦାତା କମିଟିର ଯେଉଁ ବୈଠକ ବସିଥିଲା, ତାହା ଭାରତର ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ କହିବା ଅନୁସାରେ, ରୁଷିଆ ସମ୍ବନ୍ଧରେ ବାର୍ତ୍ତାଳାପ ଏବଂ କୂଟନୀତିର ଗୁରୁତ୍ୱ ଉପରେ ଏକ ଜାତୀୟସ୍ତରୀୟ ସହମତି ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା। ଏହାର କାରଣ, ରୁଷିଆ ବ୍ୟାପାରରେ ଭାରତର ମତ ଆମେରିକା ନେତୃତ୍ୱାଧୀନ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଗୋଷ୍ଠୀଠାରୁ ଭିନ୍ନ ହୋଇଥିବାରୁ ଆନ୍ତର୍ଜାତିକ ସ୍ତରରେ ଭାରତ ଏକଘରିକିଆ ହୋଇ ଯାଇଥିବା ଭଳି ଏକ ଧାରଣାଟିଏ ସୃଷ୍ଟି କରିଛି, ଯାହା ଚାରିଆଡ଼େ ବ୍ୟାପିବାରେ ଲାଗିଛି। ଗତ ସପ୍ତାହରେ ଭାରତ ରୁଷିଆର ତଥାକଥିତ 'ବିଶେଷ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଆହୂତ ଦୁଇଗୋଟିଯାକ ବୈଠକକୁ ଭୋଟଦାନରୁ ଦୂରେଇ ରହିଥିଲା। ଏମିତିକି ଜାତିସଂଘ ସାଧାରଣ ପରିଷଦ ବୈଠକରେ ମଧ୍ୟ ସମାନ ସ୍ଥିତିରେ ରହିଥିଲା। ଦେଶର ବିରୋଧୀ ଦଳମାନେ ସ୍ପଷ୍ଟ ଭାବରେ ଭାରତର କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିଥିବାବେଳେ ଆନ୍ତର୍ଜାତିକ ମଂଚରେ ରୁଷିଆକୁ ଖୋଲାଖୋଲି ସମାଲୋଚନା ନକରି ଏହା ଯେ କୌଣସି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ସହିତ ଜାତିସଂଘର ଘୋଷଣାନାମାକୁ ସମ୍ମାନ ପ୍ରଦର୍ଶନ କରିବା ଆବଶ୍ୟବ ବୋଲି ପରୋକ୍ଷ ସମାଲୋଚନା କରି ଭାରତ ଯଥାର୍ଥ କାର୍ଯ୍ୟ କରିଥିବା ସେମାନେ ଗ୍ରହଣ କରିଛନ୍ତି। ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର ହାତ ବାସ୍ତବତା ଦ୍ୱାରା ବାନ୍ଧି ହୋଇ ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ରୁଷିଆ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ମିତ୍ର ରାଷ୍ଟ୍ର ଏବଂ ଏହା ବର୍ତ୍ତମାନ ଭାରତକୁ ଏସ୍-୪୦୦ ଯୁଦ୍ଧ ବିମାନ ଯୋଗାଉଛି, ଯାହାକୁ ଚୀନ୍ ବିପକ୍ଷରେ ଭାରତ ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବରେ ବିବେଚନା କରାଯାଉଛି। ଅରପପକ୍ଷରେ ୟୁକ୍ରେନରେ ଅଠର ହଜାରରୁ ଅଧିକ ସଂଖ୍ୟକ ଭାରତୀୟ ଫସି ରହିଛନ୍ତି। ସେମାନଙ୍କୁ ନିରାପଦରେ ନିଜ ଦେଶକୁ ଫେରି ଆସିବା ନିମନ୍ତେ ୟୁକ୍ରେନର ସଦିଚ୍ଛା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତର ଛାତ୍ରଛାତ୍ରୀମାନେ ସେଠାରେ ସ୍ଥାନୀୟ ସମସ୍ୟାର ଶିକାର ହେଉଛନ୍ତି; କେତେକ ଦୃଷ୍ଟାନ୍ତ ମଧ୍ୟ ସାମନାକୁ ଆସିଛି ଯେ ପ୍ରତ୍ୟାବର୍ତ୍ତନ ନିମନ୍ତେ ସେଠାକାର କର୍ତ୍ତୃପକ୍ଷମାନେ ସେମାନଙ୍କୁ ଟ୍ରେନରେ ମଧ୍ୟ ଫେରିବାର ସୁଯୋଗ ପ୍ରଦାନ କରୁନାହାନ୍ତି। ସେଠାରୁ ଭାରତୀୟମାନେ ଫେରିବା ନିମନ୍ତେ ଭାରତ ସରକାର କଏଭର ସରକାରଙ୍କ ସହିତ ଯୋଗାଯୋଗ ରକ୍ଷାକରି କାର୍ଯ୍ୟ କରୁଥିବା ମନେ ହେଉଛି। ଏସବୁରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ ଭାରତ ସାମ୍ପ୍ରତିକ ପରିସ୍ଥିତିରେ ସବୁ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରିବା ଭଳି ଅତ୍ୟନ୍ତ କଷ୍ଟକର ଖେଳଟିଏ ଖେଳୁଛି। ଏଭଳି ଏକ ପରିସ୍ଥିତିରେ ଆମେରିକା ଏବଂ ନାଟୋର ସଦସ୍ୟଭୁକ୍ତ ୟୁରୋପୀୟ ରାଷ୍ଟ୍ରମାନେ ଭାରତକୁ ସେମାନଙ୍କ ପକ୍ଷରେ ରହିବାକୁ କହିବା ସହିତ ରୁଷିଆ ବିରୁଦ୍ଧରେ ଜାତିସଂଘରେ ନିନ୍ଦା ପ୍ରସ୍ତାବରେ ସାମିଲ ହେବାକୁ କହୁଛନ୍ତି। ଏଭଳି କାର୍ଯ୍ୟ କରିବା ସେମାନଙ୍କ ପକ୍ଷେ ସହଜ, କାରଣ ସେମାନଙ୍କ ସୁରକ୍ଷା ଏବଂ ରଣକୌଶଳ ଯେ କୌଣସି ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ଉଲ୍ଲଙ୍ଘନ-ବିରୋଧୀ ନୀତି ଉପରେ ପର୍ଯ୍ୟବସିତ, ଯାହା ଏବେ ରୁଷିଆ କ୍ଷେତ୍ରରେ ପ୍ରତିଫଳିତ। କିନ୍ତୁ ଭାରତ କ୍ଷେତ୍ରରେ ତାହା ବାସ୍ତବିକତା ନୁହେଁ।

# ବିଜ୍ଞାନ କ୍ଷେତ୍ରରେ ଭାରତୀୟ ନାରୀ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଗତ କିଛି ଦଶନ୍ଧି ଧରି ଲିଙ୍ଗଗତ ସମାନତା ଉପରେ ଆମ ସମାଜରେ ଅନେକ ଆଲୋଚନା, ବାଦବିବାଦ ଦେଖାଦେଇଛି । ଏବର୍ଷ ମଧ ମହିଳା ଦିବସ ର ବିଷୟବସ୍ତୁ ଲିଙ୍ଗଗତ ସମାନତା ଉପରେ ହିଁ ଆଧାରିତ। ଆମ ଭିତରୁ ଅଧିକାଂଶ ମହିଳା, ପୁରୁଷ ମାନଙ୍କ ସହିତ ସମନ୍ତରାଳ ଭାବରେ ଆଗକୁ ଯିବାକୁ ଉତ୍ସାହିତ ଏବଂ ପ୍ରେରିତ ହେଲେ ମଧ ଏବେବି କିଛି କ୍ଷେତ୍ର ରହିଛି, ଯେଉଁଠି ମହିଳାମାନେ ବିଶେଷ ପ୍ରଦର୍ଶନ ସତ୍ତ୍ୱେ ଲୋକଲୋଚନ କୁ ଆସି ପାରୁନାହାନ୍ତି । ଅତୀତ ପୃଷ୍ଠା ଲେଉଟେଇ ଦେଖିଲେ ଜଣାଯାଏ ଯେ ବିଜ୍ଞାନ କ୍ଷେତ୍ରରେ ମହିଳାଙ୍କ ବିଶେଷ ଅବଦାନ ଦୃଷ୍ଟି ଅନ୍ତରାଳରେ ରହିଯାଇଛି । ଫଳରେ ସେମାନଙ୍କ କୃତିତ୍ୱ କୁ ଅଣଦେଖା କରାଯାଉଛି କିମ୍ବା ବିତି ଯାଉଥିବା ସମୟ ସହିତ ଭୁଲେଇ ଦିଆଯାଉଛି । ଭାରତୀୟ ମହିଳା ଏବେ ସବୁ କ୍ଷେତ୍ରରେ ଅଗ୍ରଣୀ। ସେ ଆକାଶରେ ବିମାନ ଉଡେଇବା ହେଉ କି ଯୁଦ୍ଧ କ୍ଷେତ୍ରରେ ଶତ୍ରୁଙ୍କ ସହିତ ଲଢ଼ିବା, ବ୍ୟବସାୟ, ମନୋରଞ୍ଜନ, ଚିକିତ୍ସା, ଚାକିରୀ ସବୁ କ୍ଷେତ୍ରରେ ଆମର ପୁରୁଷ ସମାଜ ସହିତ କାନ୍ଧରେ କାନ୍ଧ ମିଳେଇ ସେ ଆଗକୁ ବଢ଼ିଚାଲିଛି । ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ଦେଶକୁ ଉନ୍ନତି ଏବଂ ପ୍ରଗତି ପଥରେ ଆଗେଇ ନେଉଛି । ଅନ୍ୟ ସବୁ ବିଭାଗ ଭଳି ବିଜ୍ଞାନ କ୍ଷେତ୍ରରେ ମଧ ମହିଳାଙ୍କ ସଂଖ୍ୟାବୃଦ୍ଧି ହେଲେ ବିଶ୍ୱରେ ଆମ ଦେଶର ମହିଳା ମାନେ ଏକ ଉଦାହରଣ ସୃଷ୍ଟି କରିପାରନ୍ତେ ।

ଭାରତ ସରକାର ' ଟେକ୍ନୋଲୋଜି ଓ ଇନୋଭେସନ ପଲିସି - 2020 ' ଅନୁଯାୟୀ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନ ବୃଦ୍ଧିକୁ ପ୍ରାଧାନ୍ୟ ଦେଇଥିଲେ , ଯାହା ଧୀରେ ଧୀରେ ତାର ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଛି । ବୈଜ୍ଞାନିକ ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା ଆଦିରେ ମହିଳା ମାନଙ୍କର ଅଧିକରୁ ଅଧିକ ଯୋଗଦାନ ଏବଂ ଦକ୍ଷତା ପ୍ରଦର୍ଶନ ଥିଲା ଏହାର ମୂଳ ଲକ୍ଷ୍ୟ ।

ୟୁରୋପୀୟ ଦେଶ ଗୁଡ଼ିକ ତୁଳନାରେ ଆମ ଦେଶରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ମହିଳାମାନଙ୍କ ଉପସ୍ଥିତି କମ ଏବଂ ଏହା ପାଇଁ ଆମର ସାମାଜିକ ବ୍ୟବସ୍ଥା ଅନେକାଂଶରେ ଦାୟୀ । ପରିବାରରେ ପୁଅ ଝିଅଙ୍କ ଭିତରେ ଅସମାନତା, ଝିଅଙ୍କ ପାଇଁ ନାନାଦି କଟକଣା ଯୋଗୁଁ ମହିଳାମାନେ ପରବର୍ତ୍ତୀ ସମୟରେ ବିଶେଷ ସଫଳ ହୋଇ ପାରୁନାହାନ୍ତି । ସୁତରାଂ ଏସବୁ ରେ ପରିବର୍ତ୍ତନ ଆଣିବା ପାଇଁ ଦରକାର ସୁସ୍ଥ ମାନସିକତା । ଯେଉଁଠି ଆମେ ବିଖ୍ୟାତ ପୁରୁଷ ବୈଜ୍ଞାନିକ ସି. ଭି. ରମଣ, ମେଘନାଦ ଶାହ, ଡ଼. ଏ. ପି. ଜେ. କଲାମ ଙ୍କୁ ମନେ ରଖିଛୁ ସେଇଠି ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଆମ ମହିଳା ବୈଜ୍ଞାନିକ ମାନଙ୍କ ବିଷୟରେ ଧାରଣା ବି ରଖିନାହୁଁ । ସେମିତି କିଛି ମହିୟସୀ ମହିଳାଙ୍କ ବିଷୟରେ ଜାଣିବା ଆମର ଆଗାମୀ ପିଢ଼ି ପାଇଁ ଅତ୍ୟନ୍ତ ଆବଶ୍ୟକ। ଏହା ବ୍ୟତୀତ ଓଡ଼ିଶାର ବୈଜ୍ଞାନିକ ନୁସରତ୍ ସଂଘମିତ୍ରା, ଯିଏ କ୍ୟାନସର ବିପକ୍ଷରେ ସର୍ବନିମ୍ନ ପାର୍ଶ୍ୱପ୍ରତିକ୍ରିୟା ରଖୁଥିବା ଔଷଧ ଖୋଜିବାର ଲକ୍ଷ୍ୟ ନେଇ ଆଗେଇଚାଲିଛନ୍ତି । ଓଡ଼ିଶାରେ ସମସ୍ତଙ୍କ ଦ୍ୱାରା ସହଜଲଭ୍ୟ ହେଉଥିବା କ୍ୟାନସର ଚିକିତ୍ସାଳୟ ନିର୍ମାଣ ତାଙ୍କର



ଉଦ୍ଦେଶ୍ୟ । ସେହିଭଳି ଆଉଜଣେ ଓଡ଼ିଆ ଯିଏ 2020 ମସିହା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସମ୍ମାନନୀୟ ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର ବିଜୟିନୀ ହେବାର ସୌଭାଗ୍ୟ ଗ୍ରହଣ କରିଛନ୍ତି । ଇସ୍ରୋର ପ୍ରଥମ ଓଡ଼ିଆ ମହିଳା ବୈଜ୍ଞାନିକ ସୁଷମା ପାଣିଗ୍ରାହୀ କିମ୍ବା ସ୍ୱର୍ଗତା ପ୍ରିୟମ୍ବଦା ହେଜମାଡ଼ି, ସଭିଏଁ ଓଡ଼ିଶାକୁ ବିଜ୍ଞାନ କ୍ଷେତ୍ରରେ ଗୌରବାନ୍ୱିତ କରିଛନ୍ତି, ଯାହା ଆଗାମୀ ପିଢ଼ି ପାଇଁ ଗୋଟିଏ ଗୋଟିଏ ପ୍ରେରଣା ।

ଏଭଳି ଆହୁରି ଅନେକ ଉଦାହରଣ ରହିଛି, ଯାହା ବିଷୟରେ ସମସ୍ତେ ଜାଣିନାହାନ୍ତି । ବିଜ୍ଞାନ କ୍ଷେତ୍ରରେ ଆମ ଦେଶର ମହିଳାଙ୍କ ଆହୁରି ଅନେକ ଉଦାହରଣ ଭିତରେ ରହିଛନ୍ତି ; ଭାରତର ମହାକାଶ ସଂସ୍ଥା ଇସ୍ରୋର ଉପଗ୍ରହ - ଜିସ୍ୟାଟ୍ ର ନିର୍ଦ୍ଦେଶିକା, ମହିଳା ବୈଜ୍ଞାନିକ ଟି. ଅନୁରାଧା । ଚନ୍ଦ୍ରୟାନ -୨ ର ପ୍ରୋଜେକ୍ଟ ନିର୍ଦ୍ଦେଶିକା ଶ୍ରୀମତୀ ବନିତା ମୁଥେୟା ଏବଂ ଏଥିରେ କାର୍ଯ୍ୟରତ ୩୦ % କର୍ମଚାରୀ ମଧ ମହିଳା ଥିଲେ। ତେଣୁ ମହିଳାଙ୍କ ସହଭାଗିତା ବିଜ୍ଞାନ କ୍ଷେତ୍ରରେ କିଛି ନୂଆଁ ନୁହେଁ, ବରଂ ଲୋକଲୋଚନକୁ ଆସି ପାରୁନାହିଁ କହିଲେ ଠିକ ହବ । ସୁତରାଂ ଆମ ଦେଶର ଝିଅ /ମହିଳାମାନେ ଅନ୍ୟ ସବୁ କ୍ଷେତ୍ର ଭଳି ବିଜ୍ଞାନରେ ମଧ ପାରଦର୍ଶିତା ଲାଭ କରିବାରେ ସକ୍ଷମ ଅଟନ୍ତି ।

ଦେଖାଯାଏ ଆମ ଦେଶରେ ମହିଳା ମାନେ ବିଜ୍ଞାନ ପାଠ୍ୟକ୍ରମରେ ପୁରୁଷ ମାନଙ୍କ ତୁଳନାରେ କମ ଅଧ୍ୟୟନ ପାଇଁ ଇଚ୍ଛୁକ ହୁଅନ୍ତି । ଏହାକୁ ଅଧିକ ଜଟିଳ ମନେକରି ବିଜ୍ଞାନ ସମ୍ବନ୍ଧୀୟ ବିଷୟ ପଢ଼ିବା ପାଇଁ ଅମନଯୋଗୀ ହୁଅନ୍ତି । ତେଣୁ ବିଜ୍ଞାନ ବିଷୟ ନେଇ ପଢିବା ହେଉ କି ଚାକିରୀ, ମହିଳାଙ୍କ ପାଇଁ ଆରକ୍ଷଣ ହୋଇଥିବା ସ୍ଥାନ ମଧ୍ୟ ପୂରଣ କରିବା କଷ୍ଟକର ହୁଏ। ପରିଣାମ ଏହି କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ପୁରୁଷଙ୍କ ତୁଳନାରେ କମିଯାଉଛି । ବେଶୀ ରୁ ବେଶୀ ମହିଳା ବିଜ୍ଞାନ ପ୍ରତି ଆଗ୍ରହୀ ହେବା ପାଇଁ ସେମାନଙ୍କ ଭିତରେ ପ୍ରୋତ୍ସାହନ ଏବଂ ସଚେତନତା ର ଆବଶ୍ୟକତା ରହିଛି ।

ଝିଅ ମାନଙ୍କୁ ବିଦ୍ୟାଳୟ ସ୍ତରରୁ ବିଜ୍ଞାନ ଶିକ୍ଷା ପ୍ରତି ଆକୃଷ୍ଟ କରିବାର ଦାୟିତ୍ୱ ରହିଛି ବାପା ମାଆ ଏବଂ ଶିକ୍ଷକ / ଶିକ୍ଷୟତ୍ରୀ ମାନଙ୍କର । ବିଜ୍ଞାନ ଶିକ୍ଷାର ଉପଯୋଗୀତା, ଭବିଷ୍ୟତରେ ନିଜ କ୍ୟାରିଅର ଗଢ଼ିବା ପାଇଁ ଏହାର ଉପକାରିତା ବିଷୟରେ ସେମାନଙ୍କୁ ଜଣେଇବାର ଆବଶ୍ୟକତା ରହିଛି । ବିଜ୍ଞାନ ପ୍ରତି ସେମାନଙ୍କ ରୁଚି କୁ ବଢେଇବା ପାଇଁ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ, ଭିଡିଓ, ପରୀକ୍ଷଣ ର ସମସ୍ତ ସୁବିଧା ଯୋଗେଇବାର ବ୍ୟବସ୍ଥା କରିବା ଦାୟିତ୍ୱ ଆମର । ପ୍ରାଥମିକ ସ୍ତରରୁ ଶିକ୍ଷା ଏବଂ ପଥ ପ୍ରଦର୍ଶନ ମହିଳା ମାନଙ୍କୁ ବିଜ୍ଞାନ ପ୍ରତି ନିଶ୍ଚୟ ଆକର୍ଷିତ କରିବ ବୋଲି ଆଶା କରାଯାଏ ।

+ବିବେକାନନ୍ଦ ମାର୍ଗ
ମୋ: ୬୩୭୦୫୧୬୪୭୮

---

୧. ଅସୀମା ଚାଟର୍ଜି (ଜୈବ ରସାୟନ ବୈଜ୍ଞାନିକ )
ବିଜ୍ଞାନ କ୍ଷେତ୍ରରେ ଡକ୍ଟରେଟ୍ ଲାଭ କରିଥିବା ପ୍ରଥମ ଭାରତୀୟ ମହିଳା
୨. ଡ଼ ଇନ୍ଦିରା ହିନ୍ଦୁଜା ( ସ୍ତ୍ରୀ ରୋଗ ବିଶେଷଜ୍ଞ )
ଭାରତର ପ୍ରଥମ ଟେଷ୍ଟ ଟ୍ୟୁବ ଶିଶୁ ପ୍ରସବ କରେଇଥିବା ସଫଳ ମହିଳା
୩. ଶୁଭା ତୋଲେ ( ସ୍ନାୟୁ ବିଜ୍ଞାନ )
ଶାନ୍ତି ସ୍ୱରୂପ ଭଟନାଗର ପୁରସ୍କାର ବିଜେତା
୪. ପରମଜିତ ଖୁରାନା ( ଅଲ୍ ୱେଦର ବିହନର ଉଦ୍ଭାବକ )
୫. ଡ଼ ଅଦିତି ( ମହାସାଗର ସମ୍ବନ୍ଧୀୟ ବୈଜ୍ଞାନିକ )
ଗବେଷଣା ପାଇଁ ଆନ୍ତର୍କଟିକା ଭ୍ରମଣ କରିଥିବା ପ୍ରଥମ ଭାରତୀୟ ମହିଳା
୬. ଟେସୀ ଥୋମାସ୍ ( ମିସାଇଲ୍ ଲେଡି )
ଅଗ୍ନି କ୍ଷେପଣାସ୍ତ୍ରର ସଫଳ ଉତକ୍ଷେପଣରେ ଅଂଶଗ୍ରହଣ କରିଥିବା ମହିଳା
୭. ଆନନ୍ଦୀ ବାଇ ଯୋଶୀ ( ଔଷଧ ବିଶେଷଜ୍ଞ )
୨୧ ବର୍ଷ ବୟସରେ ପାଶ୍ଚାତ୍ୟ ଔଷଧ ଉପରେ ଅଧ୍ୟୟନ ଏବଂ ଅଭ୍ୟାସ କରିଥିବା ପ୍ରଥମ ମହିଳା ଡାକ୍ତର।

---

# ଆନ୍ତର୍ଜାତିକ ଦୃଶ୍ୟପଟରେ ଭାରତୀୟ ନାରୀ



ବିପିନ ବିହାରୀ ମହାନ୍ତି

ଯେଉଁ କଥାଟି ସମୟକ୍ରମେ ଅବହେଳିତ ହୋଇଯାଏ, ଯେଉଁ ବ୍ୟକ୍ତି ବିଶେଷଙ୍କ ପ୍ରତି ଯଦି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାନଯାଏ, ସେ କ୍ଷେତ୍ରରେ ଉକ୍ତ ପରିବେଶ ବା ସାମାଜିକ ଶୃଙ୍ଖଳା ମଧ୍ୟରେ ନାନା ବିଭ୍ରାଟ ଘଟି ସନ୍ତୁଳନରେ ବ୍ୟାଘାତ ଆସେ। ପରବର୍ତ୍ତୀ ସମୟରେ ଏହାର ପୂର୍ବବସ୍ଥାକୁ ଫେରାଇ ଆଣିବାକୁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ନାନା ପ୍ରଚେଷ୍ଟା କରାଯାଏ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ଦିବସ ବା ସମୟକୁ ସମ୍ମାନ ଦେଇ ପାଳନ କରାଯାଏ ଓ ସେହି ଉଦ୍ଦେଶ୍ୟକୁ ନେଇ ଦିବସ ବା ସମୟକୁ ନାମିତ କରାଯାଏ। ଏହିପରି ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ଯେତେ ଦିବସ ପାଳନ କରାଯାଏ, ସେମାନଙ୍କ ମଧ୍ୟରେ ମହିଳା ଦିବସ ଅନ୍ୟତମ। ଏହି ଦିବସଟି ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ସ୍ତରରେ ପାଳିତ ହୁଏ।

ନାରୀହିଁ ଆଦ୍ୟାଶକ୍ତି, ଈଶ୍ୱରୀ। ସେ ଆମ ପାଖରେ ଦେବୀ, ଜନ୍ମଦାତ୍ରୀ, ଭଗିନୀ, ଜାୟା ଏବଂ ଧାତ୍ରୀ ରୂପେ ସଦ୍ୟ ବିଦ୍ୟମାନ। ସେ କେବେ ସେବିକା ତ କେବେ ପୁଣି ପ୍ରେମିକା ରୂପେ ପ୍ରେମ ଆହ୍ଲାଦିନୀ। କେବେ ସୃଜନର କର୍ତ୍ତୀ ତ କେବେ ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ଦୁର୍ଗା, ସଂହାର କାରିଣୀ; ଆଉ କେତେବେଳେ ସେ ବିପଦ ନାଶିନୀ, ମା' ତାରିଣୀ ଓ ଅଭୟ ଦାୟିନୀ।

ବୈଦିକ ଯୁଗରୁ ନାରୀର ସ୍ଥାନ ସମାଜରେ ପୁରୁଷ ସହିତ ସମାନ ଥିଲା। ସେ ପୁରୁଷର ଦୁଃଖ-ସୁଖରେ ସହଭାଗିନୀ ଥିଲା। ଦାମ୍ପତ୍ୟ ଜୀବନରେ ସହଧର୍ମ ହେତୁ ସେ ସହଧର୍ମଣୀ ଥିଲା । ପୁରୁଷପରି ନାରୀମାନଙ୍କର ସମାଜରେ ମଧ କିଛି ନାମକରା ଆସନ ଥିଲା। ଅନେକ ନାରୀ ନିଜସ୍ୱ କୃତିତ୍ୱ ବଳରେ ଏଯାବତ୍ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲେଖିଯାଇଛନ୍ତି। ଏହିପରି ପ୍ରାଚୀନ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବରା, ଲୋପାମୁଦ୍ରା, ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ, ସୀତା ଏବଂ ସାବିତ୍ରୀ; ମଧ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ଅହଲ୍ୟାବାଈ, ମୀରାବାଈ, ଦୁର୍ଗାବତୀ, ପଦ୍ମିନୀ, ଝାନସୀ ରାଣୀ ଲକ୍ଷ୍ମୀବାଈ ଇତ୍ୟାଦି।

ମା' ହିସାବରେ ନାରୀଟିଏ କେତେ ଗୁଣୀ, ଜ୍ଞାନୀ ଓ ମହାପୁରୁଷଙ୍କର ସେ ଜନନୀ; ରାମ, ରହିମ, କୃଷ୍ଣ , ଯୀଶୁ, ବୁଦ୍ଧ, ମହାବୀର, ଚୈତନ୍ୟ, ବିବେକାନନ୍ଦ, ମଦର ଟେରେସା ଏବଂ ଗାନ୍ଧି ଇତ୍ୟାଦି ଯୁଗ ଏବଂ ଯୋଗଜନ୍ମାଙ୍କର, ସେ ଦେବୀ, ଶ୍ରୀଦେବୀ। ଏହି କାରଣରୁ ମା'ର ବନ୍ଦନାହିଁ ପ୍ରଥମ। ତା' ବିନା ସୃଷ୍ଟି ହିଁ ସ୍ୱପ୍ନ ନାହିଁ। ତାହାର କରୁଣାରୁ ବହୁଛି ମଣିଷ ଜାତିର ଜୀବନ ଗଙ୍ଗା। ସେ ହିଁ ପତିତପାବନୀ ମା' ଗଙ୍ଗା। ଏଥିପାଇଁ ଯୁଗଯୁଗ ଧରି ନାରୀ ଜାତିର ସମ୍ମାନ ସର୍ବଦା ଉର୍ଦ୍ଧ୍ୱରେ ରହିଅଛି।

ଦ୍ୱାଦଶ ଶତାବ୍ଦୀ ବେଳକୁ ନାରୀ ହେଲା ପୁରୁଷର କ୍ରୀଡ଼ନକ; ପୁରୁଷର ଭୋଗ ସାମଗ୍ରୀ। ସମାଜରେ ବାଲ୍ୟ ବିବାହ, ପରଦାପ୍ରଥା, ସତୀଦାହ ପ୍ରଥା, ଯୌତୁକ ପ୍ରଥା, ବହୁନାରୀ ବିବାହ ପ୍ରଥା ଇତ୍ୟାଦି କୁସଂସ୍କାର ପ୍ରବେଶ କଲା। ସେ ହେଲା ନିର୍ଯାତିତା, ପୁଣି ପଣ୍ୟଦ୍ରବ୍ୟ। କୋଉଠି ହେଲା ପୋଇଲି, ଦାସୀ ତ କୋଉଠି ଖଟିଲା ଗୋତି। ସବଳା ନାରୀ ପାଲଟିଗଲା ଦୁର୍ବଳା।

ପୁଣି ସମୟର ଚକ ଘୂରିଲା। ଅନେକ ସଂସ୍କାରବାଦୀ ନାରୀମାନଙ୍କର ସ୍ଥିତିର ପରିବର୍ତ୍ତନ ତଥା ସମାଜରେ ତାଙ୍କୁ ନାର୍ଯ୍ୟଦାବୀ ପୂରଣରେ ଅଣ୍ଟା ଭିଡ଼ିଲା। ଏହିପରି ମର୍ଯ୍ୟଦାବନ୍ତ ବ୍ୟକ୍ତିମାନେ ହେଲେ ରାଜା ରାମ ମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟା ସାଗର ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ।

ଭାରତର ସ୍ୱାଧୀନତା ସଂଗ୍ରାମ ଅର୍ଥାତ୍ ୧୮୫୭ ମସିହାଠାରୁ ଭାରତୀୟ ନାରୀମାନଙ୍କ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଜାଗରଣ ଘଟିଛି। ସେମାନେ ସ୍ୱତଃ ପ୍ରବୃତ୍ତ ଭାବେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବାକୁ ଓହ୍ଲାଇ ଆସିଛନ୍ତି ଘରକୋଣରୁ। ୧୮୫୭ ପୂର୍ବରୁ ୧୮୨୪ ଜାନୁୟାରୀ ୩୦ରେ ଇଂରେଜ ବିରୁଦ୍ଧରେ ଲଢ଼ି ପ୍ରାଣବଳି ଦେଇଥିଲେ କିତୁର (କର୍ଣ୍ଣାଟକ)ର ରାଣୀ ଚିନ୍ନାମା। ସେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସହିଦ୍। ୧୮୫୭ ଏବଂ ଏହାର ପରବର୍ତ୍ତୀ ସମୟରେ ଯେଉଁମାନେ ଏଥିରେ ଅଂଶଗ୍ରହଣ କରିଥିଲେ ତାଙ୍କ ଭିତରେ ଅଛନ୍ତି ରାଣୀ ଲକ୍ଷ୍ମୀବାଈ, କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ, ମହାଦେବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ, ଅରୁଣା ଅସାଫଅଲ୍ଲୀ , ଲକ୍ଷ୍ମୀ ସେହେଗାଲ୍ ଯେକି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା କମାଣ୍ଡିଙ୍ଗ ମହିଳା ଅଫିସର ଏବଂ ଓଡ଼ିଶାରୁ ଏମାନଙ୍କ ମଧ୍ୟରେ ଅଛନ୍ତି ମା' ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ, ଅର୍ଣ୍ଣପୂର୍ଣ୍ଣା ମହାରଣା, ବସନ୍ତ ମଞ୍ଜରୀ ଦେବୀ, ନନ୍ଦିନୀ ଶତପଥୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ, ଜୟବତୀ ଦେବୀ, ଗୋଦାବରୀ ଦେବୀ, କୋକିଳା ଦେବୀ, ହାରାମଣି କାନୁନ୍‌ଗୋ ଏବଂ ଅନ୍ୟମାନେ। ଭାରତୀୟ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ପରାକାଷ୍ଠା ଦେଖାଇ ସାରିଲେଣି। ଏମିତିରେ ଆମର ପ୍ରଥମ ରାଷ୍ଟ୍ରପତି (ମହିଳା) ଶ୍ରୀମତୀ ପ୍ରତିଭା ସିଂହ ପାଟିଲ, ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ : ଇନ୍ଦରା ଗାନ୍ଧି, ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ : ସୁଚେତା କୃପାଳିନୀ, ପ୍ରଥମ ମହିଳା କେନ୍ଦ୍ର ମନ୍ତ୍ରୀ : ରାଜ କୁମାରୀ ଅମୃତ କାଉଲ, ସେବାପାଇଁ ପ୍ରଥମ ନୋବେଲ ପୁରସ୍କାର ବିଜେତା : ମଦର ଟେରେସା, ପ୍ରଥମ ମହିଳା ବିଚାରପତି ଲୀଳା ସେଠ, ବିଶ୍ୱବିଖ୍ୟାତ ଚିତ୍ରକର ଅମୃତା ସେରଗିଲ, ଭାରତର ପ୍ରଥମ ମହିଳା ଯେକି ମସ୍କୋ, ୱାସିଂଟନ ଓ ଲଣ୍ଡନରେ ରାଷ୍ଟ୍ରଦୂତ ଥିଲେ ଏବଂ ୧୯୫୩ରେ ଜାତିସଂଘର ପ୍ରଥମ ମହିଳା ଅଧ୍ୟକ୍ଷା ହୋଇଥିଲେ ସେ ହେଉଛନ୍ତି ବିଜୟଲକ୍ଷ୍ମୀ ପଣ୍ଡିତ୍ , ହୋମଲ ଭୈରୱାଲା ହେଉଛନ୍ତି ଦେଶର ପ୍ରଥମ ଫଟୋ ଜର୍ନାଲିଷ୍ଟ, ହରିତ୍ କୌର ଦେଓ୍ୱାଲ୍ ହେଉଛନ୍ତି ଭାରତର ପ୍ରଥମ ମହିଳା ଏୟାଫୋର୍ସ ପାଇଲଟ୍ , ଦେଶର ପ୍ରଥମ ଏବଂ ବିଶ୍ୱର ପଞ୍ଚମ ମହିଳା ପର୍ବାତାରୋହୀ ହେଉଛନ୍ତି ବଛେନ୍ଦ୍ରୀ ପାଲ ଯିଏକି ମାଉଣ୍ଟ ଏଭେରେଷ୍ଟ ୧୯୮୪ ମସିହାରେ ଆରୋହଣ କରିଥିଲେ, ପ୍ରଥମ ମହିଳା ମହାକାଶଚାରୀ କଳ୍ପନା ଚାୱାଲା, ପ୍ରଥମ ମହିଳା ଡାକ୍ତର : କାଦମ୍ବିନୀ ଗାଙ୍ଗୁଲି, ପ୍ରଥମ ମହିଳା ଆଇ.ପି.ଏସ୍. ଅଫିସର, କିରଣ ବେଦୀ, ପ୍ରଥମ ବ୍ରହ୍ମାଣ୍ଡ ସୁନ୍ଦରୀ : ସୁସ୍ମିତା ସେନ୍, ପ୍ରଥମ ମହିଳା ଅଟୋ ଡ୍ରାଇଭର ସୁନିତା ଚୌଧୁରୀ, ଅଲମ୍ପିକ କ୍ରୀଡାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରିଥିବା କ୍ରୀଡାବିତ୍ ପିଟି ଉଷା, ପ୍ରଥମ ମହିଳା ଗ୍ରାଣ୍ଡ ମାଷ୍ଟର : କୋନେରୁ ହମ୍ପି, ପ୍ରଥମ ମହିଳା ଇଂଲିଶ ଚାନେଲ୍ ସନ୍ତରଣକାରୀ : ଆରତି ସାହା, ପ୍ରଥମ ମହିଳା ମହିଳା ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲକାରୀ : ସାନିଆ ମିର୍ଜା। ଆମେ ଏଠାରେ କେବେଳ ପ୍ରଥମ କଥା କହୁଛୁ; ଆଉ ଅନ୍ୟମାନଙ୍କ କଥା ହିସାବକୁ ନେଇ ନାହୁଁ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

---

କବିତା କୋଣାର୍କ

## ଆଜି କିଏ କେତେ ସୁରକ୍ଷିତ

ପୁଷ୍ପାଞ୍ଜଳି ମିଶ୍ର



ଆଜି କିଏ କେତେ ସୁରକ୍ଷିତ ଏଠି
ସ୍ୱାଧୀନତା ତାର ୭୫ ବର୍ଷ
ପୂର୍ତ୍ତି ଅବସରରେ ବି
ଆଜିର ନାରୀ
ସୁରକ୍ଷିତ ହେଇ ପାରୁନି
ପଲ ପଲ ଲୋଲୁପ ଦୃଷ୍ଟି
ନାରୀ ମାଂସ ଲୋଭି
ଶାଗୁଣା ମାନେ
ଖୁମ୍ପି ଖୁମ୍ପି ଖାଇ ଯାଉଛନ୍ତି
ଆଉ ଏଠି ବୁଝିପାରୁ ନାହାନ୍ତି ଯେ
ସେ ନାରୀଟି କାହାର ସ୍ତ୍ରୀ
କାହାର ଝିଅ ଆଉ
କାହାର ଭ ଉଣୀ ବୋଲି
ସମାଜକୁ କଳୁଷିତ କରି ଦେଉଛନ୍ତି
ବିଶ୍ୱାସ ଆଉ ଭରସା
ତୁଟେଇ ଦେଉଛନ୍ତି
ଜାଣି ପାରୁ ନାହାନ୍ତି ଯେ
ଦିନେ ସେ କୁନି ଝିଅର
ଛୋଟିଆ କଳା ଟୋପାଟି
ଦିନେ ଆଉ ଆଉ କାହାର
ସିନ୍ଦୁର ଟୋପା ହୋଇଯାଏ
ଆଉ ସେ ଝିଅଟି ଶାଶୁଘରେ
ଯୌତୁକ ନିଆଁରେ
ହା ହୁ ତାଶାରେ
ଦର ପୋଡା ଦେହକୁ ଧରି
କୋଉ ଡାକ୍ତରଖାନାର
ବାରଣ୍ଡାରେ ପଡିଥାଏ
ଆଉ ସେହି ଝିଅଟି
ଦିନେ ଝିଅରୁ
କାହାରି ପ୍ରେମିକା ହୋଇ ଥାଏ
ଆଉ ପରି ଶେଷରେ
ପ୍ରତାରଣାର ଶୀକାର ହୋଇ
ଲଜ୍ଜା ସହି ନ ପାରି
ଶେଷରେ ଆତ୍ମ ହତ୍ୟାକୁ
ବାଛି ନେଇ ଥାଏ
ଆଉ ସେହି ଝିଅଟି ଦିନେ
ଝିଅରୁ ମା ହୁଏ
ଯଦି ତ ପୁଅ ଟିଏ ଜନ୍ମ ହେଲା ଠିକ୍
ଆଉ ଯଦି ଝିଅ ହେଲା
ମା ' ଆଉ ଝିଅ ପରିଶେଷରେ
ଘରୁ ହୁଅନ୍ତି ପରିତ୍ୟାଗ
ଘରର ଅଳି ଅର୍ଦ୍ଦଳିରୁ
ଅଳିଆ ଗଦା ଯାଏ
ସବୁ ସେ ସହେ
ନିଜ ଘରଠୁ ପର ଘର ଯାଏ
ସବୁ ସେ ସମ୍ଭାଳି ଥାଏ
ଛୋଟ ଛୋଟ ଯନ୍ତ୍ରଣାରୁ
ଗର୍ଭ ଯନ୍ତ୍ରଣା ଯାଏ
ନିଜ ଗାଁରୁ ପର ଗାଁ ମଶାଣୀ ଯାଏଁ
ଏତେ ସବୁ ପରେ ବି
ନାରୀଟିଏ
ଅସୁରକ୍ଷିତ , ନିନ୍ଦନୀୟ
ଧନ୍ୟ ତୁ ନାରୀ
ଧନ୍ୟ ତୋ ମହିମା
କେ କରିପାରି ବ ତୋର କଳନା


❤ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧

---



## ନାରୀ

ସୁଦର୍ଶନ ମହାପାତ୍ର



ନାରୀ କେବେ ମାଆ କେବେ ଭଗ୍ନୀ ଜାୟା
କେବେ ଅଲିଅଳି ଝିଅ
ହୃଦୟରେ ତା'ର ସାଇତା ଅମାପ
ଶ୍ରଦ୍ଧା ଅନୁରାଗ ସ୍ନେହ
ଯୁଗେ ଯୁଗେ ନାରୀ ଶକ୍ତି ସ୍ୱରୂପିଣୀ
ଦୁର୍ଗା ଦେବୀ ନାରାୟଣୀ
ସୃଷ୍ଟି ଘୋର ଘନ ତମିସା ହାରିଣୀ
ଶୁଭ ମଙ୍ଗଳ କାରିଣୀ
ଗଙ୍ଗା ଜଳ ପରି ପରମ ପବିତ୍ର
ଆକାଶ ଠାରୁ ସେ ବଡ
ତ୍ୟାଗ ତିତିକ୍ଷାର ଅପୂର୍ବ ବିନ୍ୟାସ
ମମତାର ମଧୁଝର
ବସୁଧା ପରିକା ସର୍ବଂସହା ସିଏ
ମହୀ ଭଳି ମହୀୟାନ
ଜୀବନ ଶକ୍ତିର ସୁଧା ସଞ୍ଜିବନୀ
ନାରୀ ଅନନ୍ୟ ସୃଜନ
ନାରୀ ଆଦିଶକ୍ତି ସନ୍ତାପ ହାରିଣୀ
ମମତାର ଗନ୍ତାଘର
ପ୍ରେରଣା ଦାୟିନୀ ସଂସାର ଧାରିଣୀ
କୂଳଲକ୍ଷ୍ମୀ ସେ ଘରର
ସୃଷ୍ଟିର ସାର୍ଥକ ରୂପଟିଏ ନାରୀ
ସକଳ ପ୍ରାଣର ଶକ୍ତି
ନନ୍ଦନ ବନର ଫୁଲଟିଏ ନାରୀ
ଶାମୁକା ଭିତରେ ମୋତି
ନାରୀ ଶକ୍ତିମୟୀ ପ୍ରେରଣା ଦାୟିନୀ
ଅନନ୍ୟା ଅପରାଜିତା
ନାରୀ ହିଁ ସର୍ବାଗ୍ରେ ସମାଜ ସଂସ୍କାରେ
ସେ ପରା ବିଶ୍ୱବନ୍ଦିତା

❤କୁଞ୍ଜବିହାରୀ ଲେନ,କଟକ

---

## ନାରୀର ଭାଗ୍ୟ

ବିଜୟଲକ୍ଷ୍ମୀ ପାଣିଗ୍ରାହି



କଇଁ ହେଉ ଅବା କୁମୁଦ
ଫୁଲକୁ ଫୁଟାଇବାକୁ ହେବ
ଦିନ ରାତିକୁ ଏକାକାର କରି
ପୁନଶ୍ଚ ମାଆଟିଏ
ମହିଷାକୁ ପୁଅ ରୂପେ ମାଗିବ।
ଓଲଟିଯିବେ କ୍ୟାଲେଣ୍ଡରର ଫର୍ଦ୍ଦ ସବୁ
ଋତୁ ପରି ବଦଳି ଯାଉଥିବ ମାନସିକତା
କଡ଼ ଲେଉଟାଇବ ସଂସ୍କୃତିର
ଅଜଗର ତାପରେ
ଭୋଗ୍ୟା ନାରୀର ଲେଖାହେବ ଭାଗ୍ୟ।
ପରାସ୍ତ ହେବ ପରସ୍ତ ପରସ୍ତ ଅହଂକାର
ପୁରୁଷତ୍ୱର ଅଭିମାନ।
ଅନ୍ଧାରରୁ ସିଆର କାଟି
ନିକଟତର ହେଉଥିବ
ପାଦର ନିକ୍କଣ।
ଲହ ଲହ ଜିହ୍ୱାରୁ ଝରୁଥିବ
ଆଦିମତାକୁ ଶୋଷି ନେବାର
ରକ୍ତିମ ରସ
ଆଖିରୁ ଛୁଟୁଥିବ
ଅନ୍ଧକାର ଭେଦୀ ଆତ୍ମ ଜ୍ୟୋତିଃ
ଆଜ୍ଞା ଚକ୍ରରୁ ବିଚ୍ଛୁରିତ ହେଉଥିବ
ସମ୍ଭାବନାର ସ୍ୱର୍ଣ୍ଣିମ ରେଣୁ।
ସାତ ସହସ୍ର ଯୁଗ ପାଇଁ
ସାତ ଗଣ୍ଠି ପକାଇ
କାନିରେ ଗଣ୍ଠିଲି ବାନ୍ଧିନେଉଥିବ
ମହିଷାର ମାଆ
ଆସୁରିକ ଭସ୍ମ ସବୁ।
ଥମୁଥିବ ଝଡ଼
ଶାନ୍ତହେଉଥିବ ପୃଥିବୀ
ଚାରିଆଡ଼ ନୀରବତାରେ ଭିଜୁଥିବ।
ଫୁଟ୍ ଫୁଟ୍ ହୋଇ
ଫୁଟୁଥିବ ପ୍ରଶ୍ନଟିଏ
ଅଟକାଳି ହାଣ୍ଡିରେ
ମହିଷା ପାଇଁ ଦୁର୍ଗା
ନା ଦୁର୍ଗା ପାଇଁ ମହିଷାର ଜନ୍ମ ?

❤ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ଯୁଦ୍ଧ

### କବି ବିପ୍ଳବ



ପିମ୍ପୁଡ଼ିର ପର ଉଠିଲେ
ଆକାଶ ବି' ଆଙ୍ଗୁଳି
ବାକି ରହେ
ଯୁଦ୍ଧ ଆଉ କଣ କି
ଅହଂକାରର ଲଢ଼େଇ ଛଡ଼ା ?

ମୋତେ ଅସହ୍ୟ ଏଇ
ଯୁଦ୍ଧର ଘନଘଟା
ପରମାଣୁ ବୋମାର
ସର୍ବଗ୍ରାସୀ ଆଁ ଭିତରେ
ହଜି ଯାଉଥିବା
ନିରୀହର ଚିତ୍କାର

କୋମଳ ଫୁଲଙ୍କର
ଦେହାବଶେଷର
ଗୁମ୍ ସୁମ୍ ଶୋଭାଯାତ୍ରା

ସବୁଜିମାର ଶବ ଉପରେ
ଉଡୁଥିବା
ଅହଂକାରର ରକ୍ତିମ ବାନା
ଅସହ୍ୟ ମୋ ପାଇଁ
ଅସହ୍ୟ ।

ଏଇଠି ଅଙ୍କୁରୋଦଗମ୍
ଏଇଠି ବୀଜ ବିକ୍ଷେପ
ଏଇଠି ବିଲୟ
ଏତିକି ଅବୁଝା ମନ ପାଇଁ
ରକ୍ତରେ ହୋଲି ଖେଳୁଛି ସମୟ ।

♥ ମକୁନ୍ଦ ପୁର, ବାଙ୍କୀ
ଫୋନ : ୯୪୩୭୪୬୮୦୧୬

## ଆଖି

### ପ୍ରବୀର କୁମାର ଦାସ



ଆଖି
ଯୋଡିଏ ଆଖି

ଆଖି ସାଥୀ
ଆଖି ହିଁ ସାକ୍ଷୀ

ରୂପକୁ
ରୂପର ଜୋଛନାକୁ
ଆଖି ପାରେ ଚାଖି

ଲୁହକୁ
ଲୁହର ସାଗରକୁ
ଆଖି ପାରେ ରଖି

ଦେହକୁ
ଆଉ ମନକୁ ବି
ଆଖି ପାରେ ଦେଖି

କିଛି ନକହି
କହିପାରେ ଆଖି
ଆଗୋ ପ୍ରିୟସଖୀ ।

♥ ୨୭୬, ଶୁକ ବିହାର,
ଭୁବନେଶ୍ୱର-୨୨
ମୋ : ୮୮୪୭୮୬୮୦୫୦

## କଥା ଦେଲାପରେ

### ପ୍ରଶାନ୍ତ କୁମାର ନାଥ



ଭୁଲିବାକୁ ତୋତେ କଥା ଦେଲାପରେ
ବେଶି ବେଶି ମୋର ମନେ ପଡୁଛୁ
ହୃଦୟରୁ କାଢି ଫିଙ୍ଗିବି ଭାବିଲେ
ହୃଦୟକୁ ମୋର ଭିଡି ଧରୁଛୁ ।

ଭାବିବିନି ବୋଲି କଥାକୁ ତୋହର
ଯେତେ ବୁଝେଇଲେ ମନକୁ ମୋର
ଭାବନାକୁ ମୋର ସେତେ ତୁ ଆସୁଛୁ
ଡେଇଁ କରି ସବୁ ଲକ୍ଷ୍ମଣ ଗାର ।

ଯେତେ ମୁଁ ଭାବିଲେ ତୋତେ ଛାଡି ଏକା
ଚାଲିଯିବି ବୋଲି ଅନେକ ଦୂର
ଭିତରେ ଭିତରେ ସବୁ ସମୟରେ
ମୋ ଆଖି ଖୋଜୁଛି ଚେହେରା ତୋର ।

ସପନ ତୋହର ନଦେଖିବା ପାଇଁ
ଭାବୁଛି ଯେତେ ମୁଁ ପଡିବି ଶୋଇ
ନିଇତି ରାତିରେ ସପନରେ ମୋର
କାହିଁକି ପ୍ରିୟାଲୋ ଆସୁଛୁ ଧାଇଁ ।

ଭଲ ପାଉଥିଲି ତୋତେ ହୃଦୟ ଦେଇ
ଭୁଲିବି ଭାବିଲେ ତୋ ଖୁସି ପାଇଁ
କହିବୁକି ମୋତେ କାହିଁକି ବୁଲୁଛୁ
ମୋହରି ସାଥିରେ ଛାଇଟେ ହୋଇ ।

♥ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩

## ନିଜକୁ ଖୋଜିବି

### ଡ. ସ୍ମିତା ପଣ୍ଡା



ଅନ୍ୟ ଆଖିରେ
ମୁଁ ଯେତେବେଳେ ମୁଁ ହୋଇ ନ ଥିବି
ସେତେବେଳେ ନିଜକୁ ଖୋଜିବି
ପାଇବିନି ତ
କାହାକୁ ବି ଦୋଷ ଦେବିନାହିଁ
ମତେ କଣ ଜଣା ନାହିଁ
ମୋ ହୃଦୟ
ଚିହ୍ନି ପାରିନାହିଁ ସବୁ ସମ୍ପର୍କକୁ
ଯେତେଥର ଡାକିଛି ବି କେହି
ମୁଁ ନିଜେ ଶୋଇ ପଡିଛି
ଘୋଡିହୋଇ ଶୂନ୍‌ଶାନ୍ ଅନ୍ଧାରକୁ

ସେତେବେଳେ
ଇଚ୍ଛା ଜମା ଥାଉ କି ନ ଥାଉ
ନିଜକୁ ଖୋଜିବି ତ ଖୋଜିବି
ଜୀବନଠୁଁ ଲୁଚି ଯିବାକୁ
ଘୁଞ୍ଚି ଯିବାକୁ
ସବୁ ରାସ୍ତା ଫାଙ୍କା ଛାଡିଥିବି
ମୋ ଛଡା କାଳେ କେହି
ଆସିବ ମତେ ଖୋଜିବାକୁ
ଅବୁଝା ଆଖିର ପ୍ରଶ୍ନ ଚିହ୍ନ
ଲିଭେଇଦେବାକୁ ।

♥ ସରକାରୀ ଉଚ୍ଚ ବିଦ୍ୟାଳୟ,
ଆଇ ଆର୍ ସି ଭିଲେଜ୍, ଭୁବନେଶ୍ୱର
ମୋ:୯୮୬୧୩୨୩୬୫୦

## ବସନ୍ତର ଆଗମନେ

### ଗୌରୀ ମେହେର



ବସନ୍ତ ଆସିଲା ମହ ମହ ବାସିଲା
ଆମ୍ବ ବଉଳ, ମହୁଲଫୁଲ!!
ମଳୟ ପବନେ ଶୁଭ୍ର ମଲ୍ଲୀ ବାସେ
ଆନନ୍ଦିତ ଧରଣୀ କୋଳ ।

ବାରତା ସବୁ ଉଡି ବାଣ୍ଟୁଛନ୍ତି
ହଳଦୀବସନ୍ତ, ପରଜାପତି!!
ଫଗୁଣର ଅବିର ସପ୍ତରଂଗେ ଆସି
ମନକୁ ରଂଗିନ କରନ୍ତି ।

ମୃଦୁ ମୃଦୁ ମନ୍ଦ ସମୀର ଛୁଆଁରେ
ବନ ଉପବନ ଦେଖ ହସୁଛି!!
ପଳାଶ ଫୁଲର ନାଲି ଓଢ଼ଣି ରେ
ପ୍ରକୃତି ନବ ବଧୂ ଟେ ସାଜିଛି ।

କୋଇଲି, କୁହୁ କୁହୁ ମଧୁ ସ୍ୱରେ
ସବୁ ଜୀବ ତନ ମନ କିଣୁଛି!!
ଭ୍ରମର ର ଗୁଣୁଗୁଣୁ ଗୁଞ୍ଜନେ
ଫୁଲ ଯେ ଲାଜେଇ ଯାଉଛି ।

ନବ ପଲ୍ଲବିତ, ସୁନ୍ଦର ସବୁଜ
କେଡେ ସୁଶୋଭିତ ତରୁ!!
ବସନ୍ତ ର ଏହି ଅପୁର୍ବ ଶୋଭନ
ଦେଖି ଖୁସି ଭରିଯାଏ ହୃଦୟରୁ ।

♥ ଗମ୍ଭାରୀଗୁଡା, ନୂଆପଡା

## ଚଇତି ବାଆ

### ନିରଞ୍ଜନ ପତି



ବସନ୍ତେ ଚଇତି ବାଆ ବହିଲା
କାନେ କାନେ ପ୍ରିୟା କଥା କହିଲା
ପ୍ରିୟା ମୋର ନାହିଁ ପାଶେ
ରହିଛି ଦୂର ବିଦେଶେ,
ଅନ୍ତର କୁ ନିରବରେ ଦହିଲା
ବସନ୍ତେ ଚଇତି ବାଆ ବହିଲା
ମନେପଡେ ତାର ବାଣୀ
ଉଛୁଳେ ଯମୁନା ପାଣି
ଦୂରେ ଥାଇ ସେ ବିରହ ସହିଲା
ବସନ୍ତେ ଚଇତି ବାଆ ବହିଲା
ରାତିରେ ସପନ ଦେଖେ
ପ୍ରିୟା ମୋର ଅଛି ପାଖେ
କିନ୍ତୁ ଆମ ଅଙ୍ଗ ସଙ୍ଗ ନୋହିଲା
ବସନ୍ତେ ଚଇତି ବାଆ ବହିଲା
ଫୋଓନ ରେ କହିଦେଲି
ଆସ ପ୍ରିୟା ବେଗେ ଚାଲି
ଶୁଣି ପ୍ରିୟା ପାଶେ ମୋର ଅଇଲା,
ବସନ୍ତେ ଚଇତି ବାଆ ବହିଲା ।

♥ ଗାନ୍ଧୀ ମାର୍ଗ, ଅନୁଗୋଳ
(ମୋ) ୯୯୩୮୧୩୩୫୫୯



## ସିଂହାସନର ମୋହରେ

### ଅନସୂୟା ପଣ୍ଡା



ଭିନ୍ନ ଋତୁର ଧୂରୀଣ ବିହଙ୍ଗ କିଛି
ହାତରେ ନିର୍ବାଚନର ଇସ୍ତାହାର ଧରି
ଉଡିଆସିଛନ୍ତି ଉପାର୍ଜନ ମୋହରେ
ସତେରେ ଯେମିତି ବସନ୍ତର ପ୍ରଜାପତି
ବେହାଗରେ ଭ୍ରମି ଆଙ୍କିଛନ୍ତି ପ୍ରପଞ୍ଚପ୍ରତୀତି ।

ଯିଏ ନିଜ ଘରକୁ ଯୋଡି ରଖି ପାରନ୍ତିନି
ସଜାଡିବା ନାଁରେ ପରିବାରକୁ କୁଟକୁଟା କରନ୍ତି
ସେମାନେ ମନୋନୀତ ଅଧିକ ଦକ୍ଷ ପ୍ରାର୍ଥୀ
ଖୁସିକି ପ୍ରଗତିକି ଗୋଟେଇ ଆଣିବା ପ୍ରତିଶୃତିରେ
ମଦ ମାଂସ ଅର୍ଥର ପ୍ରଲୋଭନର ଭାଗବଣ୍ଟୁରାରେ
କଳିତ ଭୋଟର ଝୋଲି ମେଲିପକାନ୍ତି ଘରେ ଘରେ ।

ଓଢଣିର ଆଢୁଆଳରେ ଲୋକଙ୍କୁ ଭଣ୍ଡାନ୍ତି
ସରୁଆ ଚଞ୍ଚୁରେ ଗୋଡି ପରେ ଗୋଡି ପକାନ୍ତି
ଜନତା ଜନାର୍ଦ୍ଦନର ପାଣିମାଠିଆର ଫନ୍ଦରେ ବସି
ଶୋଷ ମେଣ୍ଟାଇବାର ଆକଳନ ନିମ୍ନସ୍ଥିତିରେ ପାଣି ଚୂଷି ।

ନୀଳବର୍ଣ୍ଣ ଶୃଗାଳପରି ସିଂହାସନର ମୋହରେ
ନିରୋଳା ବୈପରୀତ୍ୟର ରସ ଆସ୍ୱାଦନରେ
ବିଭୋର ହୁଅନ୍ତି ସତେରେ ଯେମିତି ଷଡଯନ୍ତ୍ର କରି
ଜୀବନ ବାଣ୍ଟି ଚାଲିବେ ଚକ୍ରେଶ୍ୱରଙ୍କ ପରି ।

♥ ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

## ଦିବ୍ୟ ଚେତନାରେ

### ସୁନନ୍ଦା ମହାନ୍ତି



ନୀଳଜହ୍ନ ନୀଳିମାରୁ ନୀଳ ଟିକେ ମାଖି
ଦେଖୁଥିଲି ଦୁଇ ଚକା ଆଖି
କଳଙ୍କର କାଳିମାରୁ କଲମରେ ଯୋଖି
ଚକା ଆଖି ଦୁଇରେ ଗଲି ଲାଖି
ଜହ୍ନ ଆଉ ମୁଁ ଚିହ୍ନ ହୋଇ ରହିଥିଲୁ ପାଖାପାଖି
କିଏ କହେ ଜାଣିଛି ସବୁ ଚକାଆଖି
କଳା ଜହ୍ନ କାକଳୀ ଭେଦି ପରଂବ୍ରହ୍ମ ଦିଏ ଲେଖି
ଧାରେ ହସ ଭିତରେ ମୁରୁକି ହସେ ଚକା ଆଖି
ଦେବଦାସୀ ନୁପୁରରେ ସାତସ୍ୱର ଲୟ ତାଳ ମାଖି
କହେ ରଖ ମହାବାହୁ ମୁଁ ଅଡିହିଁ ନିରେଖି
ଜହ୍ନ କହେ ଚକା ଚକା ନୁହେଁ ସିଏ ଯାଅ ପରଖି
ଚକା ସିନା ସବୁବେଳେ ସେଇ ଦୁଇ ଆଖି
ଗୀତଗୋବିନ୍ଦ ଗାଉଛି ପାଶେ ପୂର୍ଣ୍ଣ କଳସୀ ରଖି
ଗୋବିନ୍ଦ ଧାୟି ହେବାକୁ ପଦ୍ମମୁଖୀ
ଭାବମୟ ହରି ଭାବଦେଖି ଶୁଣି, ଦିଏ ଯାହା ଲେଖି
ଚଉବାହା ସଦା ସାହା ଦେଖୁଛି ପରଖି
ଚକା ଜହ୍ନ ଦୁହେଁ ସତ୍ୟ ହେଲେ ଜଣେ ଓଁ ଲେଖି
ଆଉଜଣେ ପ୍ରେମିକ ନୀଳକଇଁ ଦେଖି
ପ୍ରେମର ପରମ ପୁରୁଷ ସେ ଚକାଜହ୍ନ ଆଲୋ ସଖି
ତାଙ୍କ ନାମ ଧାୟି ଦେଲି କବିତାଟି ଲେଖି
କଳା କଳା ଦୁଇ ଚକାଆଖି ଦେଲେ ଥରେ ଦେଖି
ସାତରଙ୍ଗ ସାତସ୍ୱର ସାତଖୁଣ ମାଫି
ଚତୁର୍ଦ୍ଧାଙ୍କ ନୟନରେ ନୟନେ ଭରି ଅଶ୍ରୁ କାରୁବାକୀ
କହେ ଅଶ୍ରୁରେ ଅଶ୍ରୁରେ ସେ ଅଶ୍ରୁମୁଖୀ
ସୂର୍ଯ୍ୟ, ଜହ୍ନ ସତ୍ୟ ଚକାଆଖି ସତ୍ୟ,ପଢି ଶିଖି ଲେଖି
କହନ୍ତି ଭକ୍ତିରେ ଭକ୍ତ କର ମତେ ସାକ୍ଷୀ
ସତ୍ୟ ସନାତନ ତ୍ରିଭୁବନ ମୋହନ କଳା ପକ୍ଷୀ
ବେଦ ବାଦ୍ୟ ବେପଥୁରେ ବାନ୍ଧିଦେବି ରାକ୍ଷୀ
ମାଣିକ ଗଉଡୁଣୀ ମରିନାହିଁ ଅଛି ଏବେବି ସାକ୍ଷୀ
ଚକାଜହ୍ନ ଉଚ୍ଛନମନ କିଏ ପାରିବ ଧରି ରଖି ।

♥ ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

## ଚିହ୍ନି ପାରିନଥିଲା

### ରଶ୍ମି ସାମଲ



ରାତ୍ରିର ନିରୋଳା ପ୍ରହରେ
ଦେଖିଲି ତୁମ ସହରର ସ୍ୱପ୍ନ
ଅଚାନକ ଖେଳିଗଲା ସାରା ଶରୀରେ
ବିଦ୍ୟୁତ ପ୍ରବାହ ଢେଉର ଶିହରଣ ।

ନିଦ ଭରା ଚକ୍ଷୁରେ
ଦୃଶ୍ୟମାନ ଝଲମଲ ଆଲୋକ
ଟିକେ ଝାପ୍ସା ଦିଶୁଥାଏ
ରାସ୍ତା ଦୁଇ ପାଖେ
ମହୁଲ ଫୁଲର ବାସ୍ନା
ଚହଲାଇ ଦେଉଥାଏ ।

ଭେଟିବାର ମୋହ ଅଥୟ କଲା
ଭାବୁଥାଏ ଯାଇ ପାଖରେ ବସି
ସମ୍ପର୍କରେ ଟିକେ ହସ ଆଙ୍କି ଦେବି ।

ହେଲେ ଯାହା ତ ଆଜି
କାଲି ରାସ୍ତା ଘାଟ ଅବସ୍ଥା
ବିଲକୁଲ ନିରାପଦ ନୁହେଁ
ଲାଳସାର ପଙ୍ଗପାଳ ଯଦି
ବାଟ ଓଗାଳିବେ
ତଥାପି ଭୟର ବିପ୍ରାତକୁ ସବୁ
ପାତାଳରେ ଚାପି ଦେଇ
ଠିକଣା ଖୋଜି ପଂହଁଚିଥିଲି ।

ଖୋଲା ଥିଲା ଅପେକ୍ଷାର ଦ୍ୱାର
ସ୍ୱପ୍ନରେ ଯାହା ଭାବିଥିଲି
ମିଶିବାର ଆନନ୍ଦ ଉଙ୍କି ମାରୁଥାଏ
ଚଳଚଞ୍ଚଳ ମନ ଭିତରେ,
ଖୁନ୍ଦି ହୋଇଥାଏ
ବହୁତ କିଛି ଆଶା ଓ ଆଶଙ୍କା ।

ଅପେକ୍ଷା ଥିଲା ସେହି
ଆଖିର ଇସାରକୁ
ଅଧା ଫିଟା ବେଣୀଟା ଝୁଲୁଥିଲା
କେମିତି ମୋ ଅଭିବ୍ୟକ୍ତ
ବ୍ୟକ୍ତ କରିବି ସମ୍ମୁଖରେ ।

ଭରଶାର ସ୍ରୋତରେ ମନର
ଦରଜା ଠେଲି ହୋଇଗଲା
କାହିଁ ରୀତିନୀତି ତାର ଠିକ ଲାଗିଲାନି
ଶୁଣିବାର ଆଗ୍ରହ ସେତିକି ନଥିଲା ।

ବୋଧେ ସେ ତା ସୁନ୍ଦରୀକୁ
ଚିହ୍ନି ପାରିଲାନି
ଜଳ ବିନା ତଣ୍ଟି ଶୁଖିଯାଉଥାଏ
ରାତି ପାହୁ ପାହୁ ପୁଣି ସ୍ୱପ
ସଜାଗ କରିଦେଲା ଯା ଫେରିଯା ।

ଅସଫଳତାରେ ମ୍ରିୟମାଣ
ହୋଇ ଦେଖୁଥିଲି ନିଦ ଫେରା
ପକ୍ଷୀଙ୍କ ଦଳକୁ
ସଜାଡୁଥିଲି ନିଜର ନିରାପଦ ଠିକଣାକୁ ।

♥ ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

## ପୁନଶ୍ଚ ଅହଲ୍ୟା

### ସୁମିତା ବେହେରା



ମୋ ପାଖରେ ଆଉ କିଛି ନାହିଁ ଦେବା ପାଇଁ
ସମର୍ପି ଦେଇଛି ମୋର ପ୍ରାଣ ,ଅବୟବ
ଗୋଟିଏ ମନ ଓ ଆତ୍ମା ବିହୀନ ଜଡ କୁ ନିଅ
ଯେତେ ପାରୁଛ ଖଣ୍ଡ ବିଖଣ୍ଡିତ କର
ମୋତେ ଇଚ୍ଛା ହେଲେ ଲାବଣ୍ୟ ରେ ସଜାଇ ଦିଅ
ରଙ୍ଗେଇ ଦିଅ ସପ୍ତରଙ୍ଗରେ

ମୁଁ ଆଉ ଲୁଚିବାକୁ ଚାହେଁନା ସାତ ତାଳ ପଙ୍କରେ
ଅଜାଡି ଦିଅ ଚିତ୍ରିତ ଭାଗ୍ୟ ମାନଙ୍କୁ ମୋ ଉପରେ
ମାଗି ଆଣ କମ୍ ପଡିଗଲେ ରଙ୍ଗ ଉଧାର ସୁତ୍ର ରେ
ତଥାପି ଅମ୍ଳାନ ହସ ଧାରେ ଝଟକୁ ଥାଉ

ସବୁ କାମନା ମାନଙ୍କୁ ପିଆଇ ମଦିରା
ତୁମେ ଜପୁଥାଅ ଜୀବନମନ୍ତ୍ର
ସବୁ ଇନ୍ଦ୍ରିୟ ମାନଙ୍କୁ ଆୟତ୍ତ କରି
ଶିଖିନିଅ ଜୀବନ କୁ ଜଡ କରିବା
ଜଡ ରୁ ପଥର ।

ମୋତେ ସେହି ପଥର ହୋଇ ରହିବାକୁ ଦିଅ
ମୁଁ ଭୁଲି ଯିବାକୁ ଚାହେଁ ମୁକ୍ତି, ପରିତ୍ରାଣ
ଅପେକ୍ଷାକୁ ସାଉଁଟୁ କରି ନେବାକୁ ଚାହେଁ କେବଳ
ଅନନ୍ତକାଳ ଯାଏ ଅଜ୍ଞାତବାସ
ସେଇଠି ମୁଁ ପ୍ରେମ କରିବି ,ପ୍ରାର୍ଥନା କରିବି
ପବିତ୍ର ମନ୍ତ୍ର ର ମୃଦୁ ଝଙ୍କାର ତୋଳିବି
ଲୁହ ବୁନ୍ଦା ରେ ପାଦ ପଖାଳୁଥିବି ହେ ସଖୀ ପ୍ରଚୁର ଜୀବନବୋଧ ରେ ଜିଇଁଥିବି
ତନ୍ଦ୍ରା ରଙ୍ଗ ନେଇ ।

♥ କାଳିକପୁର, ବାରିପଦା

## ବିସ୍ମିତ ଜୀବନ

### ତପନ କୁମାର ସାହୁ



ଅନ୍ଧାର କି ଏ ଅହଂକାର
ମୋ ମସ୍ତିଷ୍କ ଭିତରେ ଭାରି ପଡୁଥିବା ଶବ୍ଦ ।

ରକ୍ତାକ୍ତ ଆୟୁଷ ଏବେ ସ୍ୱର୍ଗର ନିଶୁଣି ବାନ୍ଧିବାରେ ବ୍ୟଗ୍ର
କେଜାଣି, ସେମାନେ କେଉଁଠୁ ଆସିଛନ୍ତି
ବିଶ୍ୱାସ ଓ ଭରଷାର ନିଶୁଣୀ ବାନ୍ଧିବେ
ତାଙ୍କୁ ବାନ୍ଧିବାକୁ ଦିଅ,
ବୁଢିଆଣୀ ଜାଲର ଅବିକଳ ରୂପ ।

ଝିଲାପି ଏବେ ତରଳି ସାରିଥିବ
ସାରୁ, କାକୁଡି ଭିତରେ ପର୍ଚ୍ଚା ସମର୍ପି ଦେଇ
ବୟସ ତରଙ୍ଗେ ବୋଝ ହେଇସାରିଥିବ ସେଠି
ଜୀବନ ଆଉ ଜୁଆକୁ ନେଇ
ଚାଇନା ଟର୍ଚ୍ଚ ଲାଇଟ ପରି
ଦେଖୁଥିବ, ଆଖି ରଗଡି ରଗଡି
ମୂଲ୍ୟାୟିତ ଜୀବନ, ।

ନିଜେ ନିଜକୁ ଖୋଜୁଥିବା ଜୀବନ ସବୁକୁ ଏକାଠି କରି
ଭରଷା ଆଉ ବିଶ୍ୱାସର ସହରୀ ନାଳରେ
ପହଁରି ଚାଲିଥିବ ଜୀବନ
କେଉଁଠି ଅନ୍ତ ଏବେ ଗାଡି ବ୍ରେକ ଅବା ଶ୍ମାସାନ ଯେ
କେହି ଅବା କହିବେ
ଭୟଙ୍କର ଏହି ପ୍ରକୃତି କୋଳର
କ୍ଷଣିକ ପ୍ରତିମା ବୋଲି ନିଜକୁ
ବଞ୍ଚି ଚାଲିଛନ୍ତି ସେମାନେ, ଆମେ
ବାରମ୍ବାର, ବିଶ୍ୱାସ ଆଉ ଭରସାର ପଙ୍କ ଉଦ୍ଧାର କରି ।

♥ କଳାହାଣ୍ଡି
ମୋ :୭୩୨୮୦୦୧୫୭୫



## ଖୁସି ହେଉଥିବେ ପ୍ରଜା

### ରମେଶ ଚନ୍ଦ୍ର ନାୟକ



ଆକାଶ କୋଳରେ ଆତ ଯାତ କରେ
ସକଳ ଶକ୍ତି ଆଧାର
ସୁଖ ବେଳେ ଯାହା ଦୁଃଖ ବେଳେ ତାହା
ଗୋଟିଏ ରୂପ ତାହାର ।

ଏ ମର୍ତ୍ତ୍ୟ ବୈକୁଣ୍ଠେ ଓଡ଼ିଶା ରାଇଜେ
ସିଏତ ଜ୍ୱଳନ୍ତ ସୂର୍ଯ୍ୟ
ରାଜନୀତି କ୍ଷେତ୍ରେ ବଳିଷ୍ଠ ଚେହେରା
ହୃଦେ ଧରିଛନ୍ତି ଧୈର୍ଯ୍ୟ ।

ହସ ହସ ମୁଖ ନ୍ୟାୟର ପ୍ରତୀକ
ନିରିମଳ ଭାବମୂର୍ତ୍ତି
କଣେଇ ଚାହିଁଲେ ହାତ ହଲାଇଲେ
ଝରି ପଡେ ମଧୁ ପ୍ରୀତି ।

ପ୍ରବାଦ ପୁରୁଷ ଯୋଗ୍ୟ ପିତାଙ୍କର
ସୁଯୋଗ୍ୟ ସନ୍ତାନ ସିଏ
ଓଡ଼ିଶା ମାଟିକୁ ପବିତ୍ର ହେବାରେ
ତାଙ୍କ ଅବଦାନ ଥାଏ ।

ଘୋଷଣା ହୋଇଛି ଗ୍ରାମ ପଞ୍ଚାୟତ
ନିର୍ବାଚନ ଫଳା ଫଳ
ସବୁ ପୋଛିନେଲେ ଧ୍ୱଜା ଉଠାଇଲେ
ବିରୋଧୀଙ୍କ ହେଲା କାଳ ।

ପାଏ ନାହିଁ ହାତ ରାଜନୀତି ଭାତ
ହଜାଇଛି ଗଉରବ
ପୋଖରୀରେ ଆଉ ପଦ୍ମ ଫୁଟେ ନାହିଁ
କାଦୁଅ ପଙ୍କ ଅଭାବ ।


ଚତୁଃପାର୍ଶ୍ୱେ ତାଙ୍କ ସଜାଗ ପ୍ରହରୀ
ନବଗ୍ରହ ନେତା ମାଳ
ବନ୍ୟା ବାତ୍ୟା ଅବା ବିପତ୍ତି କାଳରେ
ଦେଇଥା'ନ୍ତି ବୁଦ୍ଧି ବଳ ।

ଜୀବନ ପ୍ରଦୀପ ଥିବ ଯେତେ ଦିନ
ଓଡ଼ିଶାର ଥିବେ ରାଜା
ମୁଖ୍ୟ ମନ୍ତ୍ରୀ ଭାବେ ପୂଜା ପାଉଥିବେ
ଖୁସି ହେଉଥିବେ ପ୍ରଜା ।

♥ କେଶରପୁର, ବକ୍ସି ବଜାର, କଟକ
(ମୋ) ୭୯୭୮୧୫୧୭୧୦.

# ଗତ ୨୪ ଘଣ୍ଟା ମଧ୍ୟରେ ୧୨୦ କରୋନା ପଜିଟିଭ ଚିହ୍ନଟ : ୨୬ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୦୭/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୫୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୨୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୨୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୧୨୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।



ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୩ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୫ ଜଣ, ବଲାଙ୍ଗୀରରୁ ୨ ଜଣ, କଟକରୁ ୧ ଜଣ, ଦେବଗଡ଼ରୁ ୧ ଜଣ, ଗଜପତିରୁ ୧୫, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୧ ଜଣ, ଯାଜପୁରରୁ ୯ ଜଣ, ଝାରସୁଗୁଡ଼ାରୁ ୧୨ ଜଣ, ଖୋର୍ଦ୍ଧାରୁ ୧୦ ଜଣ, କୋରାପୁଟରୁ ୪ ଜଣ, ମୟୂରଭଞ୍ଜରୁ ୫ ଜଣ, ନବରଙ୍ଗପୁରରୁ ୪ ଜଣ, ନୂଆପଡ଼ାରୁ ୨ ଜଣ, ପୁରୀରୁ ୧ ଜଣ, ରାୟଗଡ଼ାରୁ ୨ ଜଣ, ସମ୍ବଲପୁରରୁ ୨୩ ଜଣ, ସୁନ୍ଦରଗଡ଼ରୁ ୪ ଜଣ ଓ ଷ୍ଟେଟ ପୁଲରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୮୬,୦୦୯ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୭୫,୫୪୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧,୩୧୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ରୋଟାରି କ୍ଲବ ପକ୍ଷରୁ 'ଅନ୍ତର୍ଜାତୀୟ ମହିଳା ଦିବସ' : ମହିଳାମାନେ ନେତୃତ୍ୱ ନେବା ଉଚିତ




ଭୁବନେଶ୍ୱର ,୦୭/୦୩ (ନି.ପ୍ର): ଆଜିକାଲିର ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳା ଘରର ଏରୁଣ୍ଡି ବନ୍ଧ ଡେଇଁ ସମାଜର ନେତୃତ୍ୱ ନେବା ଉଚିତ। ମହିଳାମାନଙ୍କ ନେତୃତ୍ୱରେ ଯେପରି ପରିବାରର ଉନ୍ନତି ସାଧନ ହୋଇଥାଏ ସେହିଭଳି ଭାବେ ମହିଳାମାନେ ସମାଜର ନେତୃତ୍ୱ ନେଲେ ସମାଜର ଉନ୍ନତି ସାଧନ ହୋଇପାରିବ। ମହିଳା ଦିବସ ଅବ୍ୟବହିତ ପୂର୍ବରୁ ରୋଟାରି କ୍ଲବ ଅଫ ଭୁବନେଶ୍ୱର ହେରିଟେଜ୍ ଓ ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମିଳିତ ସହଯୋଗରେ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଏଭଳି ମତବ୍ୟକ୍ତ କରିଛନ୍ତି ବିଶିଷ୍ଟ ଅତିଥି। ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କଲେଜ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ବ୍ରହ୍ମକୁମାରୀ ଶାଖାର ମୁଖ୍ୟ ବି.କେ ଗୀତା, ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସ୍ୱପ୍ନନୀତା ହୋତା, ୟୁଏନଡିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର, ଆରପିଏସର ବରିଷ୍ଠ ଅଧିକାରୀ ସ୍ମିତା ସରକାର, ରୟାଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ବିଷ୍ଣୁ ମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ସେମାନେ କହିଥିଲେ ଯେ ମହିଳାମାନେ କୌଣସି ଗୁଣରେ ପୁରୁଷମାନଙ୍କ ଠାରୁ କମ ନୁହନ୍ତି। ସେମାନଙ୍କୁ ମଧ୍ୟ ପୁରୁଷମାନଙ୍କ ଭଳି ପରିବାରରୁ ସହଯୋଗ ଓ ସ୍ୱାଧୀନତା ମିଳିବା ଆବଶ୍ୟକ। ଏହି ଅବସରରେ ୨୧ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସମ୍ବର୍ଦ୍ଧିତ ମହିଳାମାନେ ହେଲେ 'ସମ୍ବାଦ'ର ଉପମହାପ୍ରବନ୍ଧକ (ମାନବସମ୍ବଳ) ବୈଜୟନ୍ତୀ କର, ମୋନାଲି ସାହୁ, ନମିତା ପଲେଇ, ଅନୁରାଧା ଦାଶ, ବି.କେ ଗୀତା, ସ୍ୱପ୍ନନୀତା ହୋତା, ଅଞ୍ଜନା ପଣ୍ଡା, ଲୁସି ମହାପାତ୍ର, ଆଭା ମିଶ୍ର, ମଞ୍ଜୁଶ୍ରୀ ଓଝା, ପୂଜା ମହାପାତ୍ର, ସୌଦାମିନୀ ସାମନ୍ତ, ଦୀପା ଖୁଲବେ, ଦୀପା ସାମନ୍ତ, ବିଜୟା ମିଶ୍ର, ରଶ୍ମିତା ବିଶ୍ୱାଳ, ମଧୁସ୍ମିତା ପଣ୍ଡା, କବିତା ବେରୀଗଞ୍ଜନ, ଜ୍ୟୋତିଶ୍ରୀ ସ୍ୱାଇଁ, ସ୍ମିତା ସରକାର ଓ ପ୍ରଜ୍ଞା ପରମିତା ସାହୁ। ମହିଳା ସଶକ୍ତୀକରଣ ଉପରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅପରାଜିତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରୋଟାରି କ୍ଲବ ଅଫ ଭୁବନେଶ୍ୱର ହେରିଟେଜ୍ର ସଭାପତି ପି.ସି ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପି. ଶ୍ରୀନିବାସ ଧନ୍ୟବାଦ ଦେଇଥିଲେ।

# ଇ-ଷ୍ଟୋର ଇଣ୍ଡିଆର ନୂତନ ସୋରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର,୦୭/୦୩ (ନି.ପ୍ର): ଭୁବନେଶ୍ୱରସ୍ଥିତ ଖାରବେଳ ନଗରଠାରେ ଇ-ଷ୍ଟୋର ଇଣ୍ଡିଆର ୨୩ତମ ବ୍ୟବସାୟିକ ଶାଖା ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ଓଡ଼ିଶା ଶାଖା ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ସନ୍ତୋଷ କୁମାର ନନ୍ଦ ଓ ଟିମ୍ ଲିଡ଼ର ତପନ ଜେନା ଏହାକୁ ଉଦ୍‌ଘାଟନ କରି କମ୍ପାନୀ ତଥା ଏହି ଖାଉଟି ସାମଗ୍ରୀର ବିଭିନ୍ନ ରିହାତି ଉପରେ ଆଲୋକପାତ କରି କହିଲେ ଯେ, କମ୍ପାନୀର ବିଭିନ୍ନ ଉତ୍ପାଦ ଉପରେ ୪ରୁ ୪୦ ପ୍ରତିଶତ ହାରରେ ରିହାତି ଯୋଗାଇ ଦିଆଯିବ। କମ୍ପାନୀ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଜେନା କହିଲେ ଯେ, ଆଗାମୀ ଦିନରେ ରାଜ୍ୟରେ ପ୍ରତି ଜିଲ୍ଲାରେ ଏହାର ସୋରୁମ୍ ଖୋଲାଯାଇ ବ୍ୟବସାୟକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଖାଉଟି ମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରିହାତି ମଧ୍ୟ ଦିଆଯିବ। ଏତଦ୍‌ବ୍ୟତୀତ କମ୍ପାନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ମାଗଣା ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିରମାନ ଅନୁଷ୍ଠିତ କରାଯିବା ସଙ୍ଗେ ସଙ୍ଗେ ଔଷଧ ବଣ୍ଟନର ମଧ୍ୟ ବ୍ୟବସ୍ଥା କରାଯିବାର ଯୋଜନା ହାତକୁ ନିଆଯାଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଜିତେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ବେହେରା, ରଞ୍ଜନ କିଶୋର, ଓଁକାର ମିଶ୍ର, ଦିଲ୍ଲୀପ ମହାପାତ୍ର, ଗୌତମ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଶ୍ରୀ ରତିନ୍ଦ୍ର ପରମାଣିକ, ମମତା ପରମାଣିକ ଉତ୍ସବ ପରିଚାଳନା କରିଥିଲେ।

# ପୁଣି ମାଡିଲେଣି ଚିଟ୍‌ଫଣ୍ଡ କମ୍ପାନି : ଚେର ମାଡ଼ିମାଡ଼ି ଚାଲିଛି ; ଲୋକେ ଚେତୁନାହାନ୍ତି, ସରକାର ବି ନିରବ

ଭୁବନେଶ୍ୱର ,୦୭/୦୩ (ନି.ପ୍ର): ଲକ୍ଷ ଲକ୍ଷ କୋଟି ଲୁଟିନେଲେ ଚିଟ୍‌ଫଣ୍ଡ କମ୍ପାନି। ସିବିଆଇ ତଦନ୍ତ ହେଲା। ରାଜନେତା ଓ ବ୍ୟବସାୟୀଙ୍କ ଭଳି ବହୁ ବଡ଼ବଡ଼ିଆ ଜେଲ୍ ଗଲେ। ରାଜ୍ୟ ସରକାର କର୍ପସ ପାଣ୍ଠି ଗଠନ କଲେ। କିନ୍ତୁ ଠକେଇର ଶିକାର ଜମାକାରୀମାନେ ସେମାନଙ୍କ ସଂଚିତ ଅର୍ଥ ଫେରି ପାଇଲେନାହିଁ। ରାଜ୍ୟ ଓ ଦେଶରେ ଏହି ବିଶାଳ ଠକେଇ ହଇଚଇ ସୃଷ୍ଟି କଲା। ମାତ୍ର ସମୟ ଗଡ଼ିଯିବା ସହ ମାମଲା ଥଣ୍ଡା ପଡ଼ିଗଲା। ଏବେ ରାଜ୍ୟରେ ପୁଣି ମାଡିଲେଣି ଚିଟ୍‌ଫଣ୍ଡ କମ୍ପାନି। ଉତ୍ତର ଓଡ଼ିଶାରୁ ଚେର ମାଡ଼ିବା ଆରମ୍ଭ କଲାଣି। ସୁଧ ସହ ଅଧିକ ଫେରସ୍ତ, ଦାମୀ ଉପହାର, କାର୍, କୋଠା, ଜମିର ଲୋଭ ଦେଖାଇ କୋଟି କୋଟି ଟଙ୍କା ଲୁଟିଲେଣି। ଅଥଚ ସରକାର ନିରବ। ଲୋକେ ବି ଚେତୁନାହାନ୍ତି। ଚିଟ୍‌ଫଣ୍ଡରେ ଟଙ୍କା ବିନିଯୋଗ କରିବା ଦ୍ୱାରା ସେମାନେ ଯେ ସର୍ବସ୍ୱାନ୍ତ ହେବାକୁ ଯାଉଛନ୍ତି, ବୁଝିପାରୁନାହାନ୍ତି। ମହାମାରୀ କରୋନା ବେଳେ ପୁଣି ଖେଳ ଆରମ୍ଭ କରିଛନ୍ତି ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନି। ଏବେଠୁ ସାବଧାନ ନହେଲେ, ବା ସରକାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ, ପରିସ୍ଥିତି ପୁଣି ଅଣାୟତ୍ତ ହୋଇପଡ଼ିବ ବୋଲି ଜଳଜଳ ଦିଶିଲାଣି। ରାଜ୍ୟରେ ପ୍ରଥମ ଚିଟ୍‌ଫଣ୍ଡ କମ୍ପାନି ଉତ୍ତର ଓଡ଼ିଶାରୁ ହିଁ ଆରମ୍ଭ ହୋଇଥିଲା। ବଲିଉଡ୍ ପ୍ରଯୋଜକ, ଅଭିନେତା ନାସିର୍ ଖାଁ କମ୍ପାନି ଖୋଲି ଲୋକଙ୍କୁ କୋଟି କୋଟି ଟଙ୍କାର ଚୂନ ଲଗାଇଥିଲା। ଏବେ ବି ସେଇ ଉତ୍ତର ଓଡ଼ିଶାରୁ ପୁଣି ଚିଟ୍‌ଫଣ୍ଡ କମ୍ପାନି ଜାଲ ବିଛାଇବା ଆରମ୍ଭ କରିଛନ୍ତି। ତେଣୁ ମୟୂରଭଞ୍ଜରୁ ଆରମ୍ଭ ହେଉଥିବା ଏହି ଠକେଇ ଉପରେ ଆରମ୍ଭରୁ ଅଙ୍କୁଶ ନଲାଗିଲେ, ଧୀରେଧୀରେ ସମଗ୍ର ଓଡ଼ିଶାକୁ ମାଡ଼ିଯିବ। ନିକଟରେ ମଧ୍ୟପ୍ରଦେଶ ଗ୍ୱାଲିୟରସ୍ଥିତ ଅରୋକ୍ସା ଚିଟ୍‌ଫଣ୍ଡ କମ୍ପାନି ବାଲେଶ୍ୱରରୁ ଆରମ୍ଭ କରି ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଭଳି ୪ ଜିଲ୍ଲାକୁ ବ୍ୟାପି ଯାଇଥିଲା। ଲୋକଙ୍କୁ ୩୦ କୋଟି ଟଙ୍କାର ଚୂନ ଲଗାଇଥିଲା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା କମ୍ପାନି ନିର୍ଦ୍ଦେଶକ ବାବୁ ସିଂ ଖୁସ୍‌ୱା ଏବଂ ଓଡ଼ିଶାରେ କମ୍ପାନିର ପ୍ରଚାର ପ୍ରସାର କରିଥିବା ଦୁଇ ପ୍ରମୁଖ ଏଜେଣ୍ଟ ଶରତ କୁମାର ନାୟକ ଓ ପ୍ରଭାତ ଦାଶଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲୁ(ଅର୍ଥନୈତିକ ଅପରାଧ ଶାଖା) ଗିରଫ କରିଥିଲା। ସେହିପରି ଯାଜପୁରରେ ଜମାକାରୀଙ୍କୁ କୋଟି କୋଟି ଟଙ୍କାର ଚୂନ ଲଗାଇଥିବା ମୁମ୍ବାଇର ଇଆଭିକ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନି ବିରୋଧରେ ଇଓଡବ୍ଲୁରେ ମାମଲା ରୁଜୁ ହୋଇଛି। ଏଜେଣ୍ଟମାନେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ ନିରୀହ ଲୋକଙ୍କୁ ଅଧିକ ଫେରସ୍ତର ଲୋଭ ଦେଖାଇ ବହୁ ଜମାକାରୀଙ୍କଠାରୁ ବିପୁଳ ଅର୍ଥ ନେଇଯାଇଛି। ଠକେଇର ଶିକାର ହେବା ପରେ ଏବେ ଜମାକାରୀମାନେ ଇଓଡବ୍ଲୁର ଦ୍ୱାରସ୍ଥ ହୋଇଛନ୍ତି। ସବୁଠୁ ବଡ଼ କଥା ହେଲା ରାଜଧାନୀରେ ମଧ୍ୟ କେତେକ ସଂସ୍ଥା ଏଭଳି କାରବାର ଚଳାଇଛନ୍ତି। ଗତ କିଛି ମାସ ତଳେ ମଞ୍ଚେଶ୍ୱର ଅଞ୍ଚଳର ଏକ ସଂସ୍ଥା ଅଧିକ ଲାଭ ଦେବାର ଲୋଭ ଦେଖାଇ ଲୋକଙ୍କୁ ଲକ୍ଷାଧିକ ଟଙ୍କାର ଚୂନ ଲଗାଇଥିଲା। ସେହିପରି ଗ୍ରାମାଞ୍ଚଳରେ ବିଭିନ୍ନ ସମିତି ଦ୍ୱାରା ଲୋକଙ୍କୁ ଋଣ ଲୋଭ ଦେଖାଇ ଟଙ୍କା ଉଠା ଯାଉଥିବା ଜଣାପଡ଼ିଛି। ପୂର୍ବରୁ ଏକାଧିକ ଅଭିଯୋଗ ମଧ୍ୟ ବିଭିନ୍ନ ଥାନାରେ ପହଞ୍ଚିଛି। ପୂର୍ବର ଚିଟ୍‌ଫଣ୍ଡ ମାମଲା ରାଜ୍ୟରେ ହଇଚଇ ସୃଷ୍ଟି କରିବା ପରେ ଏଭଳି କାରବାର ଉପରେ ନଜର ରଖିବା ପାଇଁ ରାଜ୍ୟ ସରକାର ଜିଲ୍ଲା ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏବେ ଖୋଲାଖୋଲି ଚିଟ୍‌ଫଣ୍ଡ କାରବାର ଚାଲିଥିଲେ ବି କୌଣସି ଲଗାମ୍ ନାହିଁ। କମ୍ପାନି ଗୁଡ଼ିକ ସଭା ସମିତି ଓ ବିଜ୍ଞାପନ ଜରିଆରେ ସେମାନଙ୍କ ଜାଲ ବିଛାଇ ଚାଲିଥିବା ବେଳେ ସ୍ଥାନୀୟ ପୁଲିସ ପ୍ରଶାସନ ପାଖରେ ଖବର ପହଞ୍ଚୁନାହିଁ। ଅରୋକ୍ସା ଚିଟ୍‌ଫଣ୍ଡ କମ୍ପାନି ବାଲେଶ୍ୱର, ଭଦ୍ରକ ଭଳି ସହରରେ ପୋଷ୍ଟର ଲଗାଇ ପ୍ରଚାର କରିଥିଲେ ମଧ୍ୟ କେହି ଜାଣିପାରିଲେ ନାହିଁ।


# ବିଶ୍ୱାସଘାତକ ଡ୍ରାଇଭର : ମାଲିକଙ୍କ ଆକାଉଣ୍ଟରୁ ଟଳୁ କରିଥିଲା ୯.୯୫ ଲକ୍ଷ

ଭୁବନେଶ୍ୱର ,୦୭/୦୩ (ନି.ପ୍ର): ବିଶ୍ୱାସରେ ବିଷ ଦେଲା ଡ୍ରାଇଭର। ମାଲିକଙ୍କ ପାଖେ ପାଖେ ରହୁଥିଲା। କିନ୍ତୁ ତାଙ୍କୁ ଖୋଳ କରୁଥିଲା। ମାଲିକ ବି ଟେର୍ ପାଇ ନଥିଲେ। ସେ ଜାଣିଲା ବେଳକୁ ବ୍ୟାଙ୍କ୍ ଆକାଉଣ୍ଟରୁ ଗାଏବ ହୋଇଯାଇଥିଲା ୯.୯୫ ଲକ୍ଷ ଟଙ୍କା। ସେ ଥାନାରେ ଅଭିଯୋଗ କରିଥିଲେ। ଆଉ ତଦନ୍ତ ବେଳେ ପୁଲିସ୍ ହାତରେ ପଡ଼ିଥିଲା ବିଶ୍ୱାସଘାତକ ଡ୍ରାଇଭର। ଏହି ଘଟଣାଟି ଘଟିଛି ରାଜଧାନୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ। ଗିରଫ ଅଭିଯୁକ୍ତର ନାଁ ମନୋଜ ମାହାନା (୩୫)। ତା' ଘର ଡମଣାର ଗୋପୀନାଥ ସାହିରେ। ସେ ଡ. ଗୌରୀ ଦାସ (୭୧)ଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଅଭିଯୋଗ ଅନୁଯାୟୀ, ମଝିରେ ଗୌରୀ ଦାସ ଅସୁସ୍ଥ ଥିଲେ। ସେଥିପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେ ଡାକ୍ତରଖାନାରେ ପଡ଼ିଥିବା ସମୟରେ ତାଙ୍କ ଆକ୍ସିସ ବ୍ୟାଙ୍କ ଆକାଉଣ୍ଟରୁ ଅଜଣା ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରେନ୍ସଫର ହୋଇଥିଲା। ବ୍ୟାଙ୍କ ପାସ୍‌ବୁକ୍ ଅପ୍‌ଡେଟ୍ କରିବା ପରେ ଏକଥା ତାଙ୍କ ନଜରକୁ ଆସିଥିଲା। ତାଙ୍କ ମୋବାଇଲ୍‌ରୁ ଫୋନ୍‌ପେ' ମାଧ୍ୟରେ ଏହି ସବୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ଅଭିଯୋଗ ପାଇବା ପରେ ପୁଲିସ୍ ଘଟଣାର ଖୋଳତାଡ଼ କରିଥିଲା। ତଦନ୍ତ ବେଳେ ଏ କାମ ଡ୍ରାଇଭର ମନୋଜ ମାହାନାର ବୋଲି ଜଣାପଡ଼ିଥିଲା।

ପୁଲିସ୍‌ର ସୂଚନା ଅନୁଯାୟୀ, ଗୌରୀ ଦାସଙ୍କ ମୋବାଇଲରେ ମନୋଜ ଫୋନ୍‌ପେ' ଆପ୍ ଡାଉନ୍‌ଲୋଡ୍ କରି ପର୍ଯ୍ୟାୟ କ୍ରମେ ଟଙ୍କା ଟ୍ରାନ୍ସଫର କରିଥିଲା। ମନୋଜ ତା' ସ୍ତ୍ରୀ ଓ ମା'ଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିଥିଲା। ଏହା ସହିତ ନିଜ ଆକାଉଣ୍ଟକୁ ମଧ୍ୟ ଟଙ୍କା ପଠାଇଥିଲା। ମନୋଜଠାରୁ ପୁଲିସ୍ ଦୁଇଟି ମୋବାଇଲ୍ ଫୋନ୍, ୩ଟି ସିମ୍, ୪ଟି ବ୍ୟାଙ୍କ୍ ପାସ୍ ବୁକ୍, ୩ଟି ଏଟିଏମ୍ କାର୍ଡ ଓ ଗୋଟିଏ ଆଧାରକାର୍ଡ ଜବତ କରିଛି।

# ମେଡିକାଲ ପାଠପଢ଼ା ଫି ବୃଦ୍ଧିକୁ ଚାରିଆଡୁ ବିରୋଧ

ଭୁବନେଶ୍ୱର ,୦୭/୦୩ (ନି.ପ୍ର): ରାଜ୍ୟର ସରକାରୀ ମେଡିକାଲ କଲେଜରେ ଛାତ୍ରଛାତ୍ରୀଙ୍କ ପାଇଁ ହୋଇଥିବା ଫି' ବୃଦ୍ଧିକୁ ଚାରିଆଡୁ ତୀବ୍ର ବିରୋଧ ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀଙ୍କଠାରୁ ଅଭିଭାବକ ଓ ବିଭିନ୍ନ ସଂଘ ଫି' ବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ଲାଗି ଦାବି କରିଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ଆଜି ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ କୋଭିଡ ମହାମାରୀ ଯୋଗୁଁ ଗତ ୨ବର୍ଷ ହେଲାଣି ଲୋକମାନଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଏ ପରିସ୍ଥିତିରେ ମେଡିକାଲ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଫି' ବୃଦ୍ଧି କରିବାର ଏହା ଉପଯୁକ୍ତ ସମୟ ନୁହେଁ। ରାଜ୍ୟର ୫୦ ପ୍ରତିଶତ ଛାତ୍ରଛାତ୍ରୀ/ଅଭିଭାବକଙ୍କ ଡାକ୍ତର କିମ୍ବା ଇଞ୍ଜିନିୟର ହେବାର ଏକ ସ୍ୱପ୍ନ ରହିଥାଏ। ମାତ୍ର ପାଠପଢ଼ା ପାଇଁ ଅଧିକ ଫି' ପାଇଁ ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କୁ ଡାକ୍ତରୀ ପଢ଼ାଇବା ପାଇଁ ୟୁକ୍ରେନ୍ କିମ୍ବା ଋଷ ପଠାଇବାକୁ ବାଧ ହେଉଛନ୍ତି। ବର୍ଦ୍ଧିତ ଫି' ଅନେକ ଛାତ୍ରଛାତ୍ରୀ/ଅଭିଭାବକଙ୍କୁ ପ୍ରଭାବିତ କରିବ।



ତେଣୁ ଚଳିତ ଶିକ୍ଷାବର୍ଷରେ ଏହି ଫି' ବୃଦ୍ଧିକୁ ଲାଗୁ ନ କରିବା ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସେହିପରି ଭିମ୍‌ସାର ଛାତ୍ର ସଂଘ ସଭାପତି ଦିବ୍ୟଦର୍ଶନ ତ୍ରିପାଠୀ କହିଛନ୍ତି, ପୂର୍ବରୁ ପାଠପଢ଼ା ଫ' ଯାହା ରହିଥିଲା ତାହାକୁ ଫେରାଇ ଦିଆଯାଉ। ଯାହାଫଳରେ ଗରିବ, ମେଧାବୀ ଛାତ୍ରଛାତ୍ରୀ ଏଥିରେ ଉପକୃତ ହୋଇପାରିବେ। ଓମ୍‌ସାର ସାଧାରଣ ସଂପାଦକ ଡା.ବିଶ୍ୱଜିତ ସାମଲ କହିଛନ୍ତି, ଏମିତିରେ ଦରଦାମ୍ ବୃଦ୍ଧି ପାଇଁ ସବୁକିଛି ବଢ଼ି ଚାଲିଛି। ମେଡିକାଲ ପାଠପଢ଼ା ଫି' ବୃଦ୍ଧି ହେଲେ ଛାତ୍ରଛାତ୍ରୀ/ଅଭିଭାବକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ବାହାର ଦେଶରେ ମେଡିକାଲ ପାଠପଢ଼ା ଫି' କମ୍ ଥିବାରୁ ସେଠାକୁ ଛାତ୍ରଛାତ୍ରୀମାନେ ପଢ଼ିବା ଲାଗି ଯାଉଛନ୍ତି। କମ୍ ଖର୍ଚ୍ଚରେ ଛାତ୍ରଛାତ୍ରୀ ଯଦି ରାଜ୍ୟରେ ପଢ଼ିବାର ସୁଯୋଗ ପାଆନ୍ତେ ତାହାଲେ ଲୋକଙ୍କୁ ସେବା ମିଳିପାରନ୍ତା ବୋଲି ସେ କହିଛନ୍ତି। ଅପରପକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କହିଛନ୍ତି, ବିଭିନ୍ନ ସମୟରେ ଡିଏମ୍‌ଇଟିଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥାନ୍ତି। ଯଦି ଏହାକୁ ନେଇ କିଛି ଲୋକଙ୍କ ଅସନ୍ତୋଷ ରହିଛି, ତାହାଲେ ଆଲୋଚନା ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଏହା ଉପରେ କ'ଣ ପଦକ୍ଷେପ ନିଆଯାଇ ପାରିବ ଆଲୋଚନା କରାଯାଇ ତାହାର ଏକ ଖସଡ଼ା ପ୍ରସ୍ତୁତ କରାଯିବ। ପରବର୍ତ୍ତୀ ସମୟରେ ସମସ୍ତଙ୍କୁ ଏ ସଂପର୍କରେ ସୂଚନା ଦିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ଉଲ୍ଲେଖ ଯେ ସୁପର ସ୍ପେସିଆଲିଟି ପାଠ୍ୟକ୍ରମ ପାଇଁ ୪୯ ପ୍ରତିଶତ, ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମ ପାଇଁ ୨୭.୮ ପ୍ରତିଶତ ଫି' ବଢ଼ାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

# ପ୍ରହସନ ପାଲଟିଛି ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ : ୫ବର୍ଷରେ ୨୫% ଅନ୍ଧତ୍ୱ ଦୂରୀକରଣ ଯୋଜନା ଫେଲ୍

ଭୁବନେଶ୍ୱର ,୦୭/୦୩ (ନି.ପ୍ର): ୨୦୧୭ ମସିହାରେ ରାଜ୍ୟରେ ଆରମ୍ଭ ହୋଇଥିଲା ସାର୍ବଜୀନନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ 'ସୁନେତ୍ର'। ଏଥିପାଇଁ ୫ବର୍ଷରେ ୬ଶହ କୋଟି ଖର୍ଚ୍ଚ କରିବା ସହିତ ୨୦୨୨ ବେଳକୁ ରାଜ୍ୟର ୨୫ ପ୍ରତିଶତ ଅନ୍ଧତ୍ୱ ଦୂର କରିବାକୁ ଲକ୍ଷ୍ୟ ରଖା ଯାଇଥିଲା। ଚଳିତବର୍ଷ ଏହି କାର୍ଯ୍ୟକ୍ରମକୁ ୫ବର୍ଷ ପୂରୁଛି। ମାତ୍ର ଉଦ୍‌ଘାଟନ ସମୟରେ କାର୍ଯ୍ୟକ୍ରମକୁ ସରକାରୀ ସ୍ତରରେ ନେଇ ଯେଉଁଭଳି ଭାବେ ପ୍ରଚାର ପ୍ରସାର କରାଯାଇଥିଲା ତାହା ସଂପର୍କରେ ଆଉ ଚର୍ଚ୍ଚା କରାଯାଉନାହିଁ। ଯୋଜନା ଏକପ୍ରକାର ପ୍ରହସନରେ ପରିଣତ ହୋଇଛି। ଆବଶ୍ୟକ ଚଷମା, ଇଞ୍ଜେକସନ୍ ହସ୍ପିଟାଲରେ ଉପଲବ୍ଧ ହେଉନାହିଁ। ରାଜ୍ୟରେ ୮୦ଭାଗ ଅନ୍ଧତ୍ୱର ମୁଖ୍ୟ କାରଣ ହେଉଛି ମୋତିଆବିନ୍ଦୁ। ତେଣୁ ଠିକ୍ ସମୟରେ ମୋତିଆବିନ୍ଦୁର ଅସ୍ତ୍ରୋପଚାର କରାଯାଇ ଏହାଜନିତ ହେଉଥିବା ଅନ୍ଧତ୍ୱକୁ ଦୂର କରିବା ପାଇଁ 'ସୁନେତ୍ର'ରେ ଗୁରୁତ୍ୱ ଦିଆଯାଇଥିଲା। ଚକ୍ଷୁ ସେବାକୁ ତୃଣମୂଳସ୍ତରକୁ ନେବା ଲାଗି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ଓ ପରବର୍ତ୍ତୀ ସମୟରେ ପିଏଚ୍‌ସି ଓ ସବ୍ ସେଣ୍ଟରରେ ଏସବୁ ସୁବିଧା ପହଞ୍ଚାଇବା ଲାଗି କୁହାଯାଇଥିଲା। ଗ୍ଲୁକୋମା, ମଧୁମେହ ରୋଗୀଙ୍କ କ୍ଷେତ୍ରରେ ହେଉଥିବା ରେଟିନୋପାଥିର ସ୍କ୍ରିନିଂ ମାଗଣା ଔଷଧ/ଇଞ୍ଜେକସନ୍ ଦେବାକୁ ମଧ୍ୟ ଯୋଜନାରେ ନିଷ୍ପତ୍ତି ହୋଇଥିଲା। ଏସବୁର ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଏକ ୧୬ଜଣିଆ କମିଟି ଗଠନ କରିଥିଲେ। ଏଲ୍ ?ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଡା. ଟି.ପି ଦାସ ଏହି କମିଟିର ଅଧ୍ୟକ୍ଷ ରହିଥିଲେ। କମିଟିର କାର୍ଯ୍ୟକାଳ ୫ବର୍ଷ ରହିଥିଲା। ପରବର୍ତ୍ତୀ ସମୟରେ ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ଏକ ସୋସାଇଟି ଗଠନ କରାଯାଇଛି। ସ୍ୱାସ୍ଥ୍ୟ ସଚିବ ଏହି କମିଟିର ଅଧ୍ୟକ୍ଷ ଥିବା ବେଳେ ଡା. ଟି.ପି ଦାସ ଏହାର ଅନ୍ୟତମ ଅଧ୍ୟକ୍ଷ ରହିଛନ୍ତି। ଗଭର୍ଣ୍ଣି ବଡିରେ ୨୪ଜଣ ସଦସ୍ୟ ରହିଛନ୍ତି। ତେବେ ସୋସାଇଟିର ବୈ ?ଠକ କେବେ ବସୁଛି ଓ ଯୋଜନାକୁ ତ୍ୱରାନ୍ୱିତ କରିବା ଲାଗି କ'ଣ କ'ଣ ପଦକ୍ଷେପ ନିଆଯାଉଛି ତାହା ଅନ୍ଧାରରେ। ସରକାର ଘୋଷଣା କରିଥିବା ୬ଶହ କୋଟି ଟଙ୍କା ଭିତରୁ ୫ବର୍ଷ ଭିତରେ କେତେ ଟଙ୍କା ଅନୁମୋଦନ ହୋଇଛି ଓ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହା ସଂପର୍କରେ କେହି ମୁହଁ ଖୋଲୁ ନାହାନ୍ତି। ଯୋଜନାର ବାସ୍ତବତା ହେଉଛି ପ୍ରତିବର୍ଷ ରାଜ୍ୟ ସରକାର ଯେତିକି ସଂଖ୍ୟକ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରୁଛନ୍ତି, ତା'ଠାରୁ କମ୍ ସଂଖ୍ୟକ ମୋତିଆବିନ୍ଦୁ ଅସ୍ତ୍ରୋପଚାର ହୋଇପାରୁଛି। ଚକ୍ଷୁ ପରୀକ୍ଷା କରିବାକୁ ଆସୁଥିବା ରୋଗୀଙ୍କ ପାଇଁ 'ଡ୍ରପ୍' ଆପ୍ ପ୍ରସ୍ତୁତି ପାଇଁ ମଧ୍ୟ ଉଦ୍ୟମ ହୋଇଥିଲା। ଏହି ଆପ୍ ଜରିଆରେ ଜଣେ ପଞ୍ଜୀକରଣ କଲେ ରୋଗୀଙ୍କ ସମସ୍ତ ତଥ୍ୟ ରହିବା ସହିତ ରାଜ୍ୟର ଯେ କୌଣସି ସ୍ଥାନରେ ନିଜର ଚକ୍ଷୁ ପରୀକ୍ଷା କରିପାରିବେ। ହେଲେ ଆପ୍ କାର୍ଯ୍ୟ କରୁଛି କି ନାହିଁ ତାହା ଜଣାନାହିଁ। ସେହିପରି ହସ୍ପିଟାଲକୁ ଚକ୍ଷୁ ପରୀକ୍ଷା ପାଇଁ ଆସୁଥିବା ରୋଗୀଙ୍କୁ ଚଷମା ମିଳୁନାହିଁ। କେଉଁ କେଉଁ ମାସରେ କିଛିଟା ଚଷମା ଆସୁଛି ତ ଆଉ କେଉଁ ମାସରେ ଜମାରୁ ନାହିଁ। ଏ ସମସ୍ୟା କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟବ୍ୟାପୀ ଏହି ସମସ୍ୟା ଦେଖିବାକୁ ମିଳୁଛି। ରାଜଧାନୀର ପୋଖରୀପୁଟସ୍ଥିତ ୟୁପିଏଚ୍‌ସିରେ ଥିବା ଭିଜନ୍ ସେଣ୍ଟରକୁ ଉଦାହରଣ ଭାବେ ନିଆଯାଉ। ଏଠାରେ କେବଳ ରୋଗୀଙ୍କ ଚକ୍ଷୁ ପରୀକ୍ଷା ହେଉଥିବା ବେଳେ କିଛି ବଡ଼ ସମସ୍ୟା ହେଲେ ରୋଗୀଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ରେଫର କରାଯାଉଛି। ସେଠାରେ ରୋଗୀଙ୍କୁ ଚଷମା ମଧ୍ୟ ଦିଆଯାଉଛି। ସେହିପରି କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଚକ୍ଷୁ ରୋଗୀଙ୍କ ପାଇଁ ଆବଶ୍ୟକ ରାନିବିଜୁମା, ଟୋସିଲିଜୁମା ଭଳି ଇଞ୍ଜେକସନ୍ ଉପଲବ୍ଧ ହେଉନାହିଁ। ଯୋଜନା ଆରମ୍ଭର କିଛି ମାସ ପର୍ଯ୍ୟନ୍ତ ଏସବୁ ଇଞ୍ଜେକସନ୍ ହସ୍ପିଟାଲରେ ଉପଲବ୍ଧ ହେଉଥିଲା। ହସ୍ପିଟାଲ ଅଧିକାରୀ ଏଥିପାଇଁ ଟେଣ୍ଡର କରାଯାଇଥିବା କହୁଛନ୍ତି। ମାତ୍ର କେବେ ଆସିବ ତାହା ସ୍ପଷ୍ଟ କରିପାରୁ ନାହାନ୍ତି। ରାଜ୍ୟବ୍ୟାପୀ 'ସୁନେତ୍ର' ଯୋଜନାରେ ଅବ୍ୟବସ୍ଥା ସାମ୍ନାକୁ ଆସୁଥିବା ବେଳେ ଏହା ପଛରେ କୋଭିଡର ବାହାନା ଦର୍ଶାଯାଉଛି। କେବଳ ଯୋଜନାର କ୍ରିୟାନ୍ୱୟନ ନୁହେଁ, 'ସୁନେତ୍ରା'ଯୋଜନାରେ ଚଷମା କିଣାକୁ ନେଇ ବିବାଦ ଉଠିଥିଲା। ଗୋଟିଏ କମ୍ପାନିରୁ ଚଷମା କିଣିବା ଲାଗି ରାଜ୍ୟ ଔଷଧ ନିଗମ ରାଜ୍ୟ ରାଜକୋଷରୁ ୫୧ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଥିବା ଅଡିଟ୍‌ରେ ଧରାପଡ଼ିଥିଲା। ୨୦୧୮ ମସିହାରେ ଚଷମା କିଣା ପାଇଁ ନିଗମ ସର୍ବନିମ୍ନ ବିଡ୍ ୨୨୪ ଟଙ୍କା ବିଡ୍ ହୋଇଥିଲା ବେଳେ ପରବର୍ତ୍ତୀ ସମୟରେ ୨୭୫ ଟଙ୍କାରେ ଚଷମା କିଣା ଯାଇଥିଲା। ଯାହାକି ପୂର୍ବ ତୁଳନାରେ ୨୩ ପ୍ରତିଶତ ଅଧିକ ରହିଥିବା ଅଡିଟ୍ ?ରେ ସ୍ପଷ୍ଟ ହୋଇଥିଲା। ଏଭଳି ଅନୁକମ୍ପା ବିରୋଧରେ ସ୍ୱାସ୍ଥ୍ୟ ବିଭାଗ ଯେଉଁ ଉତ୍ତର ରଖିଥିଲା ତାହାକୁ ସିଏଜି ଗ୍ରହଣ କରି ନ ଥିଲେ। ଯାହାଫଳରେ ଚଷମା କିଣାରେ ବ୍ୟାପକ ହେରଫେର ହୋଇଥିବା ନଜରକୁ ଆସିଥିଲା। 'ସୁନେତ୍ର' ଯୋଜନାର ନୋଡାଲ ଅଧିକାରୀ ଜୀବନ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏବେ ରାୟଗଡ଼ାରେ ଥିବାରୁ କିଛି କହିପାରିବେ ନାହିଁ ବୋଲି କହିଥିଲେ।



## ନୂତନ ଗୋଶାଳା ଓ ପ୍ରାଣୀ ଆମ୍ବୁଲାନ୍ସ ସେବା ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୦୭/୦୩ (ନି.ପ୍ର): ପ୍ରାଣୀ ସେବା ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିମନ୍ତେ ଏକ ଜିଲାସ୍ତରୀୟ ବୈଠକ ସ୍ଥାନୀୟ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାରେ ନୂତନ ଗୋଶାଳା ପ୍ରତିଷ୍ଠା, ଗୋଶାଳାର ବିକାଶ, ପ୍ରାଣୀ ସେବା ନିମନ୍ତେ ଆମ୍ବୁଲାନ୍ସ ବ୍ୟବହାର, ବୁଲା କୁକୁରମାନଙ୍କ ବନ୍ଧ୍ୟାକରଣ ଓ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ଗୋଶାଳା ପ୍ରତିଷ୍ଠା ଓ ବିକାଶ ପାଇଁ ଆବେଦନ କରିଥିବା ବେସରକାରୀ ଅନୁଷ୍ଠାନ(ଏନଜିଓ)ମାନଙ୍କର ଆବେଦନ ଉପରେ ବିଚାର କରାଯାଇ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡକୁ ନାମ ସୁପାରିଶ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲାରେ ପ୍ରାଣୀ ଆମ୍ବୁଲାନ୍ସ ସେବା ଏବଂ ବାଲେଶ୍ୱର ପୌରପାଳିକା ଅଞ୍ଚଳରେ ବୁଲା କୁକୁରମାନଙ୍କ ବନ୍ଧ୍ୟାକରଣ ଓ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ ଢଙ୍ଗରେ ତୁରନ୍ତ ଆରମ୍ଭ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିପାଇଁ ଆବଶ୍ୟକ ଭିତିଭୂମି ପ୍ରସ୍ତୁତ ସହ କର୍ମଚାରୀଙ୍କୁ ନିୟୋଜିତ କରି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାକୁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବନମାଳୀ ସାହୁ ପ୍ରମୁଖ ମଂଚାସୀନ ଥିବା ବେଳେ ଅନ୍ୟାନ୍ୟ ଅଧିକାରୀ, ଜୀବମଙ୍ଗଳ କର୍ମକର୍ତ୍ତା, ରେମୁଣା ଓ ସୋର ଗୋଶାଳାର ସମ୍ପାଦକ ଉପସ୍ଥିତ ଥିଲେ । ଡା. ଅଜିତ କୁମାର ସାମଲ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ (ଜୀବ ମଙ୍ଗଳ) କାର୍ଯ୍ୟକ୍ରମର ସଂଚାଳନ କରିଥିବା ବେଳେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣୀଧନ ଉତ୍ପାଦନ) ଡା. ରଞ୍ଜନ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୭ ଦିନ ପାଇଁ ସିବିଆଇ ହେପାଜତରେ ପୂର୍ବତନ ଏନଏସଇ ମୁଖ୍ୟ ଚିତ୍ରା ରାମକୃଷ୍ଣ

ନୂଆଦିଲ୍ଲୀ, ୦୭/୦୩ (ନି.ପ୍ର): ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ନ୍ୟାସନାଲ ଷ୍ଟକ ଏକ୍ସଚେଂଜ (ଏନଏସଇ)ର ଗୋପନୀୟ ତଥ୍ୟ ପ୍ରକାଶ କରିଥିବାରୁ ଗିରଫ ହୋଇଥିବା ପୂର୍ବତନ ଏନଏସଇ ମୁଖ୍ୟ ଚିତ୍ରା ରାମକୃଷ୍ଣଙ୍କୁ ୭ ଦିନିଆ ସିବିଆଇ ହେପାଜତକୁ ପଠାଯାଇଛି । ଏହି ମାମଲାରେ ସହ-ଅଭିଯୁକ୍ତ ଆନନ୍ଦ ସୁବ୍ରମଣ୍ୟମଙ୍କ ସିବିଆଇ ହେପାଜତକୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ କୋର୍ଟ ବୃଦ୍ଧି କରିଛନ୍ତି । ସୋମବାର ଦିନ ସିବିଆଇ ଚିତ୍ରା ରାମକୃଷ୍ଣଙ୍କୁ କୋର୍ଟରେ ହାଜର କରି ୧୪ ଦିନିଆ ରିମାଣ୍ଡରେ ନେବାକୁ ଚାହୁଁଛି । ସିବିଆଇ କହିଛି ଯେ, ଚିତ୍ରା ରାମକୃଷ୍ଣଙ୍କୁ ଏନଏସଇ ଏବଂ ଏସଇବିଆଇ ଅଧିକାରୀଙ୍କ ଆଗରେ ପଚରା ଉଚୁରା କରିବାକୁ ପଡ଼ିବ । ସିବିଆଇ କୋର୍ଟଙ୍କୁ କହିଛି ଯେ, ଏହା ଆନନ୍ଦ ସୁବ୍ରମଣ୍ୟମଙ୍କ ସାମ୍ନାରେ ବସି ଚିତ୍ରା ରାମକୃଷ୍ଣଙ୍କୁ ପଚରାଉଚୁରା କରିଥିଲା, କିନ୍ତୁ ଚିତ୍ରା ରାମକୃଷ୍ଣ ସୁବ୍ରମଣ୍ୟମଙ୍କୁ ଚିହ୍ନିବାକୁ ମନା କରିଦେଇଥିଲେ ହେଁ ଉଭୟଙ୍କ ମଧ୍ୟରେ ଅଢ଼େଇ ହଜାର ଇମେଲ ବିନିମୟ ହୋଇଥିଲା ।

## ଫକୀରମୋହନ ସାହିତ୍ୟ ପରିଷଦକୁ 'ଉତ୍କର୍ଷ ସମ୍ମାନ'ପ୍ରଦାନ



ବାଲେଶ୍ୱର, ୦୭/୦୩ (ନି.ପ୍ର): ସାହିତ୍ୟ,ସଂସ୍କୃତି ଓ ପରମ୍ପରାର ବିକାଶ ତଥା ସୁରକ୍ଷା ପାଇଁ ଯାଜପୁର ରୋଡ୍ ସ୍ଥିତ ବ୍ୟାସନଗରଠାରେ 'ଆମ ସାହିତ୍ୟ ପରିବାର' ନାମକ ଅନୁଷ୍ଠାନ ତରଫରୁ ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ-୨୦୨୨ ରବିବାର ଦିବସବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷଠାରୁ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟରତ ଯୋଗ୍ୟ ଅନୁଷ୍ଠାନ ପାଇଁ ଉତ୍କର୍ଷସମ୍ମାନ ପ୍ରଚଳନ କରାଯାଇଛି। ଏହି କ୍ରମରେ ପ୍ରଥମ ବର୍ଷ ଉତ୍କର୍ଷତାର ଶିଖର ଛୁଇଁଥିବା ଫକୀରମୋହନ ସାହିତ୍ୟ ପରିଷଦକୁ 'ଆମ ସାହିତ୍ୟ ପରିବାର ଉତ୍କର୍ଷ ସମ୍ମାନ-୨୦୨୨' ପ୍ରଦାନ କରାଯାଇଛି। ଶ୍ରୀଯୁକ୍ତ ଅଲେଖ ପ୍ରସାଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଆସରରେ ବ୍ୟଙ୍ଗଶିଳ୍ପୀ ମାଧବ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟକ, ପ୍ରଫେସର ମନୋରଞ୍ଜନ ମହାନ୍ତି ମୁଖ୍ୟ ବକ୍ତା ଓ ଓଡ଼ିଶା ସାହିତ୍ୟ ଏକାଡେମୀର ଯାଜପୁର ଜିଲ୍ଲା ସଦସ୍ୟ ରୀତାରାଣୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉପସଭାପତି ପ୍ରଦୀପ ଚାଟାର୍ଜୀ, କୋଷାଧ୍ୟକ୍ଷ ତପନ କୁମାର ରାୟ ଓ ପ୍ରାକ୍ତନ ସଭାପତି ଡ.ଶିରୀଶଚନ୍ଦ୍ର ଜେନା ଉତ୍ସବରେ ଯୋଗ ଦେଇ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଉପାୟନ ଓ ମାନପତ୍ର ଗ୍ରହଣ କରିଥିଲେ।

## ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ ପାଇଁ କଂଗ୍ରେସ ଦେଲା ୮ ପ୍ରାର୍ଥୀ

ନୀଳଗିରି, ୦୭/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ମାର୍ଚ୍ଚ ୭ତାରିଖ ନାମାଙ୍କପତ୍ର ଦାଖଲର ଶେଷ ଦିବସ ଥିବା ବେଳେ ନୀଳଗିରି ଏନ.ଏ.ସି.ର ମୋଟ ୪୪ଜଣ କାଉନସିଲର ଓ ୫ଜଣ ଚେୟାରମେନ୍ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏନ.ଏ.ସି.ର ୧୩ଗୋଟି ୱାର୍ଡରୁ ୮ଗୋଟି ୱାର୍ଡରେ କଂଗ୍ରେସ କାଉନସିଲର ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ଚେୟାରମେନ୍ ପାଇଁ ମଧ୍ୟ ନାମାଙ୍କନ ଦାଖଲ କରିଛନ୍ତି । ବାଲିଗୋହିରୀ ଗ୍ରାମର ଛବିରାଣୀ ସେଠୀ କଂଗ୍ରେସ ଦଳ ପକ୍ଷରୁ ଚେୟାରମେନ୍ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ୨ନଂ. ୱାର୍ଡର କାଉନସିଲର ଭାବେ ସତ୍ୟପ୍ରକାଶ ସିଂ, ୩ନଂ. ରୁ ଅଂଜନା ସିଂ, ୪ନଂ. ରୁ ବିନୟ ଦନାକ, ୭ନଂ ରୁ ମିନତୀ ଜେନା, ୯ନଂ. ରୁ ଭାଗ୍ୟଲକ୍ଷ୍ମୀ ସିଂ, ୧୦ ନଂ.ରୁ ଜୟନ୍ତି ବେହେରା, ୧୧ନଂ. ରୁ ରଶ୍ମିତା ବେହେରା ଏବଂ ୧୩ ନଂ. ରୁ ରୀତାଂଜଳି ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅବଶିଷ୍ଟ ୫ଗୋଟି ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ଥିବା ଜଣାପଡ଼ିଛି । କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ନୀଳଗିରି ଏନ.ଏ.ସି.ର କଂଗ୍ରେସ ସଭାପତି ଉପେନ୍ଦ୍ର ବେହେରା ଏବଂ ରାଜ୍ୟ କଂଗ୍ରେସ କିଷାନ ମୋର୍ଚ୍ଚା ର ସାଧାରଣ ସଂପାଦକ ଯଶୋଦା ନନ୍ଦନ ସିଂହ ଉପସ୍ଥିତ ଥିଲେ ।

## ସହମତିରେ ନୀଳଗିରି ବାର ଏସୋସିଏସନର ପ୍ରାର୍ଥୀପତ୍ର ଦାଖଲ

ନୀଳଗିରି, ୦୭/୦୩ (ନି.ପ୍ର): ରାଜ୍ୟବାର ଏସୋସିଏସନ ନିର୍ଦ୍ଦେଶ ଅନୁଯାଇ ସୋମବାର ସମସ୍ତ ବାର ଏସୋସିଏସନର ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଥିଲା । ନୀଳଗିରି ସବଡିଭିଜନ ବାର ଏସୋସିଏସନରେ ମଧ ଶେଷ ତାରିଖ ଥିବାରୁ ସହମତି ପ୍ରତ୍ୟେକ ପଦବୀ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ କରିଥିବାରୁ ସମସ୍ତ ପଦବୀ ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଛନ୍ତି । ସର୍ବସମ୍ମତି କ୍ରମେ ପ୍ରାର୍ଥୀ ଦିଆଯାଇଥିବାରୁ ନିର୍ବାଚନ ହେବାର କୌଣସି ସମ୍ଭାବନା ନାହିଁ । ସଭାପତି ଭାବେ ପୂର୍ବତନ ସଭାପତି ଚିତରଂଜନ ଷଡ଼ଙ୍ଗୀ ପୂନର୍ବାର ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ନିଳିମା ବାରିକ, ଖଗେଶ୍ୱର ଜେନା, ସଂପାଦକ କିଶୋର ଚନ୍ଦ୍ର ଦାସ, ସହସମ୍ପାଦକ ଶ୍ରୀ ସୁରେଶ ଚନ୍ଦ୍ର ବାରିକ, ସୁକାନ୍ତ କୁମାର ନାୟକ, କୋଷାଧକ୍ଷ ଦେବାନନ୍ଦ ଦାସ, କାର୍ଯ୍ୟକାରୀ ସଦସ୍ୟ ଭାବେ ଯତିନ୍ଦ୍ର ନାୟକ, ଗୌରହରି ବେହେରା, ଅଶୋକ କୁମାର ବେହେରା, ତନୟ କୁମାର ପାତ୍ର, ଜୟନ୍ତ କୁମାର ସ ପ୍ରମୁଖ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ।

## ବାଲେଶ୍ୱର ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ଶେଷ

ବାଲେଶ୍ୱର,୦୭/୦୩ (ନି.ପ୍ର): ଆସନ୍ତା ୨୬ ତାରିଖର ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ପାଇଁ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ନାମାଙ୍କନ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱରେ ଥିବା ଆଇନଜୀବୀ କାର୍ତ୍ତିକ ଚନ୍ଦ୍ର ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ୩ ଦିନିଆ ନାମାଙ୍କନ ପ୍ରକ୍ରିୟାରେ ବିଭିନ୍ନ ପଦ ପାଇଁ ମୋଟ ୫୧ ଜଣ ପ୍ରର୍ଥିପତ୍ର ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ, ମନୋଜ କୁମାର ନାୟକ ଓ ଲକ୍ଷ୍ମୀକାନ୍ତ ବେହେରା, ଉପ-ସଭାପତି ପାଇଁ ନୃସିଂହ ଚରଣ ନାୟକ ଓ ବସନ୍ତ ପ୍ରଧାନ; ସମ୍ପାଦକ ପଦ ପାଇଁ ସମ୍ବିତ କୁମାର ନନ୍ଦୀ, ଦୀପକ କୁମାର ଦାଶ, ଅମରବଲ୍ଲଭ ନନ୍ଦ, ବିଜୟ ଚନ୍ଦ୍ର ଦାସମହାପାତ୍ର ଓ ବେଣୁଧର ରାଉଳ; ସହ-ସମ୍ପାଦକ ପଦ ପାଇଁ ଚନ୍ଦ୍ରକାନ୍ତ ବେହେରା, ସୂର୍ଯ୍ୟକାନ୍ତ କର, ବିଶ୍ୱରଂଜନ ନାୟକ, ନାରାୟଣ ଚନ୍ଦ୍ର ସାହୁ, ଅନ୍ନପୂର୍ଣ୍ଣା ରାଉତ ଓ ରଣଜିତ ପଣ୍ଡା; କୋଷାଧ୍ୟକ୍ଷ ପାଇଁ ପ୍ରଶାନ୍ତ ନାୟକ, ଶକ୍ତିଧର ସାନ୍ତରା, ଅନ୍ନପୂର୍ଣ୍ଣା ରାଉତ, ଜିତେନ୍ଦ୍ର କୁମାର ଉପାଧ୍ୟାୟ ଓ ରବୀନ୍ଦ୍ର ନାଥ ନାୟକ; ସହ-କୋଷାଧ୍ୟକ୍ଷ ପଦ ପାଇଁ ପିନାକୀ ଧୀର ଓ ଶିବଶଙ୍କର ପଣ୍ଡାଙ୍କ ସମେତ ୧୦ କାର୍ଯ୍ୟକାରୀ ସଦସ୍ୟ ପଦ ପାଇଁ ୨୮ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ଶ୍ରୀ ସି ସୂଚନା ଦେଇଛନ୍ତି। ଆସନ୍ତା ୯ ତାରିଖରେ ସମସ୍ତ ପ୍ରାର୍ଥୀପତ୍ର ଯାଞ୍ଚ, ୧୦ତାରିଖରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ୧୧ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ । ମାର୍ଚ୍ଚ ୧୨ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ସି କହିଛନ୍ତି ।

## ପଶ୍ଚିମବଂଗରେ ସୀମାନ୍ତ ମହୋତ୍ସବ ଉଦ୍‌ଘାଟିତ

ଜଳେଶ୍ୱର, ୦୭/୦୩ (ନି.ପ୍ର): ଦୁଇ ରାଜ୍ୟ ଉପାନ୍ତ ଅଂଚଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଅଭିନ୍ନ । ଭାଷା ଓ ସାହିତ୍ୟ ମଧ୍ୟ ରୁଦ୍ଧିମନ୍ତ ଓ ଅଂଚଳିକ ବିକାଶ କରିଥାଏ ବୋଲି ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତନ ଥାନା ଅନ୍ତର୍ଗତ ଚକିସ୍ମାଇଲପୁର ଠାରେ ଅନୁଷ୍ଠିତ ସୀମାନ୍ତ ମହୋତ୍ସବରେ ବକ୍ତମାନେ ମତବ୍ୟକ୍ତ କରିଛନ୍ତି । ଜଳେଶ୍ୱର ଠାରୁ ୩ କିମି. ଦୂର ଚକିସ୍ମାଇଲପୁର ଠାରେ ଆୟୋଜିତ ଏହି ଉତ୍ସବରେ ସୁଶାନ୍ତ କୁମାର ସେଣ ସଭାପତିତ୍ୱ କରି ଦୁଇ ରାଜ୍ୟ ଉପାନ୍ତରେ ବନ୍ଧୁତା, ଭାଇଚାରା କରିପାରିଛି ବୋଲି କହିଥିଲେ । କର୍ମକ୍ଳାନ୍ତ ଜୀବନରେ ସାଧାରଣ ଜନତାକୁ ଆନନ୍ଦ, ସୁଖ ଦେବାଲାଗି ସାଂସ୍କୃତିକ କାର୍ଯ୍ୟକ୍ରମହିଁ ଅନ୍ୟଏକ ପନ୍ଥା ହୋଇଥିବାରୁ ମହୋତ୍ସବ ଉପାନ୍ତ ଅଂଚଳରେ ଅଧିକ ଲୋକ ପ୍ରିୟ ହୋଇଥାଏ ବୋଲି ବିଧାୟକ ବିକ୍ରମ ଚନ୍ଦ୍ର ପ୍ରଧାନ ମତବ୍ୟକ୍ତି କରିଛନ୍ତି । ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଉପାନ୍ତ ଅଂଚଳରେ ବ୍ୟକ୍ତିଗତ ବଂଧୁତା ସଅଷ୍ଟି କରିଥାଏ ବୋଲି କହିଥିଲେ । ତେଣୁ ତୁଳସୀ ଚଉରାରେ ବତି ଜାଳିବା, ସକାଳେ ଗୋବରପାଣିରେ ଘର ଅଗଣାକୁ ସୁଦ୍ଧ କରି ଚିତା କୁଟାଇବା ଓ ସଂସ୍କୃତି ଫେଣ୍ଟାଫେଣ୍ଟି ନିଷ୍କର୍ସ ବାହାର କରିବାରେ ଉପାନ୍ତ ଅଂଚଳ ଏପରି କାର୍ଯ୍ୟ ହୋଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ମେଦିନୀପୁରସ୍ଥିତି ବିଦ୍ୟାସଗର ସମବାୟ ସମିତି ସଭାପତି ପ୍ରଦୀପ କୁମାର ପାତ୍ର, ମୁଖ୍ରବକ୍ତାଭାବେ କମଳ ଚକ୍ରବର୍ତ୍ତି, ମନୋରଂଜନ ଦାସ, ସୁଶାନ୍ତ ବେହେରା, ଚନ୍ଦ୍ରମୋହନ ରାଉଳ, ନବକୁମାର ମହାପାତ୍ର, କନକ ପାତ୍ର, ଅନନ୍ତ ମାର୍ଣ୍ଡି, ପୁତୁଲ ଦାସ, ବାସୁଦେବ ଟେଙ୍କୁଆ, ମିଳନ କର ପ୍ରମୁଖ ଦୁଇରାଜ୍ୟର ଭାଇଚାରା, ସମ୍ପର୍କ ଓ ବିକାଶ ସଂପର୍କରେ କହିଥିଲେ । ଶ୍ରୀକାନ୍ତ ମିର୍ଦ୍ଧା ଧନ୍ୟବାଦ ପ୍ରଦାନ କରିଥିଲେ ।

## ସିପିଏଲ ସିଜିନ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, ୦୭/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ଓ କଲେଜ ଫିଲଡ ବୋଏଜ ଦ୍ୱାରା ଆୟୋଜିତ ସିପିଏଲ ସିଜନ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ଥ୍ରୀଲର୍ସ ମୁର୍ଗାବାଡି ରାଇଡର୍ସକୁ ୯ ରନରେ ପରାସ୍ତ କରିଛି । ଥ୍ରୀଲର୍ସର ରାଜୀବ ସିଂହ ୩୨ ରନ ଓ ସେହି ଦଳର ସାଇବା ସିଂହ ୩ଟି ଉଇକେଟ ଅକ୍ତିଆର କରିଥିଲେ। ମୁର୍ଗାବାଡିର ଅଭିନାଶ ଦେଓ ୩୪ ରନ କରିଥିବା ବେଳେ ସେହି ଦଳର ସୁଭାଶିଷ ଧିର ଓ ଅରିଜିତ ମିଶ୍ର ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଦ୍ୱିତୀୟ ମ୍ୟାଚରେ ପ୍ଲେବେକ -୧୧ ଷ୍ଟେସନ ଥାଂଡରକୁ ୭ଉଇକେଟରେ ପରାସ୍ତ କରିଛି । ପ୍ଲେବେକର ଆଦିତ୍ୟ କୁମାର ବସା ସର୍ବାଧିକ ୨୮ ରନ କରିଥିବା ବେଳେ ସେହି ଦଳର ବିଜୟ କୁମାର ପାତ୍ର ଓ ଯଶୋବନ୍ତ ମାଝୀ ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଆଜିର ଖେଳକୁ ଅଭିଳାଷ ବିଶ୍ୱାଳ, ଉତମ ମହାକୁଡ଼, ଲକ୍ଷ୍ମୀଧର ସିଂହ ଓ ସୁଶାନ୍ତ ମହାନ୍ତି ପରିଚାଳନା କରିଥିବାବେଳ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରବିବରଣୀ ପ୍ରଦାନ କରିଥିଲେ । ଗତକାଲି ରାତିରେ ଖେଳାଯାଇଥିବା ତୃତୀୟ ମ୍ୟାଚରେ ପ୍ଲେବେକ -୧୧ ସ୍ୱାରଟେନ୍ସ କୁ ୯ରନରେ ପରାସ୍ତ କରିଥିଲେ । ପ୍ଲେବେକର ଯଶୋବନ୍ତ ମାଝୀ ସର୍ବାଧିକ ୨୮ ରନ ଓ ସେହି ଦଳର ଆଶିଷ ବସା ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଶେଷ ମ୍ୟାଚରେ ମା ଅମ୍ବିକା ୱରିୟାର୍ସ ଆରାଧା ଭିକ୍ଟୋରିଜ କୁ ୪୨ ରନରେ ପରାସ୍ତ କରିଥିଲେ। ମା ଅମ୍ବିକା ୱରିୟାର୍ସର ପ୍ରିତମ କୁମାର ବେହେରା ସର୍ବାଧିକ ୭୮ ରନ କରିବା ସହ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଆରାଧାର ମନୀଷ ରାୟବାବୁ ୩୯ ରନ କରିଥିଲେ । ଆଜିର ଖେଳକୁ ସମାଜସେବୀ ପିଣ୍ଟୁ ମାଇତି ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଉଦଘାଟନ କରିଥିବାବେଳେ ଆୟୋଜକ ସତ୍ୟ ନାରାୟଣ ଜୀଉ, ଦେବଜୀତ ପଟ୍ଟନାୟକ, ଆକାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ୩୭ ତମ ଲୋକନାଥ ପାଠାଗାର ସାହିତ୍ୟ ସମାରୋହ ଓ ସମ୍ବର୍ଦ୍ଧନା ସଭା
## ଦୃଷ୍ଟି ଶକ୍ତି ହରାଇ ମଧ୍ୟ ରାଧାଶ୍ୟାମ ଛାଡି ନାହାନ୍ତି ସାହିତ୍ୟ ନିଶା



ଖଇରା, ୦୭/୩(ନିପ୍ର) : ଔପଦା ବ୍ଲକ ଫତେପୁର ପଂଚାୟତ ହରିହରପୁର ଶାସନସ୍ଥ ଲୋକନାଥ ପାଠାଗାରରେ ସାହିତ୍ୟ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନିଷ୍ଠିତ ହୋଇଯାଇଛି । ଏହି ସଭାରେ ଅବସରପ୍ରାପ୍ତ ପ୍ରଧାପକ ଉମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲା ବେଳେ ଉଦଘାଟକ ଥିଲେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଘନଶ୍ୟାମ ପଣ୍ଡା । ଅନୁଷ୍ଠାନର ସମ୍ପାଦକ ରାଧାଶ୍ୟମ ପଣ୍ଡାଙ୍କ ପୌରହିତ୍ୟରେ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦୀନବନ୍ଧୁ ଦାଶ ଯୋଗ ଦେଇଥିଲେ ସାହିତ୍ୟ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ଗଣିତ ଅଧାପକ ବିଜୟ କୁମାର ପଣ୍ଡା ଯୋଗ ଦେଇ ଏହି ଆଧୁନିକ ଯୁଗରେ ସାହିତ୍ୟକୁ ଭଲପାଉଥିବା ଲୋକ ଖୁବ୍ କମ୍ । ସାହିତ୍ୟ ଆମର ମାତୃଭାଷା ଏହାକୁ ଭୁଲିନଯାଇ ସାହିତ୍ୟ ଏବଂ କଳା ସଂସ୍କୃତିକୁ ଆମ୍ଭ ମାନଙ୍କ ଜୀବନର ଏକ ଅଙ୍ଗ ପରି ଭାବି ମନେ ରଖିବା ପାଇଁ ସେ ଯୁବ ପିଢି ମାନଙ୍କୁ ପ୍ରେରଣା ଦେଇଛନ୍ତି । ଆଜି ଯଦି ସାହିତ୍ୟ ନଥାନ୍ତା ତେବେ ହୁଏତ ଆମ୍ଭେ ମାନେ ଓଡିଆ ବୋଲି କେବେ ହେଲେ ପରିଚିତ ଓ ଗର୍ବିତ ହୋଇପାରି ନଥାନ୍ତେ । ଆଜି ଆମ ଭାରତ ଦେଶର ୩୩ଟି ଭାଷା ମଧ୍ୟରୁ ଓଡିଆ ଭାଷା ସାହିତ୍ୟ ତାର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଅନ୍ୟମାନଙ୍କ ମଧ୍ୟରେ ଯୁବ ସାମ୍ବାଦିକ ତଥା ଅନୁଷ୍ଠାନ କାର୍ଯ୍ୟକାରୀ ସମ୍ପାଦକ ଧନଞ୍ଜୟ ପଣ୍ଡା, ଅବସର ପ୍ରାପ୍ତ ନୌସେନା ଅଧିକାରୀ ଉଦୟ କୁମାର ପଣ୍ଡା ଯୋଗଦେଇ ସାହିତ୍ୟ ସମାଜର ହିତ ସାଧନ କରିବା ସହିତ ସାହିତ୍ୟ ବିନା ଜୀବନର ମୂଲ୍ୟ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ଅବସରେ ମାତୃକୃପା ପୁସ୍ତକ ଉନ୍ମୋଚିତ କରାଯାଇଥିଲା । ୩୧ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କମ୍ପ୍ୟୁଟର ଅଧ୍ୟାପକ ଡ.ସଞ୍ଜୟ କୁମାର ପଣ୍ଡା ।

## ଈଶାଣୀ ବୈଶାଖୀ ମହୋତ୍ସବ ପାଇଁ ପ୍ରସ୍ତୁତି



ବାଲେଶ୍ୱର,୦୭/୦୩ (ନି.ପ୍ର): ଈଶାଣୀର ୩୬ତମ ଉଡ଼ାଯାତ୍ରା, ୨୪ତମ ବାସନ୍ତି ପୂଜା ଓ ସପ୍ତମ ବୈଶାଖୀ ମହୋତ୍ସବ ଆୟୋଜନ ସମ୍ପର୍କିତ ପ୍ରସ୍ତୁତି ବୈଠକ କମିଟିର ସଭାପତି ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସେନାପତିଙ୍କ ପୌରୋହିତ୍ୟରେ ଉଡ଼ାପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଭାଗବତ ସାହୁଙ୍କ ପ୍ରାରମ୍ଭିକ ସୂଚନା ପରେ କମିଟିର ପୂର୍ବତନ ସଭାପତି ଦିବଂଗତ କୈଳାସ ଦାସଙ୍କ ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ଏପ୍ରିଲ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ୨୪ତମ ବାସନ୍ତି ପୂଜାଉତ୍ସବ, ୧୦ରୁ ୧୪ ପର୍ଯ୍ୟନ୍ତ ୩୬ତମ ଉଡ଼ାଯାତ୍ରା ଉତ୍ସବ ଏବଂ ୧୦ ତାରିଖ (ରାମନବମୀ)ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୫ଦିନିଆ ସପ୍ତମ ବୈଶାଖୀ ମହୋତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। କମିଟିର ଉପ-ସଭାପତି ନରେନ୍ଦ୍ର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ତାଙ୍କ ହାତପାଣ୍ଠିରୁ ୧ଲକ୍ଷ ୩୦ ହଜାର ଟଙ୍କା ପଡ଼ିଆର ପ୍ରବେଶପଥ ଉନ୍ନତିକରଣ ପାଇଁ ପ୍ରଦାନ କରିଥିବାର ସୂଚନା ଦେଇଥିଲେ। ଏନେଇ କମିଟି ପକ୍ଷରୁ ବିଧାୟକ ଶ୍ରୀ ପରିଡ଼ାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।ଏହି ଅବକାଶରେ ଚଳିତବର୍ଷ ପାଇଁ କମିଟିର କର୍ମକର୍ତ୍ତା ମନୋନୟନ କରାଯାଇଥିଲା।

## ଜଳେଶ୍ୱର ପୌର ପାଳିକା : ପ୍ରମୁଖ ରାଜନୈତିକ ଦଳର ୪ ଓ ସ୍ୱାଧୀନ ୧ ଅଧ୍ୟକ୍ଷ ପ୍ରାର୍ଥୀ

ଜଳେଶ୍ୱର, ୦୭/୩ (ନି.ପ୍ର) : ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ଜଳେଶ୍ୱର ପୌରପାଳିକାର ୪ଟି ରାଜନୈତିକ ଦଳର ୪ଜଣ ଓ ଜଣେ ସ୍ୱାଧିନ ପ୍ରାର୍ଥୀ ଅଧ୍ୟକ୍ଷ ପଦବୀ ପ୍ରତିଯୋଗିତା ଲାଗି ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାଯାଇଛି । ଅଧ୍ୟକ୍ଷ ପଦବୀ ଚଳିତଥର ପ୍ରଥମ ଥର ହୋଇଥିବାରୁ ପ୍ରତ୍ୟେକ ରାଜନୈତିକ ଦଳ ପ୍ରାର୍ଥିତ୍ୱ ପ୍ରତି ଗୁରୁତ୍ୱ ଆରୋପ କରିଛନ୍ତି । ଜଳେଶ୍ୱର ପୌରପାଳିକା ପରିସରରେ ଆଜି ନିର୍ଦ୍ଦିଷ୍ଟ ସମୟରେ ପୌର ପ୍ରଶାସନୀକ ଅଧିକାରୀ ନିଲୁ ମହାପାତ୍ର, ପୌର ଅଧିକାରୀ ଅଜୟ ମହାପାତ୍ରଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ପଦବି ଲାଗି ନାମାଙ୍କନ ପତ୍ର ଗ୍ରହଣ କରାଯାଇଥିଲା । ଏଥିରେ ବିଜେଡିରୁ ପ୍ରତୀପ କୁମାର ପ୍ରଧାନ ତାଙ୍କ ସମର୍ଥକଙ୍କ ସହିତ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ବିଜେପିରୁ ପୂର୍ବତନ ପୌରପାଳ ପ୍ରବୀର କୁମାର ପ୍ରଧାନ ମଧ୍ୟ ସଦଳବଳେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଂଗ୍ରେସରୁ ପୂର୍ବା ଘୋଷଣା ଅନୁଯାୟୀ ରିଆଜ ଖାଁ ପ୍ରାର୍ଥପତ୍ର ଦାଖଲବେଳେ ଜନଗହଳି ଲାଗି ରହିଥିଲା । ସିପିଆଇଏମ୍ ପକ୍ଷରୁ ଆଇନ୍‌ଜିବୀ ଜିତାଂଶୁ ନନ୍ଦି ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସ୍ୱାଧିନଭାବେ ଭାସ୍କର ଚନ୍ଦ୍ର ମିଶ୍ର ପ୍ରାର୍ଥୀପତ୍ର ନିଜ ସମର୍ଥକଙ୍କ ସହିତ ଦାଖଲ କରିଛନ୍ତି । ୨୦୧୩ରୁ ୨୦୧୮ଯାଏ ଜଳେଶ୍ୱର ପୌର ପାଳିକାକୁ କଂଗ୍ରେସ ଦଖଲ କରିଥିବା ବେଳେ ୨୦୦୮ରୁ ୨୦୧୩ ବିଜେପି ନିଜ ଅକ୍ତିଆରରେ ରଖିଥିଲା । ୨୦୧୩ରେ ବିଜେଡି ନିର୍ବାଚନରେ ଜିଣିବା ସଂପର୍କରେ ଆଶା ପୋଷଣ କରାଯାଉଥିବା ବେଳେ ଆଭ୍ୟାନ୍ତରିଣ ବିଶୃଙ୍ଖଳା ଯୋଗୁ ତାହା ସମ୍ଭବ ହୋଇ ପାରିନଥିଲା । ତେଣୁ ଚଳିତଥର ବିଜେଡି ବହୁ ସମୀକ୍ଷା କରି ପ୍ରାର୍ଥୀ ପତ୍ର ଦାଖଲ କରିଛି ବୋଲି ବିଜେଡି ସଭାପତି ସୁରଜିତ ଘୋଷ ସୂଚନା ଦେଇଛନ୍ତି ।

## ରାଜଧାନୀରେ ଆଉ ୮ ପଜିଟିଭ୍

ଭୁବନେଶ୍ୱର, ୦୭/୦୩ (ନି.ପ୍ର): ଭୁବନେଶ୍ୱରରେ ସୋମବାର ଦିନ ଆଉ ୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସେହିପରି ଗତ ୨୪ ଘଂଟାରେ ଆଉ ୧୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛି। ଗତକାଲି ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩୫୬ ରେ ପହଂଚିଥିବା ବେଳେ ୧୫୪୮୬୦ ଜଣ ସୁସ୍ଥ ହୋଇଛନ୍ତି। ଅପରପକ୍ଷରେ ୧୧୯୧ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ ଆଉ ୨୮୪ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

## ଫୁଲ୍‌ୱର କସବା ନିକଟ କହଁର କୁଳ ଗ୍ରାମରେ ଆତ୍ମଜ୍ଞାନଯଜ୍ଞ



କହଁରକୁଳ, ୦୭/୦୩ (ନି.ପ୍ର): ବ୍ରହ୍ମଜ୍ଞାନୀ ଯୋଗୀ ମହିମ ମୁନିଙ୍କ ବାସଭବନରେ, ମୁନି ରାଜ ନାରାୟଣ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ମୁନି ସମାଜର ଏକ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମତୀର୍ଥର ସମ୍ପାଦକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ପ୍ରଧାନ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ମୁନି ରତ୍ନ ଯୋଗୀ ଅଭୟ ପଲେଇ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ,ହାତିଆଡିହା ଶିବମୁନି ଯୋଗାଶ୍ରମରୁ ଆସିଥିବା ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି, ଯୋଗୀ ପ୍ରଶାନ୍ତ ମୁନି, ଯୋଗୀ ଅମୁଲ୍ୟ ମୁନି, ଯୋଗୀ ଗଦାଧର ମୁନି, ଯୋଗଶିକ୍ଷୟତ୍ରୀ ଶାନ୍ତିଲତା ବେହେରା, ଯୋଗୀ ନରେନ୍ଦ୍ର ମୁନି ଇତ୍ୟାଦି ।ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ,ଯୋଗୀ ଦୟାନିଧି ମୁନି,ଯୋଗୀ ଶମ୍ଭୁନାଥ ଗିରି,ଉତ୍ତର ପ୍ରଦେଶରୁ ଆସିଥିବା ଆତ୍ମଜ୍ଞାନୀ ଯୋଗୀ କାମେଶ୍ୱର ମୁନି,ବ୍ରହ୍ମଜ୍ଞାନୀ ଯୋଗୀ ଡକ୍ଟର ପଦ୍ମନାଭ ମୁନି,ଯୋଗୀ ବଳଭଦ୍ର ସେଠି ଇତ୍ୟାଦି ।ମୁନି ସଙ୍ଗୀତ ଗାନ କରିଥିଲେ ,ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା,ମୁନି ରାଜ ପରମାନନ୍ଦ ଧଳ,ମୁନି ରାଜ ଅମୁଲ୍ୟ ମୁନି ଏବଂ ମୁନି କୁମାରୀ ବୈଜୟନ୍ତୀ ବାରିକ ଇତ୍ୟାଦି । ଉପସ୍ଥିତ ଥିଲେ- ପରମପୂଜ୍ୟା ତୁଳାମଣୀ ଭୂୟାଁ,ମୁନିମତୀ ଗୀତାଞ୍ଜଳୀ ଭୂୟାଁ, ମୁନି ନିହାରିକା ଭୂୟାଁ,ମୁନି କୁମାର ସମ୍ବିତ୍ ଭୂୟାଁ,ମୁନିରାଜ୍ଞୀ ସୁସ୍ମୀ ଭୋଇ,ପ୍ରଶାନ୍ତ ଭୋଇ,ମୁନି କୁମାର ହୃଦାନନ୍ଦ ବିଶ୍ୱାଳ,ମୁନିରାଜ୍ଞୀ ଜୟଶ୍ରୀ ବିଶ୍ୱାଳ, ମୁନି କୁମାର ଶଚିଦାନନ୍ଦ ବିଶ୍ୱାଳ, ମୁନି ଗୋପିନାଥ ମଲ୍ଲିକ, ମୁନି ଜଗନ୍ନାଥ ରାଉତ, ମୁନି ମନୋରଞ୍ଜନ ସିଂ,ମୁନି ରାଜ ଭରତ ଚନ୍ଦ୍ର ଦାସ,ବ୍ରହ୍ମାନନ୍ଦ ପ୍ରଧାନ, ମୁନି ଗହ୍ମା ସିଂ, ମୁନି ରାଜ ପୂର୍ଣଚନ୍ଦ୍ର ସାହୁ, ସୁରେନ୍ଦ୍ର ମହାଳିକ,ମନୋଜ ମୁନି, ହରିଶ୍ଚନ୍ଦ୍ର ମୁନି, ମୁନି ମଧୂସୂଦନ ମାଝି, ମୁନି ମତୀ ବାସନ୍ତୀ ପ୍ରଧାନ,ସୁଷମା ପାତ୍ର,ଜୟନ୍ତୀ ଦାସ,ରେଖାମଣୀ ଜେନା,ପ୍ରମିଳା ବେହେରା,ଚୀନ୍ମୟୀ ପ୍ରଧାନ,ମୁନି ଜଗବନ୍ଧୁ ଦାସ,ମୁନି ମତୀ ନୀଳମଣୀ,ପିନାକୀ ପଣ୍ଡୁରୀକାକ୍ଷ ପଣ୍ଡା,ମୁନି ମତୀ ଗାୟତ୍ରୀ ଭୋଇ , ଏବଂ ମୁନି ଭୂବନମୋହନ ଜେନା ଇତ୍ୟାଦି ।ମୁନି ସମାଜର ଯମ-ନିୟମ ପାଳନ ପୂର୍ବକ ଚକ୍ରଭେଦନ କ୍ରିୟା ପ୍ରତିଦିନ ଜାରୀ ରଖି ଚାଲିଲେ,ଜଣେ ସୁସ୍ଥ ସବଳ ,ନିରୋଗ ନିରାମୟ ଆନନ୍ଦମୟ ଜୀବନ ଯାପନ ନିଶ୍ଚୟ କରି ପାରିବ-ଏହ ସମସ୍ତେ ନିଜନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶେଷରେ ଯୋଗଶିକ୍ଷୟତ୍ରୀ ଆତ୍ମଦର୍ଶୀ ଶାନ୍ତିଲତା ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମଭୋଜନରେ ଆପ୍ୟାୟୀତ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo